April-1960



# ଉତ୍କଳ ପ୍ରସଙ୍ଗ

ଏପ୍ରିଲ, ୧୯୬୦ — ଚୈତ୍ର, ୧୮୮୧ ଶକାବ୍ଦ

ସମ୍ପାଦକ
ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସମ୍ପାଦକ
ଶ୍ରୀ ରାମପ୍ରସାଦ ସିଂହ

ଟେଲିଗ୍ରାମ୍—ପବ୍ଲିସିଟି, ଭୁବନେଶ୍ୱର
ଟେଲିଫୋନ୍—୧୧ ଓ ୪୦, ଭୁବନେଶ୍ୱର

ସୂଚନା [ଲୋକସମ୍ପର୍କ] ବିଭାଗ, ଓଡ଼ିଶା

ନୂଆ ରାଜଧାନୀ, ଭୁବନେଶ୍ୱର

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା
ପ୍ରତିଖଣ୍ଡର ମୂଲ୍ୟ—୧୨ ନ.ପ.

# ସୂଚୀପତ୍ର

| ବିଷୟ | ପୃଷ୍ଠା |
| --- | --- |
| ୧ । ମହାନଦୀରେ ବନ୍ୟା ଓ ବନ୍ୟା-ନିୟନ୍ତ୍ରଣ—ଶ୍ରୀ ଅଶ୍ୱିନୀକୁମାର ଭାତ୍ରଆ ... | ୧ |
| ୨ । ଜଳଶକ୍ତି—ଶ୍ରୀ ହରିବନ୍ଧୁ ଶତପଥୀ ... ... | ୯ |
| ୩ । ଓଡ଼ିଶାରେ ପ୍ରଧାନ ପ୍ରଧାନ ବିଦ୍ୟୁତ୍ ଯୋଜନାର ଅଗ୍ରଗତି ... | ୧୩ |
| ୪ । ଓଡ଼ିଶାରେ ବଜାର-ନିୟନ୍ତ୍ରଣ ଯୋଜନା ... ... | ୧୬ |
| ୫ । ଆମ ଦେଶରେ ସମବାୟ ଆନ୍ଦୋଳନର ପ୍ରସାର... ... | ୨୯ |
| ୬ । ଭାରତର ଖାଦ୍ୟ-ସମସ୍ୟା ସମ୍ପର୍କରେ ଏକ ବାସ୍ତବ ଦୃଷ୍ଟିଭଙ୍ଗୀ—ଶ୍ରୀ ଏସ୍. କେ. ପାଟିଲ | ୩୧ |
| ୭ । ପାରାଦୀପ ବନ୍ଦରର ଉତ୍ପତ୍ତି, ଯୋଜନା ଓ ନିର୍ମାଣ ... ... | ୩୩ |
| ୮ । ସମସ୍ତଙ୍କ ଜାଣିବାପାଇଁ ... ... | ୩୬ |
| ୯ । ଆମ ରାଜ୍ୟ ... ... ... | ୪୦ |
| ୧୦ । ତନାବାନା ଓ ଏହାର ଉପଯୋଗିତା ... ... | ୪୪ |
| ୧୧ । ଆକାଶବାଣୀ, କଟକ ( ପଲ୍ଲୀଶ୍ରୋତାମଣ୍ଡଳୀ କାର୍ଯ୍ୟସୂଚୀ ) ... | ୪୬ |
| ୧୨ । ଆକାଶ ବାଣୀ, କଟକ ( ୧୯୬୦ ମସିହା ମେ ମାସର କତିପୟ କାର୍ଯ୍ୟକ୍ରମ ସୂଚୀ) ... | ୪୯ |
| ୧୩ । ବିନାମ ତମସୁକ ... ... ... | ୬୩ |

ମୁଦ୍ରାକର
ପଣ୍ଡିତ ଅନସୂୟାପ୍ରସାଦ ପାଠକ
ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ.



# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ !
ଭାରତ-ଭାଗ୍ୟ-ବିଧାତା !
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ !

# ଆମ ଜାତୀୟ ସଂଗୀତର ସ୍ୱରଲିପି

ସ ଗ
ସ ରେ ଗ ଗ | ଗ ଗ ଗ ଗ | ଗ - ଗ ଗ | ରେ ଗ ମ - |
ଜ ନ ଗ ଣ ମ ନ ଅ ଧି ନା ଽ ୟ କ ଜ ୟ ହେ ଽ

ମ ସା
ଗ - ଗ ଗ | ରେ - ରେ ରେ | ନ ରେ ସା - | - - ସା - • |
ଭା ଽ ର ତ ଭା ଽ ଗ୍ୟ ବି ଧା ଽ ତା ଽ ଽ ଽ ତା ଽ

ପ ପ ମ ଧ
ପ - ପ ପ | - ପ ପ - | ପ - ପ ମ | ପ ଧ ପ - |
ଞ୍ଜା ଽ ବ ସିଂ ଽ ଧୁ ଗୁଜ ଽ ରା ଽ ଟ ମ ରା ଽ ଠା ଽ

ଗ
ମ - ମ ମ | ମ - ମ ଗ | ରେ ମ ଗ - | - - - - |
ଦ୍ରା ଽ ବି ଡ଼ ଉତ୍ ଽ କ ଳ ବଂ ଽ ଗ ଽ ଽ ଽ ଽ ଽ

ସା ରେ ପ
ଗ - ଗ ଗ | ଗ - ଗ ରେ | ଗ ପ ପ ମ | ମ - ମ - |
ବିଂ ଽ ଧ୍ୟ ହି ମା ଽ ଚ ଳ ଯ ମୁ ନା ଽ ଗଂ ଽ ଗା ଽ

ଗ ସା
ଗ - ଗ ଗ | ରେ ରେ ରେ ରେ | ନ ରେ ସା - | - - - - |
ଉ ଽ ଚ୍ଛ ଳ ଜ ଳ ଧି ତ ରଂ ଽ ଗ ଽ ଽ ଽ ଽ ଽ

ମ
ସ ଗ ଗ ଗ | ଗ - ଗ ମ | ରେ ଗ ମ - | - - - - |
ତ ବ ଶୁ ଭ ନା ଽ ମେ ଽ | ଜା ଽ ଗେ ଽ ଽ ଽ ଽ ଽ

ମ ମ ଗ
ଗ ମ ପ ଧ | ପ - ମ ଗ | ରେ ମ ଗ - | - - - -
ତ ବ ଶୁ ଭ ଆ ଽ ଶି ଷ ମା ଽ ଗେ ଽ ଽ ଽ ଽ ଽ

ସ ଗ ରେ
ଗ - ଗ - | ରେ ରେ ରେ ରେ ନ ରେ ସା - | - - - -
ଗା ଽ ହେ ଽ ତ ବ ଜ ୟ ଗା ଽ ଥା ଽ ଽ ଽ ଽ ଽ

ସା ଗ ଧ
ପ ପ ପ ପ | ପ - ପ ମ | ପ - ପ ପ | ପ ଧ ପ - |
ଜ ନ ଗ ଣ ମଂ ଽ ଗ ଳ ଦା ଽ ୟ କ ଜ ୟ ହେ ଽ

ମ ଗ ମ
ମ - ମ ମ | ଗ - ଗ ଗମ | ରେ ମ ଗ - | - - ସ ନ |
ଭା ଽ ର ତ ଭା ଽ ଗ୍ୟ ବି ଧା ଽ ତା ଽ ଽ ଽ ଜ ୟ

ନ ସାଁ ଧ
ସାଁ - - - | - - ନ ଧ | ନ - - - | - - ପ
ହେ ଽ ଽ ଽ ଽ ଽ ଜ ୟ | ହେ ଽ ଽ ଽ ଽ ଽ ଜ ୟ

ପ ଧ ଗ
ଧ - - - | - - - - | ସା ସା ରେ ରେ | ଗ ଗ ରେ ଗ
ହେ ଽ ଽ ଽ ଽ ଽ ଽ ଽ ଜ ୟ ଜ ୟ ଜ ୟ ଜ ୟ
ମ - - - | - - - - |
ହେ ଽ ଽ ଽ ଽ ଽ ଽ ଽ



କେନ୍ଦ୍ରମନ୍ତ୍ରୀ ଶ୍ରୀ ହୁମାୟୁନ କବିର କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ବୁଲି ଦେଖୁଛନ୍ତି



ଶ୍ରୀମତୀ କମଳାଦେବୀ ଚଟ୍ଟୋପାଧ୍ୟାୟ କଳାବିକାଶ କେନ୍ଦ୍ର ବୁଲି ଦେଖୁଛନ୍ତି

ଉତ୍କଳ ପ୍ରସଙ୍ଗ

ଷୋଡ଼ଶ ଭାଗ—୯ମ ସଂଖ୍ୟା ★ ଚୈତ୍ର, ୧୮୮୧ ଶକାବ୍ଦ ★ ଅପ୍ରେଲ, ୧୯୬୦

# ମହାନଦୀରେ ବନ୍ୟା ଓ ବନ୍ୟା-ନିୟନ୍ତ୍ରଣ

ଶ୍ରୀ ଅଶ୍ୱିନୀକୁମାର ଡାଲୁଆ, ଏମ୍. ଏ.

ମହାନଦୀ ଉତ୍ପତ୍ତିସ୍ଥାନଠାରୁ ମୁହାଣ ପର୍ଯ୍ୟନ୍ତ ୫୩୩ ମାଇଲ ଲମ୍ବ । ଓଡ଼ିଶାର ସମତଳ ଅଞ୍ଚଳଗୁଡ଼ିକୁ ଜଳ ଯୋଗାଉଥିବା ସମସ୍ତ ନଦୀମାନଙ୍କମଧ୍ୟରେ ଏହା ବୃହତ୍ତମ । ନଦୀର ଉପରିଆଡ଼େ ଅର୍ଥାତ୍ ତ୍ରିକୋଣଭୂମି ମୁହାଣରେ ଏହାର ଜଳଭଣ୍ଡାରର ଆୟତନ ହେଉଛି ୫୧,୦୦୦ ବର୍ଗମାଇଲ । ଏହା ଲଙ୍କା (ସିଲୋନ)ର ଆୟତନର ଦୁଇଗୁଣଠାରୁ ମଧ୍ୟ ଅଧିକ । ଏପରି କି ଯୁକ୍ତରାଷ୍ଟ୍ର ଆମେରିକାର ଟି.ଭି.ଏ. ଅଧିକାର କରିଥିବା ସ୍ଥାନର ଆୟତନଠାରୁ ମଧ୍ୟ ଏହା ୧୦,୦୦୦ ବର୍ଗମାଇଲ ଅଧିକ । ମହାନଦୀରେ ବାର୍ଷିକ ୭୪,୦୦୦,୦୦୦ ଏକର ଫୁଟ ଜଳ (୧) ପ୍ରବାହିତ ହୁଏ । ଯଦି ପୃଥିବୀ ପୃଷ୍ଠରେ ଏହି ଜଳକୁ ସଞ୍ଚିତ ରଖାଯାଇପାରନ୍ତା, ତେବେ ସମଗ୍ର ଓଡ଼ିଶା ରାଜ୍ୟଟିରେ ଦୁଇ ଫୁଟ ଗଭୀର ପାଣି ଜମି ଯାଆନ୍ତା (୨) । ଏଥିରୁ ଏହି "ମହାନ୍ ନଦୀ"ରେ ପ୍ରବାହିତ ଜଳରାଶି କେତେ ବିଶାଳ, ତାହା ବୁଝାପଡ଼ୁଛି ।

## ବନ୍ୟା କାହିଁକି ?

ବନ୍ୟା ଆମ ଦେଶର ଏକପ୍ରକାର ସ୍ଥାୟୀ ଘଟଣା । ପ୍ରତ୍ୟେକ ବର୍ଷ ବହୁନଦୀରେ ବଢ଼ି ହୁଏ ଓ ତାହାଫଳରେ ଏପରି ବ୍ୟାପକ କ୍ଷତି ଘଟେ ଯେ ଏହାର ନିସ୍ତାକରଣପାଇଁ ବହୁକାଳରୁ ଉଦ୍ୟମ ହୋଇଆସିଛି । ଭାରତୀୟ ନଦୀଗୁଡ଼ିକର ଇତିହାସକୁ ଅନେକାଂଶରେ ଭାରତର ଇତିହାସ ବୋଲି କୁହାଯାଇପାରେ; କାରଣ ଉର୍ବର ନଦୀକୂଳବର୍ତ୍ତୀ ସମତଳ ଭୂମିହିଁ ଜନବସତିର ପ୍ରଧାନ ସ୍ଥାନ ହୋଇଆସିଛି ।

(୧) ହୀରାକୁଦ ଯୋଜନା, ୧୯୫୭ ଜାନୁଆରୀ ୧୩ ତାରିଖ । ଜଳସେଚନ ଓ ବିଦ୍ୟୁତ୍‌ଶକ୍ତି ମନ୍ତ୍ରାଳୟ, ଭାରତ ସରକାର ।

(୨) ଏଜନ ।

# ଉତ୍କଳ ପ୍ରସଙ୍ଗ

କିନ୍ତୁ ବର୍ତ୍ତମାନ ଅଧିକ ଜନବସତି ସ୍ଥାପନପାଇଁ ଲୋକଙ୍କୁ ଆକର୍ଷଣ କରିବା ପରିବର୍ତ୍ତେ ନଦୀଗୁଡ଼ିକ ସେଥିରୁ ନିବୃତ୍ତ କରାଇଦେଉଛି । ବନ୍ୟାହିଁ ହେଉଛି ଏହାର ଅନ୍ତର୍ନିହିତ କାରଣ । କିନ୍ତୁ କେବଳ ଆଜିକାଲି ନଦୀଗୁଡ଼ିକରେ ବନ୍ୟା ହେଉଛି, ଏହା କ'ଣ ସତ୍ୟ ? ଏହା ବାସ୍ତବିକ୍ ସତ୍ୟ ନୁହେଁ । ଯୌବନ ଓ ପରିଣତ ଅବସ୍ଥା ମଧ୍ୟ ଦେଇ ଗତି କରି ନଦୀ ପୁରାତନ ଅବସ୍ଥାରେ ପଦାର୍ପଣ କରୁଥିବାବେଳେ ନଦୀର ଶଯ୍ୟା ଧୀରେ ଧୀରେ ପୋତି ହୋଇ ପଡ଼ୁଛି । କାରଣ ନଦୀର ସୋତରେ କ୍ଷୟପ୍ରାପ୍ତ ପଦାର୍ଥସବୁ ଭାସି ଆସି ନଦୀଶଯ୍ୟାର ନିମ୍ନ ଅଂଶରେ ଜମାହୋଇଯାଉଛି ।

ମୃତ୍ତିକାକ୍ଷୟ ସର୍ବଦା ବନ୍ୟାବିପତ୍ତି ବୃଦ୍ଧି କରିଥାଏ । ମୃତ୍ତିକାକ୍ଷୟର ବିଭିନ୍ନ କାରଣ ରହିଛି । ନଦୀର ଅବବାହିକାରେ ଥିବା ଗଛଲତାଦି ଜଳସ୍ରୋତର ଗତିରେ ବାଧାଦିଏ ଓ ଜଳର ଗତିବେଗ ନିୟନ୍ତ୍ରଣ କରେ । ଏହାଫଳରେ ମୃତ୍ତିକାକ୍ଷୟ ମଧ୍ୟ ନିୟନ୍ତ୍ରିତ ହୁଏ । ମଧ୍ୟ-ପ୍ରଦେଶ ଓ ଓଡ଼ିଶାର ଆଦିମ ଅଧିବାସୀମାନେ ମହାନଦୀର ଉପର ଅଞ୍ଚଳରେ (course) ପୋଡ଼ୁ-ଚାଷ କରିଥାନ୍ତି ଓ ଏହାଦ୍ୱାରା ମୃତ୍ତିକାକ୍ଷୟର ସୁବିଧା ହୁଏ । ଏହିପରି ଭାବରେ ପ୍ରଚୁର ପଦାର୍ଥ ନଦୀର ଶଯ୍ୟାରେ ସଞ୍ଚିତ ହୁଏ । ଅଧିକ ପରିମାଣ ବର୍ଷା ହେବାଦ୍ୱାରା ଓ ଜଳସ୍ରୋତରେ କ୍ଷୟପ୍ରାପ୍ତ ବସ୍ତୁ ଭାସି ଆସି ନଦୀଶଯ୍ୟାକୁ ପୋତି ପକାଇବାଫଳରେ ନଦୀର ଜଳଧାରଣ ଶକ୍ତି କମିଯିବାରୁ ବନ୍ୟା ହୋଇଥାଏ । ନଦୀର ବୟସ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ନଦୀ ଶଯ୍ୟା ବେଶି ବେଶି ଅଗଭୀର ହୋଇ ପଡ଼େ । ମହାନଦୀ ବୃଦ୍ଧାବସ୍ଥାରେ ପଦାର୍ପଣ କରିଛି । ତେଣୁ ବର୍ତ୍ତମାନ ବର୍ଷମାନଙ୍କରେ ବନ୍ୟାର ସଂଖ୍ୟା ଓ ସେଗୁଡ଼ିକର ଭୀଷଣତା ବହୁଗୁଣରେ ବୃଦ୍ଧି ପାଇଛି ।

ଅଧିକ ପରିମାଣରେ ଗୋରୁ ଚରିବା ବନ୍ୟାର ମୁଖ୍ୟ କାରଣ ନ ହେଲେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ । ଏହା ଉପରେ ପୁଣି ମହାନଦୀ ଉପକୂଳବର୍ତ୍ତୀ ସ୍ଥାନମାନଙ୍କରେ ବିଶେଷତଃ ତ୍ରିକୋଣଭୂମି ଅଞ୍ଚଳରେ ଲୋକସଂଖ୍ୟାର ଚାପ ରହିଛି । ଲୋକସଂଖ୍ୟା ଓ ସେମାନଙ୍କର ଗାଈଗୋରୁଙ୍କ ଚାପଯୋଗୁଁ ଆଉ ଚରିବା ତୃଣଭୂମି ନାହିଁ । ତେଣୁ ବ୍ୟାପକ ମୃତ୍ତିକାକ୍ଷୟ ହେଉଛି ଓ ତାହାଫଳରେ ବନ୍ୟା ସଂଘଟିତ ହେଉଛି ।

ଦାକ୍ଷିଣାତ୍ୟର ସମତଳ ଭୂମି ଗଣ୍ଡୱାନା ଭୂମିର ଅନ୍ତର୍ଭୁକ୍ତ ହୋଇଥିବାରୁ ତାହା ଯେ ହିମାଳୟ ଅପେକ୍ଷା ଅଧିକ ପୁରାତନ, ଏହା ଏକ ସୁପ୍ରତିଷ୍ଠିତ ତଥ୍ୟ । ଓଡ଼ିଶା ଓ ମଧ୍ୟ-ପ୍ରଦେଶର ଯେଉଁ ପାହାଡ଼ିଆ ଅଞ୍ଚଳ ମଧ୍ୟ ଦେଇ ମହାନଦୀ ପ୍ରବାହିତ ହେଉଛି, ତାହା ଦାକ୍ଷିଣାତ୍ୟ ସମତଳ ଭୂମିର ଏକ ଅଂଶ । ଏହି ସତ୍ୟ ଉପରେ ଭିତ୍ତି କରି ଆମେ ଯୁକ୍ତି କରିପାରିବା ଯେ ସିନ୍ଧୁ ଓ ଗଙ୍ଗା ନଦୀ ଅପେକ୍ଷା ମହାନଦୀ ଅଧିକ ପୁରାତନ । ମୋସୋଜୋଆ-କାଳ (ପ୍ରାକ୍-ଐତିହାସିକ ସରୀସୃପ ଯୁଗ)ରୁ ମହାନଦୀ ତ୍ରିକୋଣ ଭୂମି ସୃଷ୍ଟି କରି ଆସୁଅଛି । ଏପରି କି ସିନ୍ଧୁ ଓ ଗଙ୍ଗା ନଦୀ ମଧ୍ୟ ସେତେବେଳେ ପର୍ଯ୍ୟନ୍ତ ଟେଥିସ୍ ସାଗର (୩) (ପ୍ରାଚୀନତମ ସାଗର, ଯେଉଁଥିରୁ ଆଧୁନିକ ଭୂମଧ୍ୟସାଗର ଜନ୍ମଲାଭ କରିଛି) ମଧ୍ୟରେ ନିମଜ୍ଜିତ ଥିଲେ । ଏହି ତ୍ରିକୋଣଭୂମି ସୃଷ୍ଟି ହେବାଦ୍ୱାରା ମହାନଦୀର ବନ୍ୟାକୁ ସାହାଯ୍ୟ କରି ଆସୁଛି ।

---

(୩) ସିନ୍ହା ବଚନାନନ୍ଦ "ମହାନଦୀ ତ୍ରିକୋଣଭୂମିର ଅଭିବୃଦ୍ଧି," ଦ ନ୍ୟୁ ଲାଇଫ୍, ଖଣ୍ଡ-୧—୩ୟ ସଂଖ୍ୟା ୧୯୫୩, ୮ମ ପୃଷ୍ଠା ।

ପ୍ରତ୍ୟେକ ବର୍ଷ ତ୍ରିକୋଣଭୂମି ସୃଷ୍ଟି କରିବା ପାଇଁ ନଦୀ ୪୦,୦୦୦ ଏକର ଫୁଟ ପଟ୍ଟମାଟି ବହି ନେଇ ଆସେ । ଏହାଦ୍ୱାରା ଓଡ଼ିଶାର ଉପକୂଳରେ ନୂଆ ଭୂମିର ସୃଷ୍ଟି ହୁଏ (୪) । ହିସାବ କରି ଦେଖାଯାଇଛି ଯେ ୧୮୩୮ ମସିହାରୁ ମହାନଦୀ ବଙ୍ଗୋପସାଗର ଭିତରେ ୨¾ ମାଇଲ୍ ତ୍ରିକୋଣ-ଭୂମି ସୃଷ୍ଟି କରିପାରିଛି ଓ ହୁକିଟୋଲ ନିକଟରେ ମହାନଦୀ ତ୍ରିକୋଣଭୂମି ବର୍ଷକୁ ହାରାହାରି ୨ ଇଞ୍ଚ ହିସାବରେ ବୃଦ୍ଧି ପାଇଛି (୫) । ନଦୀ ଓ ସମୁଦ୍ରମଧ୍ୟରେ ବହୁଯୁଗରୁ ଏକ ଯୁଦ୍ଧ ଚାଲିଛି । ନଦୀ ନିଜର ଜଳ ଓ ପଟୁ ବାହାର କରି ଦେବାପାଇଁ ବାଟ ଖୋଜୁଥିଲାବେଳେ ସମୁଦ୍ର ନିଜର ବାଲୁକା ପୂର୍ଣ୍ଣ ପ୍ରବାହଦ୍ୱାରା ସେଗୁଡ଼ିକୁ ପ୍ରତିହତ କରୁଛି । "ଏହି ଦୁଇଟି ଶକ୍ତି ପରସ୍ପରର ବିରୋଧ କରନ୍ତି ଓ ସମୁଦ୍ର ନଦୀ ମୁହାଣ ବାହାରେ ଗୋଟିଏ ପ୍ରତିବନ୍ଧକ ସୃଷ୍ଟି କରୁଥିଲାବେଳେ ନଦୀ ତାହାର ତ୍ରିକୋଣ-ଭୂମିକୁ ବାଁ ଓ ଡାହାଣ (ବାମ ଓ ଦକ୍ଷିଣ) ଆଡ଼କୁ ଠେଲି ଦିଏ (୬) ।" ସମୁଦ୍ର ଉପକୂଳର ତିନୋଟି ସମାନ୍ତରାଳ ବାଲୁକା ବନ୍ଧରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ ତ୍ରିକୋଣଭୂମି ସମୁଦ୍ର ଭିତର ଆଡ଼କୁ ପ୍ରସାର ଲାଭ କରିଛି ଓ ସମୁଦ୍ର ପଛକୁ ଘୁଞ୍ଚିଯାଇଛି । ତ୍ରିକୋଣ-ଭୂମିର ଏପ୍ରକାର ସୃଷ୍ଟି ଓ ବିସ୍ତାରଫଳରେ ନଦୀରେ ବନ୍ୟା ଆହୁରି ଜଟିଳ ଓ ଦୀର୍ଘକାଳ ସ୍ଥାୟୀ ହୋଇ ପଡ଼ୁଛି । କାରଣ ଯେଉଁ ବନ୍ୟା ଜଳକୁ ଅଳ୍ପ ସମୟ ଭିତରେ ବାହାର କରି ଦିଆଯାଇ ପାରୁଥିଲା, ତାହା ବର୍ତ୍ତମାନ ସମୁଦ୍ର ଭିତରକୁ ଛାଡ଼ି ଦେବାପାଇଁ ବହୁତ ସମୟ ଲାଗୁଛି ।

## ମହାନଦୀ, ବ୍ୟତିକ୍ରମ ନୁହେଁ

ପୃଥିବୀର ଅନ୍ୟାନ୍ୟ ବଡ଼ ବଡ଼ ନଦୀବହୁଳ ସମତଳଭୂମିପରି ମହାନଦୀ ମଧ୍ୟ ଜନବସତିର ଏକ କେନ୍ଦ୍ରସ୍ଥଳ । ବନ୍ୟା-ପ୍ରକୋପପାଇଁ ଏହି ନଦୀ ବିଖ୍ୟାତ । ବନ୍ୟା ନଦୀବହୁଳ ସମତଳଭୂମିଗୁଡ଼ିକର ଲକ୍ଷଣ-ସ୍ୱରୂପ ହୋଇଥିବାରୁ ତ୍ରିକୋଣଭୂମି ଅଞ୍ଚଳରେ ମହାନଦୀ ଗଭୀର ଓ ସଂକୀର୍ଣ୍ଣ ପାର୍ଶ୍ୱତ୍ୟ ଶଯ୍ୟା-ବିଶିଷ୍ଟ, ତେଣୁ ସେଠାରେ ବନ୍ୟା ପ୍ରାଦୁର୍ଭାବ କମ୍ ହୋଇଥାଏ । ଆକସ୍ମିକଭାବରେ ବନ୍ୟା ହୋଇ ନିକଟବର୍ତ୍ତୀ ସ୍ଥାନମାନଙ୍କର ଖାଲୁଆ ଅଞ୍ଚଳକୁ ଜଳରେ ବୁଡ଼ାଇ ଦିଏ ଓ ତାହାପରେ ଅଳ୍ପ ସମୟ ଭିତରେ ପୁଣି ଛାଡ଼ିଯାଏ । ମଧ୍ୟ-ପ୍ରଦେଶର ବିଳାସପୁର ଜିଲ୍ଲାରେ ନଦୀର ଉପର ମୁଣ୍ଡରେ ୧୮୯୧ ମସିହାରେ ହୋଇଥିବା "ଉତ୍ପାଦକ ବନ୍ୟା" ବିଶେଷ ଉଲ୍ଲେଖଯୋଗ୍ୟ (୭) । ସମ୍ବଲପୁରରେ ବନ୍ୟା ସମୟରେ ମହାନଦୀ ଏକ ମାଇଲରୁ ଅଧିକ ଚଉଡ଼ା ହୋଇଯାଇ ଏକ ବିଶାଳ ରୂପ ଧାରଣ କରେ । ନଦୀର ଚଉଡ଼ା ବଢ଼ିଯିବା ସଙ୍ଗେ ସଙ୍ଗେ ସହରର ତଳ ଅଞ୍ଚଳରେ ବନ୍ୟାର ପ୍ରକୋପ ମଧ୍ୟ ବଢ଼ିଯାଏ । ବୁଢ଼ିଉଠିଥିବା କୂଳ ଟପି ଗୋଳିଆ (କାଦୁଆ) ପାଣି ମାଡ଼ିଯାଏ ଓ ଏଥି ସହିତ ଗଛଲତା, ଗଛଗଣ୍ଡି ଓ ବେଳେବେଳେ ମନୁଷ୍ୟ ବା ପଶୁର ଶବ ମଧ୍ୟ ଭାସି ଯାଇଥାଏ । ତ୍ରିକୋଣ ଭୂମି ଅଞ୍ଚଳକୁ ଓଡ଼ିଶାର ଶସ୍ୟାଗାର ବୋଲି କୁହାଯାଇ-

(୪) ସିହ୍ନା ବିଚିତ୍ରାନନ୍ଦ, "ମହାନଦୀ ତ୍ରିକୋଣ ଭୂମିର ଅଭିବୃଦ୍ଧି," ଦି ନିଉ ଲାଇଫ୍, ଗ୍ରନ୍ଥ-୧—୩ୟ ସଂଖ୍ୟା ୧୯୫୩-ପୃଷ୍ଠା—୮ ।

(୫) ଏଜନ ପୃଷ୍ଠା—୯ ।

(୬) କଟକ ଜିଲ୍ଲା, ବିହାର ଓ ଓଡ଼ିଶା ଜିଲ୍ଲା ଗେଜେଟିଅର୍, ଦ୍ୱିତୀୟ ସଂସ୍କରଣ, ୧୯୩୩, ପୃଷ୍ଠା—୬ ।

(୭) ବିଳାସପୁର ଜିଲ୍ଲା, ମଧ୍ୟପ୍ରଦେଶ ଜିଲ୍ଲା ଗେଜେଟିଅର, ୧୯୧୦, ପୃଷ୍ଠା—୭

ଯାଏ । ଧାନଭଳି ମୁଖ୍ୟ ଫସଲଠାରୁ ଆରମ୍ଭ କରି ଏ ଅଞ୍ଚଳରେ ସବୁପ୍ରକାର ଅର୍ଥକରୀ ଫସଲ ଓ ରବିଫସଲ ଚାଷ କରାଯାଇଥାଏ । ବନ୍ୟା ସମୟରେ ନଦୀମୁହାଣ ନିକଟରେ ବାହାରି ଆସୁଥିବା ଜଳର (୮) ସର୍ବାଧିକ ମାତ୍ରା ହେଉଛି ସେକେଣ୍ଡକୁ ୨୦,୦୦,୦୦୦ କ୍ୟୁବିକ୍ ଫୁଟ । ଏହା ଗଙ୍ଗାନଦୀର ସର୍ବାଧିକ ମାତ୍ରା ସହିତ ସମାନ । ବନ୍ୟାଜଳ ଉର୍ବର ଖାଲୁଆ ଅଞ୍ଚଳକୁ ଅଗଭୀର ସମୁଦ୍ରରେ ପରିଣତ କରେ । ବନ୍ୟାଜଳ ଅଧିକକାଳ ରହିବାଫଳରେ ମ୍ୟାଲେରିଆ, ବାତଜ୍ୱର ଓ ହଇଜା ପ୍ରଭୃତି ରୋଗ ଦେଖାଦିଏ । ଭାରତର ଭୂତସମ୍ପର୍କୀୟ ମାନଚିତ୍ରରେ ଓଡ଼ିଶାକୁ ଏକ ବଳକା ରାଜ୍ୟରୂପେ ଗଣନା କରାଯାଏ; କିନ୍ତୁ ଏ ରାଜ୍ୟ ପ୍ରାଚୁର୍ଯ୍ୟମଧ୍ୟରେ ଦୈନ୍ୟର ଏକ ସୁସ୍ପଷ୍ଟ ପ୍ରତୀକ ଓ ମହାନଦୀହିଁ ହେଉଛି ଏହି ବୈଷମ୍ୟର ପ୍ରଧାନ କାରଣ ।

ଓଡ଼ିଶାର ଅନ୍ୟାନ୍ୟ ପ୍ରତ୍ୟେକ ନଦୀଭଳି ମହାନଦୀ ନିଜର ଜଳ ନିୟନ୍ତ୍ରଣପାଇଁ ପୂରାପୂରି ଅକ୍ଷମ । ଭରା ବନ୍ୟା ସମୟରେ କଟକର ଉପର ଆଡ଼କୁ ମହାନଦୀରେ ସେକେଣ୍ଡକୁ ୧୮,୦୦,୦୦୦ ଘନଫୁଟ ଜଳ ନିଷ୍କାସିତ ହୋଇଛି ବୋଲି ହିସାବ କରାଯାଇଛି (୯) । କିନ୍ତୁ କଟକର ତଳଆଡ଼କୁ ଥିବା ମହାନଦୀର ସମସ୍ତ ଶାଖାର ମୋଟ ଜଳଧାରଣ କ୍ଷମତା ହେଉଛି ପ୍ରତି ସେକେଣ୍ଡକୁ ମାତ୍ର ୯୦୦,୦୦୦ ଘନଫୁଟ (୧୦) । ତେଣୁ ଏହି ଜଳରାଶିର ଅର୍ଦ୍ଧେକ କେବଳ ସୋତରୂପେ ପ୍ରବାହିତ ହୁଏ । ଅନ୍ୟ ଅର୍ଦ୍ଧାଂଶ ଉଚ୍ଛୁଳି ପଡ଼ି ବନ୍ୟା ସୃଷ୍ଟିକରେ ।

୧୯ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ମହାନଦୀ ଉପତ୍ୟକାରେ ବନ୍ୟାର ଇତିହାସ ମିଳିପାରିବ । ୧୮୬୬ ମସିହା ସୁଦ୍ଧା ଶେଷ ହୋଇଥିବା ୩୨ ବର୍ଷ ମଧ୍ୟରୁ ୨୪ ବର୍ଷ ବନ୍ୟା ହୋଇଛି (୧୧) । ୧୮୬୬ର କୁଖ୍ୟାତ ଦୁର୍ଭିକ୍ଷ ପରେ ପରେ ବନ୍ୟାବିପତ୍ତି ଲାଗିରହିଥିଲା । ଏଥିରେ ପ୍ରାୟ ୧୦ ଲକ୍ଷ ଲୋକଙ୍କର ପ୍ରାଣହାନି (୧୨) ହୋଇଥିଲା । କେବଳ ପୁରୀ ଜିଲ୍ଲାରେ ୧୮୬୬ର ବନ୍ୟାଫଳରେ ୨୭୫ ବର୍ଗମାଇଲ ପରିମିତ ଅଞ୍ଚଳ ୫ ଦିନରୁ ୪୫ ଦିନ ପର୍ଯ୍ୟନ୍ତ ଜଳମଗ୍ନ ହୋଇ ରହିଥିଲା । ଏହାଦ୍ୱାରା ୪୧୨୦୦୦ରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ (୧୩) । ୧୯୫୫ରେ ପ୍ଲାବନ ଆହୁରି ଭୟଙ୍କର ହୋଇଥିଲା । ୧୯୧୦ ମସିହାଠାରୁ ୩୦ ବର୍ଷମଧ୍ୟରେ କେବଳ ବନ୍ୟାଯୋଗୁଁ ୩୫୦ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଯାଇଥିଲା (୧୪) । ହିସାବ କରି ଦେଖାଯାଇଛି ଯେ ୧୮୬୮ ମସିହାଠାରୁ

---

(୮) ଇମ୍ପେରିଆଲ୍ ଗେଜେଟିଅର୍ ଅଫ୍ ଇଣ୍ଡିଆ, ୧୭ଶ ସଂଖ୍ୟା, ୧୯୦୮, ପୃଷ୍ଠା—୪୩୦

(୯) Hunter, W.W.; Orissa, Vol. 1, London, Smith Elder & Co; 1872, P—48.

(୧୦) ଏଜନ୍ ପୃଷ୍ଠା—୪୯

(୧୧) ଏଜନ୍, ପୃଷ୍ଠା—୬୪

(୧୨) ଉତ୍କଳ ପ୍ରସଙ୍ଗ, ସାଧାରଣତନ୍ତ୍ର ବିଶେଷ ସଂଖ୍ୟା, ଓଡ଼ିଶା ସରକାରଙ୍କଦ୍ୱାରା ପ୍ରକାଶିତ, ଫେବ୍ରୁଆରୀ, ୧୯୬୩, ପୃଷ୍ଠା—୫

(୧୩) Op. Cit. Hunter, ପୃଷ୍ଠା—୬୨

(୧୪) ଉତ୍କଳ ପ୍ରସଙ୍ଗ, ଶିଳ୍ପ ସଂଖ୍ୟା, ଓଡ଼ିଶା ସରକାରଙ୍କଦ୍ୱାରା ପ୍ରକାଶିତ, ଫେବ୍ରୁଆରୀ, ୧୯୬୩, ପୃଷ୍ଠା—୩୪୮

ମହାନଦୀର ସମୁଦ୍ର ଓ ଉତ୍ତର ତ୍ରିକୋଣଭୂମିରେ ୩୯ ଥର ବନ୍ୟା ହୋଇଯାଇଛି (୧୫)। ଗୋଟିଏ ଗୋଟିଏ ଥରର ବନ୍ୟାଫଳରେ କେତେ ଧନ ଓ ଜୀବନ ଧ୍ୱଂସ ହୁଏ, ତାହା ଏଥିରୁ ଅନୁମେୟ। ମହାନଦୀର ବନ୍ୟା ଇତିହାସରେ ୧୯୫୫ ମସିହାର ବନ୍ୟା ଏକ ସ୍ମରଣଯୋଗ୍ୟ ଘଟଣା। କେତେକଙ୍କ ମତରେ କେବଳ ତେଜସ୍ୱି ବୃଷ୍ଟିପାତଯୋଗୁଁ ଏହି ବନ୍ୟା ହୋଇଥିଲା। ଏହାର କାରଣ ଯାହା ହୋଇଥାଉ ପଛକେ, ଏହି ବନ୍ୟା ଓଡ଼ିଶାରେ ଏକ ବ୍ୟାପକ ଧ୍ୱଂସଲୀଳା ସୃଷ୍ଟି କରିଥିଲା। କେବଳ ଦଳାଇଘାଇ (କଟକ ସହରର ପୂର୍ବ ଦିଗକୁ ଅଳ୍ପ କେତେକ ମାଇଲ ଦୂରରେ ଥିବା ଗୋଟିଏ ମାଟିବନ୍ଧ) ଭାଙ୍ଗିଯିବାଫଳରେ ପ୍ରାୟ ୨½ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ଧ୍ୱଂସ ହୋଇଯାଇଥିଲା। ୪୦୦୦ ଘର ଧସି ଯାଇଥିଲା। ୮୦୦୦ ଘର ପୁରାପୁରି ଭାଙ୍ଗିପଡ଼ିଥିଲା। ୨୦ ଜଣ ଲୋକ ଓ ପ୍ରାୟ ୭୦ଟି ଗାଈଗୋରୁ ପ୍ରାଣ ହରାଇଥିଲେ (୧୬)।

## ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା

ଭାରତ ବିଶେଷତଃ ଓଡ଼ିଶା ହେଉଛି ଏକ କୃଷି-ପ୍ରଧାନ ଦେଶ। ବନ୍ୟାଫଳରେ ଅଗଣିତ ଧନଜୀବନ କ୍ଷୟ ହେବା ବିଷୟ ଦେଶର ଲୋକ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏକ କୃଷିଜୀବୀ ଜାତିରୂପେ ତିଷ୍ଠି ରହିବାକୁ ହେଲେ ବର୍ତ୍ତମାନ ଆମର ସର୍ବପ୍ରଧାନ କର୍ତ୍ତବ୍ୟ ହେଉଛି ଭବିଷ୍ୟତରେ ବନ୍ୟା-ବିପତ୍ତିର ନିରୋଧ କରିବାପାଇଁ ଉପାୟ ଖୋଜ ବାହାର କରିବା।

ବନ୍ୟା ନିୟନ୍ତ୍ରଣ କରିବା, ମୃତ୍ତିକାକ୍ଷୟ ବନ୍ଦ କରିବା ଏବଂ ସର୍ବୋପରି ବନ୍ୟା ନିରୋଧ କରିବା-ନିମନ୍ତେ ମୃତ୍ତିକାସଂରକ୍ଷଣ କାର୍ଯ୍ୟ ଏକ ସାଧାରଣ ବ୍ୟବସ୍ଥା ବୋଲି ଜଣାଯାଏ। ଅନେକ ଅଞ୍ଚଳରେ ବନମହୋତ୍ସବ ଅଭିଯାନ ଆରମ୍ଭ କରାଯାଇଛି। ମହାନଦୀର ଉପର ଅଂଶରେ ବାସ କରୁଥିବା ଯେଉଁ ଆଦିବାସୀମାନେ ପୋଡ଼ୁଚାଷ କରିଥାନ୍ତି, ସେମାନଙ୍କୁ ଅନ୍ୟାନ୍ୟ ଅଞ୍ଚଳରେ ବସବାସ କରାଇ ଭଲ ଚାଷ ଜମି ଯୋଗାଇ ଦେବା ଆବଶ୍ୟକ। ଏହାଦ୍ୱାରା ମୃତ୍ତିକାକ୍ଷୟ ନିରୋଧ କରାଯାଇପାରିବ। ବର୍ତ୍ତମାନ ବହୁଳଭାବରେ ଜଙ୍ଗଲ ହୋଇ ନ ଥିବା ସମତଳ ଅଞ୍ଚଳର ବିସ୍ତୀର୍ଣ୍ଣ ଜାଗାମାନଙ୍କୁ ନେଇ ଯଥାଶୀଘ୍ର ବୃକ୍ଷରୋପଣ କରିବା ଉଚିତ। ଟାଙ୍ଗର ଓ ବୃକ୍ଷଲତା-ହୀନ ଅଞ୍ଚଳରେ ଯଥାଶୀଘ୍ର କିପରି ଜଙ୍ଗଲ କରାଯାଇ ପାରିବ, ତାର ବ୍ୟବସ୍ଥା ହେବା ଆବଶ୍ୟକ। କାରଣ ବନ୍ୟାର ସ୍ରୋତ କମାଇବା ଓ ବନ୍ୟାନିରୋଧ କରିବା ଦିଗରେ ଜଙ୍ଗଲ ସାହାଯ୍ୟ କରିଥାଏ।

ନଦୀଶଯ୍ୟାକୁ ସଳଖ କରିବା ଏବଂ ଏଠାରୁ ପଙ୍କ, ବାଲି ଆଦି ଉଠାଇବାଦ୍ୱାରା ବନ୍ୟା ନିରୋଧ କରାଯାଇପାରେ ବୋଲି ଅନେକ ସମୟରେ ପ୍ରସ୍ତାବମାନ ଆସିଥାଏ। ମାତ୍ର ଏହା ଏକ ବିରାଟ ଓ ବ୍ୟୟସାପେକ୍ଷ ଯୋଜନା। ଏହା କେବଳ ଆର୍ଥିକ ସ୍ୱଚ୍ଛଳ ଓ ପ୍ରତିଷ୍ଠିତ ସରକାରଙ୍କ ପକ୍ଷେ କାର୍ଯ୍ୟକାରୀ କରାଇବା ସମ୍ଭବ ହୋଇପାରେ। (ଆମେରିକା ଯୁକ୍ତରାଷ୍ଟ୍ରରେ ଥିବା ମିସିସିପି ନଦୀକୁ ବିଭିନ୍ନ ଜାଗାରେ ସଳଖ କରାଯାଇଛି।)

ବନ୍ୟାବାଡ଼ିରୁ ରକ୍ଷା ପାଇବାପାଇଁ ବନ୍ୟାପାଗ ନିର୍ଣ୍ଣୟ ବ୍ୟବସ୍ଥା ଯଥେଷ୍ଟ ନ ହେଲେହେଁ ଏହା ଗୋଟିଏ ଦିଗରେ ସମସ୍ୟାର ସମାଧାନ କରିଥାଏ। ଏହାଦ୍ୱାରା ଉତ୍ତମଭାବରେ ସଂଗଠିତ ବନ୍ୟା ସତର୍କ କାର୍ଯ୍ୟଦ୍ୱାରା ବନ୍ୟାଗ୍ରସ୍ତ ଅଞ୍ଚଳରୁ ଠିକ୍ ସମୟରେ

---

(୧୫) ଇଣ୍ଡିଆନ ରିଭର୍ସ୍, ଭାରତ ସରକାରଙ୍କ ପ୍ରକାଶନ ବିଭାଗ, ପୃଷ୍ଠା—୧୬

(୧୬) ଉତ୍କଳ ପ୍ରସଙ୍ଗ, ସ୍ୱାଧୀନତା ସଂଖ୍ୟା, ଓଡ଼ିଶା ସରକାରଙ୍କଦ୍ୱାରା ପ୍ରକାଶିତ ୧୯୫୯, ପୃଷ୍ଠା—୩୬

ଲୋକ ଓ ଧନସମ୍ପତ୍ତି ହାନିର ଭାର ଅଣାଯାଇ କ୍ଷୟକ୍ଷତି ରୋଧ କରିବାରେ ସାହାଯ୍ୟ କରିଥାଏ ।

ନଦୀଗର୍ଭରୁ ଯଦି ବହୁପରିମାଣରେ ଜଳ ଓ ତା ସହିତ ଆସିଯାଉଥିବା ବା ମିଶି ରହିଥିବା ଜଳସମୂହକୁ ଅଟକାଇ ରଖାଯାଇପାରିବ, ତେବେ ପ୍ରତିବର୍ଷ ଯେଉଁ ଭୟଙ୍କର ବନ୍ୟା ହୁଏ, ତାହା ବହୁଳାଂଶରେ କମି ଯାଇପାରେ । ନଦୀ ଉପରେ ବନ୍ଧ ନିର୍ମାଣ କରାଯାଇ ବନ୍ୟାଜଳକୁ ଆବଦ୍ଧ କରି ରଖାଯାଇପାରେ ଓ ଏହାକୁ ସୁନିୟନ୍ତ୍ରିତ ଉପାୟରେ ନିଷ୍କାସନ କରାଯାଇପାରେ । ବନ୍ୟା ନିୟନ୍ତ୍ରଣନିମନ୍ତେ ଏହାହିଁ ଏକ ସନ୍ତୋଷଜନକ ଓ ଫଳପ୍ରଦ ଉପାୟ; ମାତ୍ର ସମୟକ୍ରମେ ଏହି ବନ୍ଧଗୁଡ଼ିକଦ୍ୱାରା ତିଆରି ହୋଇଥିବା କୃତ୍ରିମ ଜଳଭଣ୍ଡାରଗୁଡ଼ିକ ପୋତି ହୋଇଯିବାର ଆଶଙ୍କା ଥିବାରୁ ଏହି ବନ୍ଧର ଭବିଷ୍ୟତ ଅନିଶ୍ଚିତ ମନେ ହୁଏ । ମାତ୍ର ଇଞ୍ଜିନିୟରମାନେ ଯେଉଁ ପର୍ଯ୍ୟନ୍ତ ସେଗୁଡ଼ିକପ୍ରତି ଦୃଷ୍ଟି ରଖିଥିବେ, ସେ ପର୍ଯ୍ୟନ୍ତ ଏହା ଏକ ଦୃଢ଼ ଫଳପ୍ରଦ ବ୍ୟବସ୍ଥାରୂପେ ରହିଥିବ ।

ଏହିପ୍ରକାରର ବନ୍ୟା ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ପୂର୍ବରୁ ବନ୍ୟା ସମସ୍ୟା ଓ ଏହାର ସ୍ୱରୂପ 'ଉପଲବ୍ଧି' କରିବାନିମନ୍ତେ ନଦୀ ଅବବାହିକାର ଏକ ବ୍ୟାପକ ଅନୁସନ୍ଧାନ କାର୍ଯ୍ୟ କରାଯିବା ନିତାନ୍ତ ଦରକାର ।

## ମହାନଦୀର ବନ୍ୟା-ନିୟନ୍ତ୍ରଣ ଇତିହାସ

ମହାନଦୀର ବନ୍ୟା ନିୟନ୍ତ୍ରଣ ବିଷୟରେ ବହୁ ଦିନଠାରୁ ଦୃଷ୍ଟି ଦିଆହୋଇଆସୁଛି । ମାତ୍ର ୧୯୩୭ ମସିହା ପର୍ଯ୍ୟନ୍ତ ସେପରି କୌଣସି ଫଳପ୍ରଦ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା । ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ନିରୋଧ କରିବାନିମନ୍ତେ ପ୍ରଥମେ ୧୮୫୮ ମସିହାରେ ଚେଷ୍ଟା କରାଯାଇଥିଲା । ସାର୍ ଆର୍ଥର କଟନ୍ ପ୍ରସ୍ତାବ ଦେଇଥିଲେ ଯେ ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ କେନାଲମାନ ଖୋଳାଗଲେ ବନ୍ୟା ନିୟନ୍ତ୍ରଣ ସମସ୍ୟା ସମାଧାନ ହୋଇଯିବ । କାରଣ ଏହାଦ୍ୱାରା ଗୋଟିଏ ବିଶିଷ୍ଟ ଅଞ୍ଚଳରେ ଏହି ବନ୍ୟାଜଳସବୁ ଜମା ହେବ ନାହିଁ ଓ କେନାଲଗୁଡ଼ିକରେ ସେସବୁ ବିଭିନ୍ନ ଦିଗରେ ବହିଯିବ (୧୭) । ଏହି ଯୋଜନାର କାର୍ଯ୍ୟକାରିତା ନେଇ ତଦାନୀନ୍ତନ ସରକାରଙ୍କର ହୃଦ୍‌ବୋଧ ନ ହେବାରୁ ତାଙ୍କ ରିପୋର୍ଟଟି ଗ୍ରହଣ କରାଗଲା ନାହିଁ ।

ବନ୍ୟାକୁ ରୋଧ କରିବା ଦିଗରେ ଚିଲିକାହ୍ରଦ ସାହାଯ୍ୟ କରିଥାଏ । ନରାଜ ଉପରେ ଏହି ହ୍ରଦ ସହିତ ମହାନଦୀର ଜଳଧାରକୁ ସଂଯୋଗ କରିବାପାଇଁ ଜଣେ ଇଞ୍ଜିନିୟର ପ୍ରସ୍ତାବ ଦେଇଥିଲେ । କାପ୍ଟେନ ଜେ. ସି. ହାରିସ ଏହି ପ୍ରସ୍ତାବକୁ ସମର୍ଥନ କଲେ ଓ ବାଙ୍କିରେ ଡାଲଚଲା ପାହାଡ଼କୁ କାଟି ଚିଲିକା ସହିତ ମହାନଦୀର ସଂଯୋଗ କରାଇବାନିମନ୍ତେ ମତ ପ୍ରକାଶ କଲେ (୧୮) । ଡାଲଚଲା ଘାଟିଟି ମହାନଦୀର ଅନ୍ୟ ଏକ ମୁହାଣରୂପେ କାର୍ଯ୍ୟ କରି ବନ୍ୟାଗ୍ରସ୍ତ ଲୋକମାନଙ୍କର ଆଂଶିକ ସାହାଯ୍ୟ କରିପାରିଥାନ୍ତା । ମାତ୍ର ଏହି ଘାଟି ଖୋଳିବା ବିରୁଦ୍ଧରେ ଅଭିଯୋଗ ହୋଇଥିଲା ଯେ ଏହା ବନ୍ୟାର ବାଢ଼କୁ ସାମାନ୍ୟ ଉପଶମ କରିପାରିଲେ ମଧ୍ୟ ବନ୍ୟା ନିୟନ୍ତ୍ରଣ କରିବାପାଇଁ ଅକ୍ଷମ ହେବ । ଦ୍ୱିତୀୟତଃ ଚିଲିକାରୁ ସମୁଦ୍ରକୁ ଗୋଟିଏ ପ୍ରଶସ୍ତ ମୁହାଣ ନ ଥିବା ଯୋଗୁ ହ୍ରଦରେ ପଟୁ ପଡ଼ିଯିବ ଏବଂ ବନ୍ୟା ବଢ଼ି ହେଲେ ପୁରୀ ଜିଲ୍ଲାର ଅଧେ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇ ଯିବାର

(୧୭) ହୀରାକୁଦ ବନ୍ଧ ଯୋଜନା, ଓଡ଼ିଶା ସରକାରଙ୍କ ପ୍ରକାଶନ, ପୃଷ୍ଠା—୨
(୧୮) ଓପି· ପି·ଆଇ·ଟି ଦପ୍ତର ପୃ—୭ ।

ସମ୍ଭାବନା (୧୯) । ତେଣୁ ଏହି ଯୋଜନା କାର୍ଯ୍ୟକାରୀ ନ ହୋଇ ରହିଲା । ମାତ୍ର "ଓଡ଼ିଶା କେନାଲ୍" ଓ "ମହାନଦୀ କେନାଲ୍" ଖନନ କରାଯିବାଦ୍ୱାରା ବନ୍ୟାଦାଉରୁ ଲୋକଙ୍କୁ ରକ୍ଷା କରିବାନିମନ୍ତେ ତତ୍କାଳୀନ ସରକାର ବେଶି ଦୃଷ୍ଟି ଦେବାପାଇଁ ଇଚ୍ଛାକୃତ ହୋଇଥିଲେ । ୧୯୨୦ ମସିହାରେ ବନ୍ୟା ସାହାଯ୍ୟ କାର୍ଯ୍ୟରେ ଠକ୍କରବାପା ଓଡ଼ିଶା ଭ୍ରମଣରେ ଆସିଥିଲେ । ଏହି କାର୍ଯ୍ୟ ନେତୃବର୍ଗ ତଥା ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ତେଣୁ ୧୯୨୭ ମସିହାରେ "ଓଡ଼ିଶା ବନ୍ୟା ଅନୁସନ୍ଧାନ କମିଟି" ଗଠନ କରାଗଲା । ନଦୀଗୁଡ଼ିକର ମୁହାଣ ପ୍ରଶସ୍ତ କରିବାଦ୍ୱାରା ବଢ଼ିପାଣି ସୁବିଧାରେ ଓ ଶୀଘ୍ର ସମୁଦ୍ର ମଧ୍ୟକୁ ନିଷ୍କାସିତ ହୋଇପାରିବ ବୋଲି ଏହି କମିଟି ମତ ଦେଇଥିଲେ । ଠିକ୍ ୧୦ ବର୍ଷପରେ ୧୯୩୭ ମସିହାରେ ସାର୍ ଏମ୍. ବିଶ୍ୱେଶ୍ୱରାୟା ପ୍ରସ୍ତାବ ଦେଇଥିଲେ ଯେ କେବଳ ମହାନଦୀରେ ଜଳଭଣ୍ଡାର ତିଆରି କରିବାଦ୍ୱାରାହିଁ ବନ୍ୟା ନିୟନ୍ତ୍ରଣ କରାଯାଇପାରିବ (୨୦) । ମହାନଦୀରେ ବନ୍ଧ ନିର୍ମିତ ହେଲେ ପୂର୍ବତନ ଗଡ଼ଜାତମାନଙ୍କର ସୀମାରେ ନୂଆହୋଇ ପୁଣି ଗଣ୍ଡଗୋଳ ହେବାର ଆଶଙ୍କା ଥିବାରୁ ଏ ପ୍ରସ୍ତାବ କାର୍ଯ୍ୟକାରୀ କରାଇବାରେ କିପରି ଅସୁବିଧାମାନ ଉପୁଜିବ, ତାହା ସେତେବେଳେ ପ୍ରଥମଥରପାଇଁ ଶାସନକୁ ଆସିଥିବା କଂଗ୍ରେସ ମନ୍ତ୍ରୀମଣ୍ଡଳ ଉପଲବ୍ଧି କଲେ । ତେଣୁ ଏ ପ୍ରସ୍ତାବ ପ୍ରସ୍ତାବରେହିଁ ରହିଗଲା । ଓଡ଼ିଶା ବନ୍ୟା ପରାମର୍ଶଦାତା କମିଟିଙ୍କର ( ଅସ୍ଥାୟୀ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ, ୧୯୪୨ ) ସୁପାରିଶ ଅନୁଯାୟୀ ଉଚ୍ଚସ୍ତରୀୟ ଜଳ ନିର୍ଗମନ ଦ୍ୱାର ସହିତ ୧୩ଟି "ପାର୍ଶ୍ୱବର୍ତ୍ତୀ ବନ୍ଧ" ନିର୍ମାଣ ଯୋଜନା ଏକ ବାସ୍ତବ କାର୍ଯ୍ୟକାରୀ ଯୋଜନା ବୋଲି ବିଚାର କରାଯାଇଥିଲା । ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ପ୍ରସ୍ତାବଦ୍ୱାରା ବନ୍ୟା ସମସ୍ୟାର ଫଳପ୍ରଦ ସମାଧାନ ହୋଇପାରିବ ବୋଲି ୧୯୪୫ ମସିହାରେ କେନ୍ଦ୍ର ଜଳପଥ, ଜଳସେଚନ ଓ ନୌପରିବହନ କମିଶନଙ୍କର ହୃଦବୋଧ ହୋଇଥିଲା । ମହାନଦୀ ଉପତ୍ୟକାର ସମୃଦ୍ଧ ଉନ୍ନୟନ କରିବାନିମନ୍ତେ ଓଡ଼ିଶା ସରକାର ଓ ପୂର୍ବ ଗଡ଼ଜାତମାନଙ୍କ ମଧ୍ୟରେ ଗୋଟିଏ ବୁଝାମଣା ହୋଇଥିଲା । ମହାନଦୀକୁ ୩ଟି ପୃଥକ୍ ସ୍ଥାନରେ (ହୀରାକୁଦ, ଟିକରପଡ଼ା ଏବଂ ନରାଜ) ବନ୍ଧାଇବା ପାଇଁ ଇଞ୍ଜିନିୟରମାନେ ପରିକଳ୍ପନା କଲେ । ୧୯୪୮ ମସିହା ଏପ୍ରିଲ ୧୨ ତାରିଖରେ ଓଡ଼ିଶାର ବିକାଶ କ୍ଷେତ୍ରରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ଉଦ୍‌ଘାଟନ କରିଥିଲା । ସମ୍ବଲପୁର ସହରର ୯ ମାଇଲ ଉପରକୁ ମହାନଦୀ ଉପରେ ପଣ୍ଡିତ ନେହେରୁ ହୀରାକୁଦ ବନ୍ଧର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ୧୯୫୭ ମସିହା ଜାନୁଆରୀ ୧୩ ତାରିଖ ଦିନ ପ୍ରଧାନମନ୍ତ୍ରୀ ୧୬ ମାଇଲ ଦୀର୍ଘ ହୀରାକୁଦ ବନ୍ଧ ଉଦ୍‌ଘାଟନ କଲେ । ପୃଥିବୀରେ ଏହି ବହୁମୁଖୀ ମୃତ୍ତିକାନିର୍ମିତ ବନ୍ଧ (୧୫,୭୪୮ ଫୁଟ) ସର୍ବବୃହତ୍ । ଆମେରିକା ଯୁକ୍ତରାଷ୍ଟ୍ରରେ ଫୋର୍ଟ ପେକ୍ ଓ ଗାରିସନ୍ ନାମକ ୨ଟି ପ୍ରସିଦ୍ଧ ମାଟିବନ୍ଧର ଦୈର୍ଘ୍ୟ ଯଥାକ୍ରମେ ୨୧,୦୨୬ ଫୁଟ ଓ ୧୨୦୦୦ ଫୁଟ ହେବ । ମାତ୍ର ହୀରାକୁଦଭଳି ସେଗୁଡ଼ିକ ବହୁମୁଖୀ ବନ୍ଧ ନୁହନ୍ତି । ଫୋର୍ଟ ପେକ୍ ଓ ଗାରିସନ୍ ବନ୍ଧ ସହିତ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନର କୌଣସି ସମ୍ପର୍କ ନାହିଁ । ଅନ୍ୟ ପକ୍ଷରେ ହୀରାକୁଦ ଯୋଜନାରେ ଜଳ ସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ନୌପରିଚାଳନା କାର୍ଯ୍ୟ ଅନ୍ତର୍ଗତ ।

(୧୯) ଓପି· ପି·ଆଇ·ଟି ହଣ୍ଡର; ପୃ—୨୨-୨୩
(୨୦) ଓପି· ପି·ଆଇ·ଟି· ହୀରାକୁଦ ଯୋଜନା

# ଉତ୍କଳ ପ୍ରସଙ୍ଗ

ହୀରାକୁଦ ଜଳ ଭଣ୍ଡାରର ଆୟତନ ୨୮ ବର୍ଗମାଇଲ ଏବଂ ଏହାର ୬୭ ଲକ୍ଷ ଏକର ଫୁଟ ଜଳଧାରଣ ଶକ୍ତି ଅଛି । ଏସିଆର ଏହା ସର୍ବ-ବୃହତ୍ତମ ଜଳଭଣ୍ଡାର ବୋଲି ପରିଚିତ (୨୨) । ଏହି ଜଳଭଣ୍ଡାର ବନ୍ୟାଜଳକୁ ନିୟନ୍ତ୍ରଣ କରି ମହାନଦୀ ତ୍ରିକୋଣଭୂମିର ବନ୍ୟା ପ୍ରକୋପକୁ ହ୍ରାସ କରିପାରିବ । ମହାନଦୀ ତ୍ରିକୋଣଭୂମିର ପ୍ରସ୍ଥ ୫୦ ମାଇଲ । ଅଟକଳ କରି ଦେଖାଯାଇଛି ଯେ ସମୁଦ୍ରରେ ପଡ଼ିବା ପୂର୍ବରୁ ବଢ଼ିପାଣିସବୁ ଏହି ଅଞ୍ଚଳରେ ଗୋଟିଏ ରକ ଆବଦ୍ଧ ହୋଇ ରହିଯାଏ । ବ୍ୟାପକ ମହାନଦୀ ଉପତ୍ୟକା ଯୋଜନାର ହୀରାକୁଦ ବନ୍ଧ ଯୋଜନା ଗୋଟିଏ ଅଂଶ । ତ୍ରିକୋଣଭୂମି ଅଞ୍ଚଳରେ ବନ୍ୟା ନିୟନ୍ତ୍ରଣନିମନ୍ତେ ଏହା ପ୍ରଥମ ପଦକ୍ଷେପ ।


## ସରକାର ଓ ଜନ ସହଯୋଗ

ବନ୍ୟା ଏକ ଜଟିଳ ସମସ୍ୟା । ସବୁ ଅବସ୍ଥାର ସମ୍ମୁଖୀନ ହେବାପାଇଁ କୌଣସି ଗୋଟିଏ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରାଯାଇପାରିବ ନାହିଁ । ଧୈର୍ଯ୍ୟ ଓ ଅଧ୍ୟବସାୟ ସାଫଲ୍ୟ ହାସଲ କରିବାର ୨ଟି ପ୍ରଧାନ ଅଙ୍ଗ । କୌଣସି ଖାମଖିଆଲି ବ୍ୟବସ୍ଥା ଅବଲମ୍ବନ କରିବା ପରିବର୍ତ୍ତେ ବନ୍ୟା ପ୍ରକୋପରୁ ଯେଉଁ କ୍ଷତି ହେଉଛି, ତାହା କିପରି ଲାଘବ ହୋଇପାରିବ, ସେଥିପାଇଁ ଗୋଟିଏ ସୁବ୍ୟବସ୍ଥିତ ଓ ଉତ୍ତମ ପରିକଳ୍ପିତ ଯୋଜନା ତିଆରି କରିବା ଆମର ଜାତୀୟ ଲକ୍ଷ୍ୟ ରହିବା ଉଚିତ । ଖାସ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ପାଇଁ ଆମର ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ମୂଳରୁ କୌଣସି ବ୍ୟବସ୍ଥା ନ ଥିଲା । ମାତ୍ର ୧୯୫୫ର ବଢ଼ିହାରେ ଆମର ଯେଉଁ ଜାତୀୟ ଦୁର୍ଦ୍ଦଶା ଉପୁଜିଲା, ତାହା ପରୋକ୍ଷରେ ଆମମାନଙ୍କନିମନ୍ତେ ଏକ ଆଶୀର୍ବାଦର ସୂଚନା ଦେଲା । ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥାର ଆବଶ୍ୟକତାନିମନ୍ତେ ଏହା ଜନତାର ଦୃଷ୍ଟି ଆକର୍ଷଣ କଲା । କି ବ୍ୟବସ୍ଥା ଅବଲମ୍ବନ କଲେ ବନ୍ୟାଦ୍ୱାରା ହେଉଥିବା କ୍ଷୟକ୍ଷତି ଲାଘବ ହୋଇପାରିବ, ସେଥିପାଇଁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ସରକାରମାନେ "କଣ୍ଟ୍ରୋଲ ବୋର୍ଡମାନ" ଗଠନ କଲେ । ପ୍ରଧାନତଃ ୧୯୫୫ ବନ୍ୟା ଦୃଷ୍ଟିରୁ ଓଡ଼ିଶା ସରକାରଙ୍କର ବନ୍ୟା ନିୟନ୍ତ୍ରଣ ଯୋଜନା ପ୍ରସ୍ତୁତ କରାଯାଇଛି । ବନ୍ୟାଗ୍ରସ୍ତ ଅଞ୍ଚଳସ୍ଥ ପ୍ରତ୍ୟେକ ନଦୀର ଅବବାହିକାରେ ବ୍ୟାପକ ଓ ଏକୀଭୂତ ଯୋଜନାମାନ କାର୍ଯ୍ୟକାରୀ କରାଇବାନିମନ୍ତେ ୨ୟ ପଞ୍ଚବାର୍ଷିକ ଯୋଜନାରେ ବ୍ୟବସ୍ଥା କରାଯାଇଛି ।


(୨୨) ଓପି· ସି·ଆଇ·ଟି ହୀରାକୁଦ ଯୋଜନା ।




ଓଡ଼ିଶା ରାଜ୍ୟପାଳ ଶ୍ରୀ ସୁଖ୍‌ଠଣକର ବୌଦ୍ଧଠାରେ ଶିଶୁ ଓ ଗ୍ରାମମଙ୍ଗଳ
କେନ୍ଦ୍ର ପରିଦର୍ଶନ କରୁଛନ୍ତି



ଓଡ଼ିଶାର ରାଜ୍ୟପାଳ ଫୁଲବାଣୀ ଜିଲ୍ଲାର 'ସାଲୁଙ୍କି'
ଜଳସେଚନ ଯୋଜନା ପରିଦର୍ଶନ କରୁଛନ୍ତି



ବଲାଙ୍ଗୀର ଜିଲ୍ଲାର ଶୁକତେଲ ନଦୀଉପରେ ନିର୍ମିତ ନୂଆ ପୋଲ

# ଜନଶକ୍ତି

## ଶ୍ରୀ ହରବନ୍ଧୁ ଶତପଥୀ

ଭାରତ ବୃହତ୍ ଦେଶ, ବୃହତ୍ ତାହାର ଜନଶକ୍ତି । ଚୀନଦେଶକୁ ବାଦ୍ ଦେଲେ ଏଭଳି ଜନବହୁଳ ଦେଶ ଆଉ ନାହିଁ । ଏହି ଜନଶକ୍ତି ଲାଗି ଆମେ ବଡ଼ିମା କରୁଁ ବାହୁସ୍ଫୋଟ ମାରୁଁ, ଜଗତ ଆଗରେ ଆମର ଦାବୀ ବାଢ଼ି ବସୁଁ, ଏହି ଜନଶକ୍ତି ଲାଗି ପୃଥିବୀରେ ଆମର ଖାତିର ଅଛି । ମାତ୍ର ସେହି ଶକ୍ତିର ଉପଯୋଗ କେତେ ତାହା ବିଚାର କରିବାକୁ ହେବ ।

### ଉପଯୋଗର ଅଭାବ

ଭାରତରେ ଏହି ଜନଶକ୍ତିକୁ ପ୍ରକୃତ ଉପଯୋଗ କରିବାର ପନ୍ଥା ଯଥେଷ୍ଟ ସୃଷ୍ଟି ହୋଇନାହିଁ । ପୁଣି ଶ୍ରମର ମୂଲ୍ୟ ଆମେ ଏପର୍ଯ୍ୟନ୍ତ ପୂର୍ଣ୍ଣଭାବରେ ବୁଝିନାହୁଁ ବା ବୁଝିଲେ ମଧ୍ୟ ତାହାକୁ ଉପଯୋଗ କରୁନାହୁଁ । ଶକ୍ତିର ସୃଷ୍ଟି ଉପଯୋଗ ପାଇଁ, ନଷ୍ଟେଶ୍ବରତା ପାଇଁ ନୁହେଁ । ସୁବିଧା ମିଳିଲେ ଯେ ସବୁ ହେବ ଏହା ନୁହେଁ । ସୁବିଧାର ସୁଯୋଗ ଗ୍ରହଣ କରିବାକୁ ହେବ । ଆମ ଦେଶ ଏବେ ସୁଦ୍ଧା ତାହା କରିପାରିନାହିଁ । କାରଣ ଏହା ତ କୃଷିପ୍ରଧାନ ଦେଶ, କୃଷି ଏହାର ମେରୁଦଣ୍ଡ; କିନ୍ତୁ ତାହିଁ ଜନତାର ଖାଦ୍ୟ ସମସ୍ୟା ତ ଆଜି ମଧ୍ୟ ସମାଧାନ ହୋଇନାହିଁ । ଏବେ ମଧ୍ୟ ପ୍ରତିବର୍ଷ ୮୦।୯୦ କୋଟି ଟଙ୍କା ମୂଲ୍ୟର ଖାଦ୍ୟଶସ୍ୟ ବାହାରୁ ଆମଦାନୀ କରାଯାଉଛି ।

### ପ୍ରଣିଧାନଯୋଗ୍ୟ

ଏ ସମସ୍ୟା ସମସ୍ତଙ୍କର ପ୍ରଣିଧାନଯୋଗ୍ୟ— କେବଳ ପ୍ରଣିଧାନ କଲେ ଯେ ଚଳିବ ତାହା ନୁହେଁ; ତଥାପି ଆଗେ ଚେତନା ପରେ କାର୍ଯ୍ୟକାରିତା । ଏହି ଚେତନା ଜଣକର ହୃଦୟରେ ସ୍ଥାନ ପାଇଲେ ହେବ ନାହିଁ । ଦେଶରେ କେତେ ଜଣଙ୍କଠାରେ ଏହି ଚେତନା ଜାଗ୍ରତ ହୋଇଅଛି ସନ୍ଦେହ ନାହିଁ; ମାତ୍ର ଜନତାର ଚେତନା ସେ ସ୍ତରରେ କାହିଁ ? ଦେଶରେ ଜନସଂଖ୍ୟା ବଢ଼ିଚାଲିଛି ଉତ୍ପାଦନ ବଢ଼ାଇବାକୁ ହେବ, ଖାଦ୍ୟରେ ଦେଶକୁ ସ୍ୱାବଲମ୍ବୀ କରିବାକୁ ହେବ ଏହି ଚେତନା ଦେଶବାସୀଙ୍କ ମନରେ ଜାଗ୍ରତ ହେଲାଣି କି ? ଦେଶରେ ଜନସଂଖ୍ୟା ଅବଶ୍ୟ 'ହଁ' କହି ଦେବା ସହଜ । କାଗଜପତ୍ରରେ ସ୍ୱାବଲମ୍ବୀ ବୋଲି ସ୍ୱୀକାର କରିବାରେ ବାଧା ନାହିଁ, ମାତ୍ର କାର୍ଯ୍ୟତଃ କଣ ହୋଇଛି ? ଗୋଟିଏ ଗ୍ରାମକୁ ଉତ୍ତି କରି ବିଚାର କରାଯାଉ । ଦେଖାଯିବ ଯେ ସେ ଗ୍ରାମ କେବେହେଁ ସ୍ୱାବଲମ୍ବୀ ନୁହେଁ । ଏପରି ହୋଇପାରେ କଲିକତା ପଇସା ଅନେକ ପଶୁଛି, ଅନ୍ୟାନ୍ୟ ଉପାୟରେ ରୋଜଗାର ହେଉଛି; ଗୃହସ୍ଥ କରି ଅନ୍ୟତ୍ର ପେଟପୋଷା ହେଉଛି । ସେ ସବୁକୁ ସ୍ୱାବଲମ୍ବୀ ହିସାବରୁ ବାଦ୍ ଦେବାକୁ ହେବ । ତାହା ପରେ ଠିକଣଟି ହିସାବ କଲେ ବୁଝାଯିବ ଯେ, ଉତ୍ପାଦନ ବୃଦ୍ଧି ଆବଶ୍ୟକ ।

### ଅବଶ୍ୟ କୃଷିପାଇଁ ଆବଶ୍ୟକ ସୁବିଧା ନାହିଁ

ଅନେକେ ଅବଶ୍ୟ କୃଷିପାଇଁ ଆବଶ୍ୟକ ସୁବିଧା ନାହିଁ ଦର୍ଶାଇଥାନ୍ତି । ତାହା କେତେକାଂଶରେ ସତ୍ୟ । ଜଳସେଚନର ସୁବିଧା କୃଷିର ପ୍ରଧାନ ଅଙ୍ଗ । ଏହି ଅସୁବିଧା କ୍ରମେ ଦୂର କରାଯାଉଅଛି । ନଦୀବନ୍ଧ-ଯୋଜନା ଏହାର ପ୍ରକୃଷ୍ଟ ଉଦାହରଣ । ହୀରାକୁଦ ପଞ୍ଚକୁ ଶାଳନ୍ଦୀ, ଋଷିକୁଲ୍ୟା ଯୋଜନାମାନ କାର୍ଯ୍ୟକାରୀ ହେବାକୁ ଯାଉଛି । ପୁଣି ଉନ୍ନତଧରଣର ବିହନ ଯୋଗାଇବା, ବିଭିନ୍ନ ପ୍ରକାର ସାରତିଆରି ପ୍ରଣାଳୀ, ରାସାୟନିକ ସାର ଯୋଗାଣ ଆଦିର ସୁବିଧା କରାଯାଇଛି;

କିନ୍ତୁ ତଥାପି ଯଥେଷ୍ଟ ଉତ୍ପାଦନ ହେଉ ନାହିଁ କାହିଁକି ?

## ନୂତନ ପ୍ରଣାଳୀ ଗ୍ରହଣ କରିବାକୁ ହେବ

ଉତ୍ପାଦନ ବୃଦ୍ଧିଲାଗି ଆମକୁ ନୂତନ ବୈଜ୍ଞାନିକ ପ୍ରଣାଳୀ ଅନୁସରଣ କରିବାକୁ ହେବ । ଧାନ ଆମର ପ୍ରଧାନ ଫସଲ । ଏହାର ମାଣ ପିଛା ଉତ୍ପାଦନ ଆମ ଦେଶରେ ଅନ୍ୟ ଦେଶ ଅପେକ୍ଷା ଖୁବ୍ କମ୍ । ତାହାର କାରଣ ଆମେ ଠିକ୍ ପୂର୍ବପ୍ରଥାରେ ଚାଷକରି ଆସୁଛୁ । ସାର ତ ଖୁବ୍ ଅଭାବ; ବିହନ ଉତ୍କୃଷ୍ଟ ନୁହେଁ; ପୁଣି ବିଜ୍ଞାନସମ୍ମତ ପ୍ରଣାଳୀ ଅନୁସରଣ କରୁନାହୁଁ । ଏଥିରେ ସୁଫଳ ମିଳିବ କିପରି ? ଜାପାନୀମାନେ ନୂଆ ଧରଣରେ ଧାନ ଚାଷ କରି ଯଥେଷ୍ଟ ପାଉଅଛନ୍ତି— ଆମେ କି ପାଉଛୁ । ଆମ ପ୍ରଦେଶରେ ଅନେକ ଅଧିକ ଉତ୍ପାଦନ କଲେଣି । ଏବେ ସେସବୁ ଆମର ଆଖି ଫିଟାଇଛି । କିନ୍ତୁ ସେତେ ସଂଖ୍ୟାରେ ଚାଷୀ ବେଶି ଉତ୍ପାଦନପାଇଁ ଆଗଭର ହେବା କଥା, ତାହା ହୋଇ ନାହିଁ ।

କେବଳ ଧାନ ଫସଲ କଲେ ମଧ୍ୟ ଆମର ଗୁଜୁରାଣ ମେଣ୍ଟିବ ନାହିଁ ।

## ଅର୍ଥକରୀ ଫସଲ ଆବଶ୍ୟକ

ସେଥିପାଇଁ କେତେକ ଅର୍ଥକରୀ ଫସଲ ଆବଶ୍ୟକ । ସବୁ ଜମିରେ ସବୁ ଫସଲ ହେବ ନାହିଁ; ମାତ୍ର ଜମିରେ କିଛି ନା କିଛି ଅର୍ଥକରୀ ଫସଲ ହେବ । ପାହାଡ଼ ଉପରେ ମଧ୍ୟ ଫସଲ ହେଉଛି । ପରିଶ୍ରମର ତାରତମ୍ୟ ଥାଇପାରେ; କିନ୍ତୁ ଧାନ ଛଡ଼ା ଅନ୍ୟ ଫସଲ ନ କଲେ ଆଉ ଗତି ନାହିଁ ।

ଝୋଟ, କପା, ହଳଦୀ, ତୈଳବୀଜ, ଆଖୁ ଏ ସବୁଥି କିଛି ନା କିଛି ମାଟି ଓ ଅନ୍ୟ ସୁବିଧା ଦେଖି କରିବାକୁ ପଡ଼ିବ । ଏହା ପ୍ରତ୍ୟେକେ ବୁଝିବା ଉଚିତ ।

ଆମ ଦେଶର ଲୋକେ ଛଅମାସ କେବଳ ବସି ରହନ୍ତି ଓ କେବଳ ଗୋଟିଏ ଫସଲ ବଦଳରେ ଅନ୍ୟ ସବୁ ଜିନିଷ କିଣନ୍ତି । ଏଥିରେ ଲୋକଙ୍କ ଅର୍ଥନୀତି ଉନ୍ନତ ହେବ ବା କିପରି ? ପୂର୍ଣ୍ଣ ଜନଶକ୍ତି ଉପଯୋଗ ନ କଲେ ଏ ସମସ୍ୟାର ସମାଧାନ ହେବ ନାହିଁ ।

## କଠୋର ଶ୍ରମ ଲୋଡ଼ା

ଏଥିଲାଗି କଠୋର ଶ୍ରମ ଲୋଡ଼ା । ପରିଶ୍ରମ ଜାତିର ଉନ୍ନତିର ମୂଳପିଣ୍ଡ । ପୁରୁଷ ପରିଶ୍ରମ କରିବ; ନାରୀ ବସିବ, ଏପରି ନିୟମ ନାହିଁ । ଅର୍ଥନୀତି କ୍ଷେତ୍ରରେ ଉଭୟଙ୍କର ଶ୍ରମ ଆବଶ୍ୟକ । କ୍ଷେତ୍ରରୁ ଉତ୍ପାଦନ ଓ କ୍ଷୁଦ୍ରଶିଳ୍ପ ସାହାଯ୍ୟରେ ଉତ୍ପାଦନ ହିଁ ଦେଶର ଅର୍ଥ-ନୀତିକୁ ଉନ୍ନତତର କରିବ । ଏ ଦିଗରେ ଜନଶକ୍ତିର ପୂର୍ଣ୍ଣ ବିନିଯୋଗ ଆବଶ୍ୟକ । ସମସ୍ତେ ଶ୍ରମ କରିବେ, ଶ୍ରମର ମୂଲ୍ୟ ବୁଝିବେ—ଏହାହିଁ ପ୍ରଗତିର ଲକ୍ଷଣ ।

## ଶକ୍ତି ଥାଇ ପଛଘୁଞ୍ଚା ଅଶୋଭନୀୟ

ଶକ୍ତି ଥାଇ କାର୍ଯ୍ୟରୁ ବିରତ ରହିବା ଅଶୋଭନୀୟ । ବିପୁଳ ଜନଶକ୍ତି ତୁଳନାରେ ଉତ୍ପାଦନ ବୃଦ୍ଧି କରିବା ଖୁବ ସମ୍ଭବପର । କିନ୍ତୁ ବ୍ୟକ୍ତି, ପରିବାର, ଗ୍ରାମ ସବୁଆଡ଼େ ଏହି ଚେତନା ଜାଗ୍ରତ ହେବା ଆବଶ୍ୟକ । ବର୍ତ୍ତମାନ ପ୍ରତିଯୋଗିତାର ଯୁଗ । 'ଆଗ ଯିଏ ପାଏ' ଏହାହିଁ ନୀତି । କିଏ ଆଗେଇବ, କିଏ ଜିତିପାରିବ ଏହାହିଁ ମନୋଭାବ ହେବା ଆବଶ୍ୟକ । ତାହାହେଲେ ଉତ୍ପାଦନ ନିଶ୍ଚୟ ବଢ଼ିବ ।

## ସମବାୟ ସୂତ୍ରରେ ଉତ୍ପାଦନ

ବିରାଟ ସମସ୍ୟା ସମାଧାନରେ ଜଣକର ଚେଷ୍ଟା ଯଥେଷ୍ଟ ନୁହେଁ; ଏଥିପାଇଁ ସମବାୟର ଆଶ୍ରୟ ନେବାକୁ ହେବ । ଦୁନିଆ ସମବାୟରେ ଚାଲୁଛି ଓ ଚାଲିବ ମଧ୍ୟ । ଲଙ୍ଗଳ ଚଳାଇବାବେଳେ ଗୋଟିଏ ବଳଦ ଶୋଇଲେ ଲଙ୍ଗଳ କାମ ଚାଲି ପାରିବ

ନାହିଁ । ସେହିପରି ଗଣ-ରାଜ୍ୟରେ ବ୍ୟକ୍ତିର ନିଶ୍ଚେଷ୍ଟତା ସମସ୍ତ ଯୋଜନାକୁ ପଣ୍ଡ କରିଦେବ । ଜଣକ ପକ୍ଷରେ ଅଧିକ ଉତ୍ପାଦନର ପ୍ରଣାଳୀ ଅବଲମ୍ବନ ସମ୍ଭବ ନ ହେଲେ ମିଳିତ ଉଦ୍ୟମ ଆବଶ୍ୟକ । ସମବାୟ ସୂତ୍ରରେ କୃଷିପାଇଁ ଆଗଭର ହେବା ଉଚିତ । କ୍ଷୁଦ୍ର କ୍ଷୁଦ୍ର କୃଷିଜମିକୁ ଭାଙ୍ଗି ବୃହତ୍ କ୍ଷେତ୍ର ଖଣ୍ଡ ଗଠନ କରିବାକୁ ହେବ । ଆବଶ୍ୟକ ସ୍ଥଳରେ ମିଳିତଭାବରେ ଋଣ ଗ୍ରହଣର ସୁବିଧା ନେବାକୁ ହେବ; ଗାଁଜଣଙ୍କ ସଙ୍ଗେ ଏକତାବଦ୍ଧ ହେବାକୁ ପଡ଼ିବ, ପରସ୍ପର ବିଶ୍ୱାସ ସ୍ଥାପନ କରିବାକୁ ହେବ । ଲଭ୍ୟାଂଶ ବାଣ୍ଟି ଦେବାକୁ ହେବ । ମୁଁ ପୁଣି ଆଙ୍ଗୁଳିଯାକ ଗାଣ୍ଠିରେ ପୁଚ୍ଛଇବ— ଅନ୍ୟ କଥା ଯାହା ହେଉ, ଏପରି ଭାବିବା ବା କାର୍ଯ୍ୟ କରିବା ଜାତି ଓ ଦେଶ ପକ୍ଷରେ ଅହିତକର । ଏଥିପ୍ରତି ଧ୍ୟାନ ଦେବାକୁ ହେବ ।

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ( ଲୋକସଂପର୍କ ) ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

VISIT ORISSA


ଭାରତବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧ ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଛନ୍ତି, ସେମାନଙ୍କ ହାତରେ ଏ ବହିଟି ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ବିଷୟରେ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଓ ଏଥିରେ ସନ୍ନିବେଶିତ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନନ୍ୟ-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ୫୯ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

( ୧ ) ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗ ଅଫିସ
ପୋ: ଅ: ନୟାପଲ୍ଲୀ? ଭୁବନେଶ୍ୱର
( ପୁରୀ ), ଓଡ଼ିଶା

( ୨ ) ଆପଣଙ୍କ ଜିଲ୍ଲାର ଲୋକସମ୍ପର୍କ ଅଫିସ





# ଲାଇଫ୍‌ବୟ୍ ଯେଉଁଠି, ସ୍ୱାସ୍ଥ୍ୟ ସେଇଠି!

ଲାଇଫ୍‌ବୟ୍ ସହିତ ସ୍ନାନ କରିବା କି ଆନନ୍ଦ ! ସ୍ନାନ ପରେ ବାସ୍ତବରେ ଆପଣ ଖୁବ୍ ସତେଜ ଏବଂ ସବଳ ମନେ କରିବେ — ସ୍ୱାସ୍ଥ୍ୟକର ଅନୁଭୂତିରେ ଖୁବ୍ ଆନନ୍ଦ ପାଇବେ । ମଇଳାରୁ କେହି ରକ୍ଷା ପାଇ ପାରିବେ ନାହିଁ – କାମରେ କିମ୍ବା ଖେଳରେ କେହି ମଇଳା ଲାଗିବ ହିଁ ଲାଗିବ । ଏହି ମଇଳାରେ ଥାଏ ଜୀବାଣୁ ଯାହାକୁ କି ଲାଇଫ୍‌ବୟ୍‌ର ସାବୁନର ... ଫେଣ ଧୋଇ ସଫା କରି ଦିଏ ଏବଂ ଆପଣଙ୍କ ସ୍ୱାସ୍ଥ୍ୟ ରକ୍ଷା କରେ । ତେଣୁ ... ସମସ୍ତେ ଲାଇଫ୍‌ବୟ୍ ବ୍ୟବହାର କରନ୍ତି ନାହିଁ କି ?

L 16-X53 BT

ହିନ୍ଦୁସ୍ଥାନ ଲିଭର୍‌ର ...

# ଓଡ଼ିଶାରେ
# ପ୍ରଧାନ ପ୍ରଧାନ ବିଦ୍ୟୁତ୍ ଯୋଜନାର ଅଗ୍ରଗତି

ଯେ କୌଣସି ଦେଶର ଶିଳ୍ପବିକାଶ ଓ ଅର୍ଥନୈତିକ ସମୃଦ୍ଧି ପାଇଁ ଏକ ଦିଗରେ ବିଦ୍ୟୁତ୍ ଶକ୍ତିର ପ୍ରଚୁର ଉତ୍ପାଦନପାଇଁ ଯୋଜନା କରାଯିବା ସଙ୍ଗେ ସଙ୍ଗେ ଅନ୍ୟ ଦିଗରେ ଉତ୍ପାଦିତ ଶକ୍ତିର ଯଥାଯଥ ବିନିଯୋଗ କରାଯିବା ଦରକାର । ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଏହି ଉଭୟ ଉଦ୍ଦେଶ୍ୟରେ ରାଜ୍ୟ ସରକାର କାର୍ଯ୍ୟ ଆରମ୍ଭ କରିଥିଲେ । ଓଡ଼ିଶା ତରଫରୁ ସେତେବେଳେ କେନ୍ଦ୍ର ସରକାର ହୀରାକୁଦ ବନ୍ଧ ଯୋଜନା କାର୍ଯ୍ୟ ହାତକୁ ନେଇଥିଲେ ଓ ରାଜ୍ୟ ସରକାର ନିମ୍ନଲିଖିତ ପରିକଳ୍ପନାମାନ ଗ୍ରହଣ କରିଥିଲେ । ଏହି ପରିକଳ୍ପନାମାନ ପ୍ରଥମ ଯୋଜନାରେ ଆରମ୍ଭ ହୋଇ ଦ୍ୱିତୀୟ ଯୋଜନାକାଳରେ ମଧ୍ୟ ଚାଲୁ ରହିଛି । ଏ ପର୍ଯ୍ୟନ୍ତ ସେ ସବୁର କେତେକ ଅଗ୍ରଗତି ହୋଇଛି, ତାହାର ଏକ ସଂକ୍ଷିପ୍ତ ବିବରଣ ନିମ୍ନରେ ଦିଆଗଲା :—

## ମାଛକୁଣ୍ଡ ଜଳବିଦ୍ୟୁତ୍ ଯୋଜନା

ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ୧୯୪୮ ମସିହାରେ ମାଛକୁଣ୍ଡ ଜଳବିଦ୍ୟୁତ୍ ଯୋଜନା ଆରମ୍ଭ କରାଗଲା । ୧୭ ମି. ୱାଟ ଶକ୍ତିଥିବା ପ୍ରଥମ ଜେନେରେଟିଙ୍ଗ୍ ସେଟ୍‌ଟି ୧୯୫୫ ଅଗଷ୍ଟ ମାସରେ କାର୍ଯ୍ୟକାରୀ କରାଗଲା । ୧୯୫୯ ଅଗଷ୍ଟ ମାସ ସୁଦ୍ଧା ସର୍ବମୋଟ ୬ଟି ଜେନେରେଟିଙ୍ଗ୍ ସେଟ୍ ସ୍ଥାପନ କରାଯାଇ ବର୍ତ୍ତମାନ କାର୍ଯ୍ୟ ଚାଲୁଅଛି । ଏହି କେନ୍ଦ୍ରରୁ ସର୍ବମୋଟ ୧୧୪.୭୫ ମି: ୱାଟ ବିଦ୍ୟୁତ୍‌ଶକ୍ତି ବାହାରିବ । ଏହି ଯୋଜନାରେ ମୋଟ ଖର୍ଚ୍ଚର ୭୦ ଭାଗ ଆନ୍ଧ୍ର ସରକାର ଓ ୩୦ ଭାଗ ଓଡ଼ିଶା ସରକାର ବହନ କରୁଛନ୍ତି । ଏଠାରୁ ଓଡ଼ିଶା ସରକାର ୨୭·୫ ମି: ୱାଟ୍ ବିଦ୍ୟୁତ୍‌ଶକ୍ତି ପାଇବେ । ପ୍ରଥମ ଯୋଜନାକାଳରେ ଓଡ଼ିଶା ସରକାର ଏ ଯୋଜନାପାଇଁ ମୋଟ ୩ କୋଟି ୬ ଲକ୍ଷ ୯୫ ହଜାର ଟଙ୍କା ଖର୍ଚ୍ଚ କରିଥିଲେ ଓ ଦ୍ୱିତୀୟ ଯୋଜନା-କାଳରେ ୧ କୋଟି ୭୧ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି ।

## ଡୁଡୁମା ବିଦ୍ୟୁତ୍ ସଂଚାଳନ ଯୋଜନା

ମାଛକୁଣ୍ଡ ଯୋଜନାରୁ ଓଡ଼ିଶାକୁ ଯେଉଁ ପରିମାଣରେ ବିଦ୍ୟୁତ୍‌ଶକ୍ତି ମିଳିବ, ତାହାର ଉପଯୋଗ କରିବାପାଇଁ ଏହି ଯୋଜନାର ଆବଶ୍ୟକତା ଅନୁଭୂତ ହେଲା । କୋରାପୁଟ ଓ ଗଞ୍ଜାମ ଜିଲ୍ଲାରେ ଏହି ବିଦ୍ୟୁତ୍-ଶକ୍ତି ସଞ୍ଚାଳନ ଓ ବଣ୍ଟନ କରିବା ଏହାର ଲକ୍ଷ୍ୟ । ପ୍ରଥମ ଯୋଜନାକାଳରେ ଏ ବାବଦରେ ୧୧ ଲକ୍ଷ ୪୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା ଓ ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ୧ କୋଟି ୫୪ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି ।

ପ୍ରଥମ ଯୋଜନାକାଳରେ ଡୁଡୁମା ଓ ରାୟଗଡ଼ା ମଧ୍ୟରେ ୬୪ ମାଇଲ ଲମ୍ବ ବିଦ୍ୟୁତ୍‌ବାହୀ ଲାଇନ ଓ ୨୭ ମାଇଲ ସଞ୍ଚାଳନ ଲାଇନ ତିଆରି ହୋଇଥିଲା । ଦ୍ୱିତୀୟ ଯୋଜନାକାଳରେ ୧୯୫୭ ଅଗଷ୍ଟ ମାସରେ ଡୁଡୁମା-ଜୟପୁର ବିଦ୍ୟୁତ୍ ସଞ୍ଚାଳନ ଲାଇନ କାମ ଆରମ୍ଭ ହେଲା । ଏ ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାର ଜୟପୁର, ରାୟଗଡ଼ା, ବୋରିଗୁମା, ନବରଙ୍ଗପୁର, କୋରାପୁଟ ଓ କୋଟପାଡ଼, ଗୁଣୁପୁର

ଆଦି ଲାଇନ ତିଆରି ହୋଇ ସେ ଅଞ୍ଚଳଗୁଡ଼ିକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି ।

ଛତ୍ରପୁର-ଆସ୍କା ୩୩ କିଲୋଭୋଲ୍ଟ ଲାଇନ ତିଆରି ସରିବା ପରେ ଗତବର୍ଷ ଅକ୍ଟୋବର ତା ୧୨ ରିଖଠାରୁ ସେଠାକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି । ଖଲ୍ଲିକୋଟ ଓ ଆସ୍କାର ଡିଜେଲ ଷ୍ଟେସନରୁ ମଧ୍ୟ ବିଦ୍ୟୁତ୍‌ଶକ୍ତି ଆଣି ଏହି ଅଞ୍ଚଳକୁ ଯୋଗାଇ ଦିଆଯାଉଛି । ରାୟଗଡ଼ା-ବ୍ରହ୍ମପୁରର ୧୩୨ କିଲୋଭୋଲ୍ଟ ଲାଇନ ଓ ବ୍ରହ୍ମପୁରର ସବ୍‌ଷ୍ଟେସନ ତିଆରି ସରିବା ପରେ ଏ ଅଞ୍ଚଳ ପୂର୍ଣ୍ଣଭାବରେ ବିଦ୍ୟୁତ୍‌ଶକ୍ତି ପାଇପାରିବ । ରାଜ୍ୟ ସରକାର ତା ୬-୧-୫୯ ରିଖଠାରୁ ପାରଳାଖେମୁଣ୍ଡି ବିଦ୍ୟୁତ୍ ଯୋଗାଣ କର୍ପୋରେସନକୁ ହାତକୁ ନେଇ ସମ୍ପୃକ୍ତ ବିଭାଗ ଜରିଆରେ ବିଦ୍ୟୁତ୍‌ଶକ୍ତି ଯୋଗାଉଛନ୍ତି । ବର୍ତ୍ତମାନ ରାୟଗଡ଼ା - ଗୁଣୁପୁର, ଗୁଣୁପୁର-ପାରଳାଖେମୁଣ୍ଡି, ନାଗାବଳି ଓ ରାୟଗଡ଼ାର ଉଠା ଜଳସେଚନ କାର୍ଯ୍ୟପାଇଁ ବିଦ୍ୟୁତ୍ ଲାଇନମାନ ତିଆରି ଚାଲିଛି । ରାୟଗଡ଼ା ସବ୍‌ଷ୍ଟେସନ ଏବଂ ଟି. ଲାଇନର ଗୋଟିଏ ଅଂଶ ଶେଷ ହୋଇଯିବାରୁ ରାୟଗଡ଼ାର ଉଠା ଜଳସେଚନ ଯୋଜନାର ପମ୍ପ ଚାଲୁହେବାପାଇଁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଗଲାଣି ।

## ହୀରାକୁଦ ବିଦ୍ୟୁତ୍ ଉପଯୋଗ ଯୋଜନା

ହୀରାକୁଦ ଯୋଜନାରୁ ମିଳୁଥିବା ବିଦ୍ୟୁତ୍‌ଶକ୍ତି ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ପୁରୀ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ଗୁଡ଼ିକରେ କପରି ବଣ୍ଟାଯିବ, ସେଥିପାଇଁ ଏ ଯୋଜନା କରାଯାଇଛି । ପ୍ରଥମ ଯୋଜନାର ଶେଷ ସୁଦ୍ଧା ଏ ବାବଦରେ ମୋଟ ୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ।

ଏହି ଯୋଜନା ଅନୁଯାୟୀ କଟକ-ଭୁବନେଶ୍ୱର ଓ ବାଲିକୁଦା-ବାରଙ୍ଗ ଲାଇନ ତିଆରି ହୋଇ ଏ ଅଞ୍ଚଳକୁ ହୀରାକୁଦର ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି । ପିପିଲି, ସାକ୍ଷୀଗୋପାଳ, ନାରାୟଣସିଂହ- ପୁର ବାଟ ଦେଇ କୁଆଖାଇ ପମ୍ପ ହାଉସକୁ ପୁରୀ ପର୍ଯ୍ୟନ୍ତ ୩୩ କେ: ଭି: ଲାଇନ ତିଆରି ସରିବାପରେ ହୀରାକୁଦରୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଥିଲା । ଜଗତପୁର, କେନ୍ଦ୍ରାପଡ଼ା, ସାଲେପୁର, କେନ୍ଦୁପାଟଣା, ବନ୍ଧୁଗ୍ରାମ ଆଦି ଗ୍ରାମାଞ୍ଚଳକୁ ମଧ୍ୟ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି । ଚଉଦ୍ୱାର-ଢେଙ୍କାନାଳ ୩୩ କେ: ଭି: ଲାଇନ ତିଆରି ହୋଇଯିବାପରେ ଖୁଣ୍ଟୁଣି, ଆଠଗଡ଼, ତାଳଚେର, ଅନୁଗୁଳ, ଢେଙ୍କାନାଳ ଯାଏଁ ବିଦ୍ୟୁତ୍‌ଶକ୍ତି ପାଇପାରୁଛି । ଚୌଦ୍ୱାର-ଜଗତସିଂହପୁର ଲାଇନଦ୍ୱାରା ଜଗତସିଂହପୁର ଓ ବଡ଼ବାଗର ଲୋକମାନଙ୍କୁ ବିଦ୍ୟୁତ୍‌ଶକ୍ତି ଦିଆଗଲା । ପାଣିକୋଇଲି- ଯାଜପୁର ଓ ଗୋପ-କୋଣାର୍କ ୧୧ କେ: ଭି: ଲାଇନ ତିଆରି ସରିବାପରେ ସେ ଅଞ୍ଚଳକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଗଲାଣି ।

ରାଜଗାଙ୍ଗପୁର-ରାଉରକେଲା ୩୩ କେ: ଭି: ଲାଇନ ଶେଷ ହେବା ପରେ ରାଜଗାଙ୍ଗପୁରର ସିମେଣ୍ଟ କାରଖାନା ଓ ରାଉରକେଲାର ଇସ୍ପାତ କାରଖାନା ଓ ରାଉରକେଲା-ବାରମିତ୍ରପୁର ଲାଇନ ଶେଷ ହେବା ପରେ ବିସ୍ରା ଚୂନପଥର କମ୍ପାନୀକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି । ଏହାଛଡ଼ା ଟାଟା କମ୍ପାନୀଙ୍କର ଜୋଡ଼ା ଫେରୋମାଙ୍ଗାନିଜ କାରଖାନା, ବେଲପାହାଡ଼ ପୋଡ଼ାମାଟି (ରିଫ୍ରାକ୍ଟରୀ) କାରଖାନା, କଳିଙ୍ଗ ଇଣ୍ଡଷ୍ଟ୍ରିଜ, ବଡ଼ବିଲର ଲୌହ-ସାଙ୍ଗଠ ଫରେଷ୍ଟ୍ରିସ ଓ ହୀରାକୁଦର ଇଣ୍ଡିଆନ୍ ଆଲୁମିନିୟମ କମ୍ପାନୀକୁ ହୀରାକୁଦର ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି ।

## କ୍ଷୁଦ୍ର ସହର ଓ ଗ୍ରାମ ବିଦ୍ୟୁତ୍
## ଯୋଗାଣ ଯୋଜନା

୩୩ କେ. ଭି. ଓ ୧୧ କେ. ଭି. ଲାଇନଦ୍ୱାରା ପାର୍ଶ୍ୱବର୍ତ୍ତୀ କେତେକ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ଓ ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଥିଲା । ଏ ବାବଦରେ ପ୍ରଥମ ଯୋଜନାକାଳ ମଧ୍ୟରେ ମୋଟ ୪୯ ଲକ୍ଷ ୧୯ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଫୁଲବାଣୀ, ବୋଉଦାଣୀ, ସୋରଡ଼ା, ଟାଙ୍ଗି, ଚନ୍ଦ୍‌ବାଲି, ଖଡ଼ିଆଳସେଡ଼ି, ଜଗତସିଂହପୁର, ବହୁଗ୍ରାମ, ସାଲେପୁର, କେନ୍ଦ୍ରାପଡ଼ା, ଯାଆଁଳା, ଓ ମୁଣ୍ଡମୁହାଣ ଆଦି ଅନେକ ସ୍ଥାନକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଥିଲା ।

ଗାଁଗହଳ ଓ କ୍ଷୁଦ୍ର ସହରକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦେବାପାଇଁ ଦ୍ୱିତୀୟ ଯୋଜନାକାଳରେ ୧ କୋଟି ୫୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଏ ପର୍ଯ୍ୟନ୍ତ ବାଲକାଟି, ଭଦ୍ରକ, ସୁନ୍ଦବାଲି, ଆନନ୍ଦପୁର, ସୁଣ୍ଡପୁର, ଜଳେଶ୍ୱର, ଖଲକୋଟ, ବାଣପୁର, ପୁରୁଷୋତ୍ତମପୁର, ରମ୍ଭା, ହୁମା, ଗଞ୍ଜାମ, ବଡ଼କୋଦଣ୍ଡା, ବେଲଗୁଣ୍ଠା, ଟାଙ୍ଗି (ପୁରୀ ଜିଲ୍ଲା) ଟିଟିଲାଗଡ଼, ରାଇରଙ୍ଗପୁର, ଜୁନାଗଡ଼, କେସିଙ୍ଗା, ସୋର, ଭଦ୍ରପୁର ଏବଂ ବୃନ୍ଦପୁରକୁ ବିଦ୍ୟୁତଶକ୍ତି ଯୋଗାଇ ଦିଆଗଲାଣି । ହୀରାକୁଦ ଜମ୍ଭା ମାଛକୁଣ୍ଡରୁ ଜଳବିଦ୍ୟୁତ୍ ଶକ୍ତି ପାଇବା ଲକ୍ଷ୍ୟ ରଖି ଏମାନଙ୍କ ମଧ୍ୟରୁ ଅନେକ ଜାଗାରେ କ୍ଷୁଦ୍ର ଡିଜେଲ ଜେନେରେଟିଙ୍ଗ ଷ୍ଟେସନମାନ ମଧ୍ୟ ସ୍ଥାପନ କରାଯାଇଛି ।

---

## କେତୋଟି ଜାଣିବା କଥା

ଦ୍ୱିତୀୟ ଯୋଜନାର ପ୍ରାରମ୍ଭରୁ ଦେଶରେ ହାତତନ୍ତ ଲୁଗା ଉତ୍ପାଦନ ଶତକଡ଼ା ୨୫ ଭାଗରୁ ଅଧିକ ବୃଦ୍ଧି ପାଇଛି । ୧୯୫୫ ମସିହାରେ ୧୫୦ କୋଟି ଗଜରୁ କମ ଲୁଗା ଉତ୍ପାଦନ ହୋଇଥିବା ସ୍ଥଳେ ୧୯୫୯ ମସିହାରେ ଏହା ୧୯୦ କୋଟି ଗଜ ହୋଇଥିବାର ଅଟକଳ କରାଯାଇଛି ।

୧୯୫୯ ମସିହା ଜୁଲାଇ ସୁଦ୍ଧା ଦେଶରେ ରେଜେଷ୍ଟ୍ରି କରାହୋଇଥିବା ହାତତନ୍ତସଂଖ୍ୟା ୨୮ ଲକ୍ଷ ଥିଲା ।

ସମବାୟ ସୂତ୍ରରେ ପରିଚାଳିତ ହେଉଥିବା ହାତତନ୍ତସଂଖ୍ୟା ୧୯୫୫ ମସିହା ଏପ୍ରିଲ ମାସରେ ନଅ ଲକ୍ଷରୁ କମ ଥିବାସ୍ଥଳେ ୧୯୫୯ ମସିହା ଏପ୍ରିଲ ମାସରେ ଏହା ୧୨ ଲକ୍ଷକୁ ବୃଦ୍ଧିପ୍ରାପ୍ତ ହୋଇଛି । ଏହି ବୃଦ୍ଧିର ପରିମାଣ ଶତକଡ଼ା ୩୫ ଭାଗ ହୋଇଛି ।

ଦେଶରେ ୧୦,୦୦୦ ତନ୍ତୁବାୟ ସମବାୟ ସମିତି ରହିଛି ଏବଂ ଏହି ସମିତିଗୁଡ଼ିକ ଅଧୀନରେ ପ୍ରାୟ ୧୨ ଲକ୍ଷ ତନ୍ତ ଚାଲୁ ହେଉଛି ।

# ଓଡ଼ିଶାରେ ବଜାର-ନିୟନ୍ତ୍ରଣ ଯୋଜନା

ଉନ୍ନତ ଧରଣର କୃଷି-ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ବିଷୟରେ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ସେଦୃଷ୍ଟିରୁ ଉନ୍ନତ ଧରଣର କୃଷି ପ୍ରଣାଳୀ, ବିହନ, ସାର ଓ ଖତ ଲୋକପ୍ରିୟ କରିବାପାଇଁ ଉଦ୍ୟମ କରାଯାଇଛି । ଖାଦ୍ୟ ଶସ୍ୟ ଉତ୍ପାଦନ ଅପେକ୍ଷାକୃତ ସହଜ ଓ ସୁଗମ ହୋଇଥିବା ଏବଂ ଝୋଟ, ତୁଳା ଓ ତୈଳବୀଜ ଆଦି କଞ୍ଚାମାଲ ଯୋଗାଣର ଅବସ୍ଥାରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ହୋଇଥିବାଦୃଷ୍ଟିରୁ ଏ ପ୍ରକାର ପ୍ରଚେଷ୍ଟା ଫଳପ୍ରଦ ହୋଇଛି ବୋଲି ଜଣାଯାଏ । ଏ ଉଦ୍ୟମ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଦେଶର କୃଷି ଅର୍ଥନୀତିର ଭିତ୍ତିକୁ ଅଧିକ ଦୃଢ଼ କରିବା ଉଦ୍ଦେଶ୍ୟରେ ଚାଲିବ । ତେଣୁ ଏହି ଉନ୍ନତ ଧରଣର ପ୍ରଣାଳୀକୁ ଜନସାଧାରଣଙ୍କ ମଧ୍ୟରେ ବଜାୟ ରଖିବା ଉଦ୍ଦେଶ୍ୟରେ କି କି ବ୍ୟବସ୍ଥା କରାଯିବା ଉଚିତ, ତାହା ସ୍ଥିର ହେବା ଆବଶ୍ୟକ । ପ୍ରଥମ ବ୍ୟବସ୍ଥା ହେଉଛି କୃଷୀମାନଙ୍କରେ ତାର କ୍ରମବର୍ଦ୍ଧିତ ଓ ଉନ୍ନତ ଧରଣର ଉତ୍ପାଦନପାଇଁ ବଜାରରେ ଉପଯୁକ୍ତ ମୂଲ୍ୟ ପାଇବାର ଦୃଢ଼ ବିଶ୍ୱାସ ଜନ୍ମାଇବା । ଏ ବିଷୟରେ ଏଠାରେ ୧୯୨୮ ମସିହା ରୟାଲ କମିଶନଙ୍କ ରିପୋର୍ଟର କେତେକାଂଶ ଉଲ୍ଲେଖ କରାଯାଇପାରେ । ଏଥିରେ ଲେଖାଯାଇଛି "କୃଷୀ ତାର ଉନ୍ନତ ଧରଣର ଉତ୍ପାଦନପାଇଁ ଯଥେଷ୍ଟ ମୂଲ୍ୟ ନ ପାଇଲେ ଏ ବିଷୟରେ ଯେତେପ୍ରକାର ଉନ୍ନୟନମୂଳକ ବ୍ୟବସ୍ଥା କରାଗଲେ ମଧ୍ୟ ତାହା ସଫଳ ହେବ ନାହିଁ ।" ଉପଯୁକ୍ତ ବଜାର ବ୍ୟବସ୍ଥାର ଅଭାବରୁ ଖାଉଟି ଦେଉଥିବା ଗୋଟିଏ ଟଙ୍କାରେ କୃଷୀ ୬ ଅଣାରୁ ୧୦ ଅଣା ମଧ୍ୟରେ ପାଉଛି ବୋଲି କମିଶନ ତଦନ୍ତ କରି ଏହି ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ଉନ୍ନତ ଧରଣର ଉତ୍ପାଦନ ସମ୍ଭବ ହେଉ ନାହିଁ । ତେଣୁ କୃଷିକ୍ଷେତ୍ରରେ ଦ୍ରୁତ ଉନ୍ନତି ଓ ଅଗ୍ରଗତିପାଇଁ ଉପଯୁକ୍ତ ବଜାର-ବ୍ୟବସ୍ଥା ହେଉଛି ପ୍ରଥମ କାର୍ଯ୍ୟ ।

## ପ୍ରଚଳିତ ବଜାରରେ ଦୋଷତ୍ରୁଟି

ବର୍ତ୍ତମାନ ପ୍ରଚଳିତ ବଜାର ବ୍ୟବସ୍ଥାର ଦୋଷତ୍ରୁଟି ଓ ଅଭାବ ଅସୁବିଧା ସମ୍ପର୍କରେ ବିଚାର କରିବା ଏବଂ କୃଷୀ ( ଉତ୍ପାଦନକାରୀ ) କି ପ୍ରକାର ଅବସ୍ଥାରେ ଗତି କରୁଛି, ତାର ପ୍ରଣିଧାନ କରିବା ଆବଶ୍ୟକ । ଆମ ବଜାର ବ୍ୟବସ୍ଥାର ଯେଉଁ ସବୁ ଦୋଷତ୍ରୁଟି ରହିଛି, ତାକୁ ନିମ୍ନମତେ ବର୍ଣ୍ଣନା କରାଯାଇପାରେ :—


(କ) ଓଜନ ଓ ମାପର ଗୋଟିଏ ନିର୍ଦ୍ଦିଷ୍ଟ ମାନ (Standard) ନାହିଁ । ଯେଉଁ ସବୁ ଓଜନ ଓ ମାପ ବଜାରରେ ବ୍ୟବହୃତ ହେଉଛି, ସେ ସବୁ ପରିଦର୍ଶନ କରିବାର ବା ତନଖି କରିବାର କୌଣସି ବ୍ୟବସ୍ଥା ନାହିଁ । ଫଳରେ ଅଜ୍ଞ ଓ ନିରକ୍ଷର କୃଷୀକୁ ଓଜନରେ ଅନେକ କ୍ଷେତ୍ରରେ ଠକି ଦିଆଯାଉଛି ।

(ଖ) ମାପ ଓ ଓଜନ କରିବାପାଇଁ କୌଣସି ନିର୍ଭରଯୋଗ୍ୟ ବା ସ୍ୱାଧୀନ ଏଜେନ୍‌ସି ନାହିଁ । ଅଧିକାଂଶ କ୍ଷେତ୍ରରେ ଯେଉଁମାନେ ଓଜନ ବା ମାପ କରନ୍ତି, ସେମାନେ ମଧ୍ୟସ୍ଥ ବା କ୍ରେତାଙ୍କ ଦ୍ୱାରା ନିଯୁକ୍ତ ହୋଇ ଥାଆନ୍ତି । ସୁତରାଂ ଉତ୍ପାଦନକାରୀର ଲାଭକ୍ଷତି ପ୍ରତି ସେମାନେ ଦୃଷ୍ଟି ଦିଅନ୍ତି ନାହିଁ ।

(ଗ) ନମୁନା ଆକାରରେ ବହୁପରିମାଣରେ କୃଷୀର ଉତ୍ପାଦନ ଦ୍ରବ୍ୟ ଚାଲିଯାଏ ଏବଂ ସେଥିପାଇଁ



ଗତ ମାସରେ ଚୌଦ୍ୱାରଠାରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ସୁଖ୍‌ଥଣକର ଚୌଦ୍ୱାର କାଗଜକଲ ଉଦ୍‌ଘାଟନ କରି ଭାଷଣ ଦେଉଛନ୍ତି



ଓଡ଼ିଶାର ରାଜ୍ୟପାଳ ଫୁଲବାଣୀ ଜିଲ୍ଲାର ଗୋପବନ୍ଧୁ ଆଶ୍ରମ ସ୍କୁଲ ପରିଦର୍ଶନ କରୁଛନ୍ତି

ବିକ୍ରି କରିବା ବା କାରବାର ନ ହେଲେ ମଧ୍ୟ ତାକୁ କିଛି ମୂଲ୍ୟ ମିଳେ ନାହିଁ ।

(ଘ) ଅନେକ କ୍ଷେତ୍ରରେ କ୍ରେତା ଓ ବିକ୍ରେତାଙ୍କ ପକ୍ଷରୁ ଦଲାଲମାନଙ୍କ ଜରିଆରେ ଗୁପ୍ତରେ କାରବାର କରାଯାଇଥାଏ । ଏହା ଫଳରେ ଭିନ୍ନ ଭିନ୍ନ କ୍ରେତାଙ୍କଠାରୁ ଉଚିତ ଦର ବୁଝି ଜାଣିବା ସୁଯୋଗରୁ ବିକ୍ରେତା ବା କୃଷୀ ବଞ୍ଚିତ ହୋଇଥାଏ ।

(ଙ) ବଡ଼ ବଡ଼ ବଜାରରେ ମାଲ କାରବାର କରିବା ପାଇଁ ଉତ୍ପାଦନକାରୀ ବା କୃଷୀ ଯେଉଁ ଦଲାଲମାନଙ୍କୁ ନିଯୁକ୍ତ କରିବାକୁ ବାଧ୍ୟ ହୋଇଥାଆନ୍ତି, ସେମାନେ ସାଧାରଣତଃ କ୍ରେତାଙ୍କୁହିଁ ସମର୍ଥନ କରନ୍ତି । କାରଣ ବିକ୍ରେତା ଅପେକ୍ଷା କ୍ରେତାମାନଙ୍କ ସହିତ ସେମାନଙ୍କର ସଂପର୍କ ବେଶୀ ।

(ଚ) ଯଦି ବିକ୍ରି ଦ୍ରବ୍ୟରେ କିଛି ଅଭିଯୋଗ ଥିବାରୁ ବିବାଦ ଉପୁଜେ, ତେବେ କୃଷୀ ବା ଉତ୍ପାଦନକାରୀକୁ କ୍ରେତା ଓ ମଧ୍ୟସ୍ଥର ଦୟାଉପରେ ସଂପୂର୍ଣ୍ଣ ନିର୍ଭର କରିବାକୁ ପଡ଼ିଥାଏ । ଏହି ବିବାଦର ନିରପେକ୍ଷ ନିଷ୍ପତ୍ତିପାଇଁ କୌଣସି ବ୍ୟବସ୍ଥା ନାହିଁ ।

(ଛ) ବାଣିଜ୍ୟଭତ୍ତା (Trade Allowance) ନାମରେ ବିକ୍ରିମୂଲ୍ୟରୁ ବହୁଅଂଶ କାଟି ନିଆଯାଇଥାଏ ।

(ଜ) ଧାର୍ମିକ ଓ ଅନ୍ୟାନ୍ୟ ଦାତବ୍ୟ କାର୍ଯ୍ୟ ନାମରେ କୃଷୀଠାରୁ ଚାନ୍ଦା ଆଦାୟ କରାଯାଏ । ଏ ପ୍ରକାର ବେଆଇନ ଆଦାୟର ପ୍ରତିବାଦ କରିବାପାଇଁ କୃଷୀର ଉପଯୁକ୍ତ ସମ୍ବଳ ନାହିଁ । ତେଣୁ ସହରର ପିଲାମାନଙ୍କ ଶିକ୍ଷା ନିମନ୍ତେ ଓ ଗୋଶାଳା ଆଦିର ରକ୍ଷଣାବେକ୍ଷଣ ନିମନ୍ତେ ତାକୁ ପଇସା ଦେବାକୁ ପଡ଼େ । ଅଥଚ ସେଥିରେ ସେ ସିଧାସଳଖ କୌଣସି ପ୍ରକାରରେ ଉପକୃତ ହୁଏ ନାହିଁ ।

(ଝ) ବଜାରର ଦରଦାମ ଜାଣିବାପାଇଁ କୃଷୀ ବା ଉତ୍ପାଦନକାରୀର ସମ୍ବଳ ନ ଥାଏ । ତେଣୁ ମଧ୍ୟସ୍ଥ ଦଲାଲ ବା କ୍ରେତା ଯାହା କହନ୍ତି, ତା'ର ଉପରେ ତାକୁ ନିର୍ଭର କରିବାକୁ ପଡ଼େ । ଦରଦାମ ସଂପର୍କରେ ସ୍ଥିର କରି ମାଲ ବିକିବାପାଇଁ ବ୍ୟବସ୍ଥା ନାହିଁ ।

(ଞ) ଅନେକ କ୍ଷେତ୍ରରେ କୃଷୀକୁ ତାର ଋଣଦାତାଙ୍କ ପାଖରେ ଆମଦାନୀର ବହୁଆଗରୁ ଫସଲ ବନ୍ଧା ଦେବାକୁ ପଡ଼ିଥାଏ ଏବଂ ଆମଦାନୀ ପରେ ଋଣଦାତା ଯେଉଁ ଦର କହେ, ସେହି ଦରରେ ସମସ୍ତ ଉତ୍ପାଦିତ ଶସ୍ୟ ତାକୁ ଜମା ଦେବାକୁ ପଡ଼େ ।

(ଟ) ମୂଳଧନର ଅଭାବ, ଖଜଣା ଦାଖଲ ଓ ସାହୁକାରର ପାଉଣା ସୁଝିବାପାଇଁ ଶସ୍ୟ ଆମଦାନୀ ହେବାମାତ୍ରେ ଅଳ୍ପ ଦରରେ ବଜାରରେ ବିକ୍ରି କରି ଦେବାକୁ ସେ ବାଧ୍ୟ ହୁଏ ।

## ପ୍ରତିକାର ବ୍ୟବସ୍ଥା

ଉପରୋକ୍ତ ଦୋଷତ୍ରୁଟିଗୁଡ଼ିକରୁ ବିଚାର କଲେ ଜଣାଯିବ ଯେ କୃଷୀ ବା ଉତ୍ପାଦନକାରୀକୁ ଯଦି ଅର୍ଥନୀତିର ଏ ପ୍ରକାର ମନମୁଖୀ ଖେଳ ମଧ୍ୟରେ ଛାଡ଼ି ଦିଆଯାଏ, ତେବେ ସେ ଗୁରୁତରଭାବରେ କ୍ଷତିଗ୍ରସ୍ତ ହେବ । ତେଣୁ ସରକାର ଏଥିରେ ହସ୍ତକ୍ଷେପ କରି କୃଷୀକୁ ରକ୍ଷା କରିବା ଉଚିତ । କୃଷୀ ଯେପରି ବଜାରରେ ଠକେଇ ହେବାର ଆଶଙ୍କା ବା ସନ୍ଦେହ ନ କରେ ଏବଂ ନିଜର ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବା ସମ୍ପର୍କରେ ତା' ମନରେ ଦୃଢ଼ ବିଶ୍ୱାସ ଜନ୍ମେ, ସେଥିପାଇଁ ଯଥାର୍ଥ ବାତାବରଣ ସୃଷ୍ଟି କରିବାକୁ ହେବ । କୃଷୀକୁ ଦୁଇ ପ୍ରକାରରେ ସାହାଯ୍ୟ କରାଯାଇପାରେ । ପ୍ରଥମତଃ, (କ) ଠାରୁ (ଝ) ପର୍ଯ୍ୟନ୍ତ ଦର୍ଶାଯାଇଥିବା ତ୍ରୁଟିଗୁଡ଼ିକ ସୁଧାରି କୃଷି-

ଉତ୍ପାଦନ କାରବାର ହେଉଥିବା ବଜାରଗୁଡ଼ିକୁ ନିୟନ୍ତ୍ରଣ କରିବା । ଏହା ଫଳରେ କୃଷୀ ମନରେ ନିଶ୍ଚିତତା ଓ ନିରପେକ୍ଷତାର ଧାରଣା ସୃଷ୍ଟି କରାଯାଇ ପାରିବ ।

ଦ୍ୱିତୀୟତଃ, ସମବାୟ ମାର୍କେଟିଂ ସମିତି ଆଦି ଅନୁଷ୍ଠାନକୁ ଉତ୍ସାହିତ କରିବା । ଏହି ଅନୁଷ୍ଠାନଗୁଡ଼ିକୁ କୌଣସି ମଧ୍ୟସ୍ଥର ବିନା ହସ୍ତକ୍ଷେପରେ ଠିକ ସମୟରେ ସିଧାସଳଖ ବଜାରରେ କାରବାର କରିବା ପାଇଁ ଉପଯୁକ୍ତ ଅର୍ଥ ମଞ୍ଜୁର କରିବା ଆବଶ୍ୟକ । ସମବାୟ ସୂତ୍ରରେ ଋଣ ବଣ୍ଟା ଓ କାରବାରର ବ୍ୟବସ୍ଥା ସହିତ ଶସ୍ୟ ମହଜୁଦ କରିବାପାଇଁ ଗୋଦାମ ଘର (licensed warehouse) ପ୍ରତିଷ୍ଠା କରିବାକୁ ପଡ଼ିବ । ଫଳରେ ସୁବିଧା ଦର ହେବା ପର୍ଯ୍ୟନ୍ତ କୃଷୀ ତା'ର ବଳକା ଉତ୍ପାଦନ ଏଥିରେ ମହଜୁଦ ରଖିପାରିବ । ଏହି ଦୁଇଟି ଉପାୟରେ କୃଷୀକୁ ସାହାଯ୍ୟ କରାଯାଇ ପାରିବ । ଯଦି ଉପରୋକ୍ତ ପ୍ରଣାଳୀର କାର୍ଯ୍ୟକାରିତାପାଇଁ ମିଳିତ ଉଦ୍ୟମ କରାଯାଏ, ତେବେ କୃଷୀର ଅର୍ଥନୈତିକ ଅବସ୍ଥା ସଫଳତାର ସହିତ ଉନ୍ନତ କରାଯାଇ ପାରିବ । ସେ ଦୃଷ୍ଟିରୁ ସରକାର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାପାଇଁ ଏକ ସମ୍ମିଳିତ ଯୋଜନା କରିଛନ୍ତି । ଏହି ପୁସ୍ତିକାରେ ସେହି ଯୋଜନାର ଏକ ପ୍ରଧାନ କାର୍ଯ୍ୟକ୍ରମ ବଜାର-ନିୟନ୍ତ୍ରଣ ସମ୍ପର୍କରେ ବର୍ଣ୍ଣନା କରିବାର ଉଦ୍ୟମ କରାଯାଇଛି ।

## ନିୟନ୍ତ୍ରିତ ବଜାର

କୃଷୀ ବା ଉତ୍ପାଦନକାରୀମାନଙ୍କ ସ୍ୱାର୍ଥଦୃଷ୍ଟିରୁ ବଜାର ନିୟନ୍ତ୍ରଣ କରିବାପାଇଁ ବହୁପୂର୍ବରୁ ରୟାଲ କମିଶନ ସୁପାରିଶ କରିଥିଲେ ଏବଂ ତଦନୁଯାୟୀ ମାଡ୍ରାଜ, ବମ୍ବେ, ହାଇଦ୍ରାବାଦ, ମଧ୍ୟପ୍ରଦେଶ, ମହୀଶୂର, ପଞ୍ଜାବ ଓ ପେପ୍ସୁରେ କୃଷି ଉତ୍ପାଦନ କାରବାର ହେଉଥିବା ବଜାରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଆଇନ କରାଯାଇଛି । ଏ ସମସ୍ତ ରାଜ୍ୟ ମଧ୍ୟରେ ହାଇଦ୍ରାବାଦରେ ହିଁ ନିୟନ୍ତ୍ରିତ ବଜାର ଯୋଜନା ସବୁଠାରୁ ବେଶ୍ ସଫଳ ହୋଇଛି । ବଜାର ନିୟନ୍ତ୍ରଣର ଇତିହାସ ୧୯୩୦ ମସିହାରୁ ଆରମ୍ଭ । ବର୍ତ୍ତମାନ ହାଇଦ୍ରାବାଦରେ ମୋଟ ୮୩ଟି ନିୟନ୍ତ୍ରିତ ବଜାର ରହିଛି । ଦୁଇଟି ଗୋରୁ ବଜାର ମଧ୍ୟ ଏହାର ଅନ୍ତର୍ଭୁକ୍ତ । ରାଜ୍ୟର ପ୍ରାୟ ସମସ୍ତ ବଜାର ବର୍ତ୍ତମାନ ନିୟନ୍ତ୍ରଣାଧୀନ । ଅଦ୍ୟାପି ମଧ୍ୟ ୫୫ ପ୍ରକାରର କୃଷି-ଉତ୍ପାଦନ ଦ୍ରବ୍ୟ ନିୟନ୍ତ୍ରଣ ତାଲିକାରେ ଭୁକ୍ତ ହୋଇଛି । ହାଇଦ୍ରାବାଦର ଦୃଷ୍ଟାନ୍ତ ଓ ଅଭିଜ୍ଞତାରୁ ଓଡ଼ିଶାରେ ସେହି ପ୍ରଥା ଚାଲୁ କରିବାପାଇଁ ଆମେ ଯଥେଷ୍ଟ ଶିକ୍ଷା ପାଇ ପାରିବା । ସେଥିପାଇଁ ହାଇଦ୍ରାବାଦରେ ବଜାର ନିୟନ୍ତ୍ରଣ ପ୍ରଣାଳୀ ସମ୍ପର୍କରେ ପ୍ରତ୍ୟକ୍ଷ ଅଭିଜ୍ଞତା ଅର୍ଜନ କରିବାକୁ ରାଜ୍ୟ ସରକାର କେତେ ଜଣ ଅଫିସରଙ୍କୁ ସେଠାକୁ ପଠାଇଥିଲେ । ସେମାନେ କୃଷୀ, ମଧ୍ୟସ୍ଥ, କ୍ରେତା ଓ ସରକାରୀ ଅଫିସର ପ୍ରଭୃତି ବିଭିନ୍ନ ଶ୍ରେଣୀର ସଂପୃକ୍ତ ବ୍ୟକ୍ତିଙ୍କଠାରୁ ଏ ସଂପର୍କରେ ଅନୁସନ୍ଧାନ କରି ସରକାରଙ୍କୁ ଜଣାଇଥିଲେ ଯେ ବଜାର-ନିୟନ୍ତ୍ରଣଦ୍ୱାରା ହାଇଦ୍ରାବାଦ କୃଷୀମାନେ ଉପକୃତ ହେଉଛନ୍ତି ଏବଂ ରାଜ୍ୟରେ ବଜାରର ବ୍ୟବସ୍ଥା ଦୃଢ଼ କରାଯାଇଛି ବୋଲି ଏକମତ ହୋଇ ପ୍ରକାଶ କରିଛନ୍ତି ।

## ହାଇଦ୍ରାବାଦ ପ୍ରଣାଳୀ

ହାଇଦ୍ରାବାଦ ପ୍ରଣାଳୀ ସମ୍ପର୍କରେ ଏଠାରେ ସଂକ୍ଷେପରେ ଉଲ୍ଲେଖ କଲେ ଭଲ ହେବ । ହାଇଦ୍ରାବାଦ କୃଷି ଉତ୍ପାଦନ ବଜାର ଆଇନ ଅନୁଯାୟୀ ସରକାର ବଜାରର ପରିସର ଓ ସୀମା ସ୍ଥିର କରନ୍ତି । ବଜାରଗୁଡ଼ିକର ପରିସର ଏପରି ଭାବରେ ଜଣାଇ ଦିଆଯାଏ ଯେ ଯେପରି ଗୋଟିଏ

ବଜାର ଅନ୍ୟ ବଜାରର ସୀମା ଭିତରକୁ ଯାଇ ନ ପାଏ । ସହର ଅଞ୍ଚଳରେ ମ୍ୟୁନିସିପାଲ ସୀମା ଓ ଗ୍ରାମ ଅଞ୍ଚଳରେ ଗାଁର ସୀମା ଅନୁଯାୟୀ ବଜାରର ପରିସର ଧାର୍ଯ୍ୟ କରାଯାଇଥାଏ । ପ୍ରାଥମିକ ଅବସ୍ଥାରେ ସହର ଓ ଗ୍ରାମର ଘରଆଗରେ ବିକ୍ରିର ବ୍ୟବସ୍ଥା କରାଯାଇ ଥିଲା; କିନ୍ତୁ ସୁନିୟନ୍ତ୍ରଣର ସ୍ୱାର୍ଥଦୃଷ୍ଟିରୁ ଗୋଟିଏ ସ୍ଥାନରେ ବିକ୍ରି ବ୍ୟବସ୍ଥା କରିବାର ଆବଶ୍ୟକତା ଅନୁଭୂତ ହେଲା । ସ୍ଥାନୀୟ ସ୍ୱାୟତ୍ତଶାସନ ଅନୁଷ୍ଠାନମାନଙ୍କ ସାହାଯ୍ୟରେ ବଜାରପାଇଁ ସ୍ଥାନ ନିରୂପଣ କରାଗଲା । ଜମି ଦଖଲ କରାଯାଇ ବଜାର, ଅଫିସ, ନିଲାମ ଘର, ଓଜନ ତଉଳଘର, ଦୋକାନ ଏବଂ ଗୋଦାମ, ଗୋରୁଗାଡ଼ି ରହିବା ସ୍ଥାନ ଓ ଗୋରୁ ବସ୍ତୀ ଇତ୍ୟାଦି ସ୍ଥାନପାଇଁ ଖର୍ଚ୍ଚର ହିସାବ ପ୍ରସ୍ତୁତ କରାଗଲା । ରାଜ୍ୟ ବା ସ୍ଥାନୀୟ ସ୍ୱାୟତ୍ତଶାସନ ଅନୁଷ୍ଠାନମାନେ ଏ ଖର୍ଚ୍ଚର ବିଶେଷ ଭାର ନେଇ ନ ଥିଲେ । ବରଂ ଅନ୍ୟ ପକ୍ଷରେ, ବଜାର ପ୍ରତିଷ୍ଠିତ ହୋଇଯିବା ପରେ ଜମିର ମୂଲ୍ୟ ଉଲ୍ଲେଖଯୋଗ୍ୟ ଭାବରେ ବଢ଼ିଯାଇଥିବାରୁ ସ୍ଥାନୀୟ ସ୍ୱାୟତ୍ତଶାସନ ଅନୁଷ୍ଠାନମାନେ ଯଥେଷ୍ଟ ଉପକୃତ ହେଉଛନ୍ତି । ସହର ସାରା ଏଣେତେଣେ ବିକ୍ରି କରିବା ଅପେକ୍ଷା ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ବିକ୍ରେତାମାନେ ବିକ୍ରି କରିବାର ସୁବିଧା ପାଉଛନ୍ତି । ବର୍ତ୍ତମାନ ଯେ କୌଣସି କାର୍ଯ୍ୟପାଇଁ ହେଉନା କାହିଁକି, ଏହି ନିୟନ୍ତ୍ରିତ ବଜାରଗୁଡ଼ିକ ଜନସାଧାରଣଙ୍କ କାରବାରର ପ୍ରଧାନ ସ୍ଥଳରେ ପରିଣତ ହୋଇଛି । ଆଇନ ଅନୁଯାୟୀ ଏହି ବଜାରକୁ ବିକ୍ରିପାଇଁ ଆସୁଥିବା ମାଲ ଅନ୍ୟତ୍ର କେଉଁଠି ବିକ୍ରି ପାଇଁ ଅନୁମତି ମିଳିବ ନାହିଁ । ଯେଉଁ ସବୁ ନିର୍ଦ୍ଦିଷ୍ଟ କୃଷି ଉତ୍ପାଦନ ଦ୍ରବ୍ୟ ପ୍ରତି ନିୟନ୍ତ୍ରଣ ଲାଗୁହେବ, ତାହା ମଧ୍ୟ ଆଗରୁ ଜଣାଇ ଦିଆଯାଇଛି । ଏହି ଉତ୍ପାଦନ ଦ୍ରବ୍ୟ କାରବାର କରିଥିବା ସମସ୍ତ କ୍ରେତା ଓ ବିକ୍ରେତାଙ୍କୁ ଲାଇସେନସ କରିବାକୁ ହୁଏ । କମିଶନ ଏଜେଣ୍ଟ ମଧ୍ୟ ଲାଇସେନ୍ସ କରନ୍ତି; ଅର୍ଥାତ୍ ବିନା ଲାଇସେନ୍ସରେ ଏହି ବଜାରକୁ କିଣାବିକା ବା କାରବାର କରିବାକୁ କେହି ଆସିପାରିବେ ନାହିଁ ।

## ବଜାର ପରିଚାଳନା

ବଜାର ପରିଚାଳନା ତଦାରଖ ଓ ପରିଦର୍ଶନ କରିବାପାଇଁ ପ୍ରତ୍ୟେକ ବଜାରପାଇଁ ଗୋଟିଏ ଲେଖାଏଁ କମିଟି ଗଢ଼ାଯାଇଛି । ନିମ୍ନଲିଖିତମତେ ଏହି କମିଟୀ ଗଠନ କରାଯାଇଛି :—

(୧) ସ୍ଥାନୀୟ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ମଧ୍ୟରୁ ୪ଜଣ ନିର୍ବାଚିତ ପ୍ରତିନିଧି;

(୨) ଜିଲା କଲେକ୍ଟରଙ୍କଦ୍ୱାରା ମନୋନୀତ କୃଷୀମାନଙ୍କ ମଧ୍ୟରୁ ୬ ଜଣ ପ୍ରତିନିଧି;

(୩) ସ୍ଥାନୀୟ ମ୍ୟୁନିସିପାଲିଟୀ ବା ଲୋକାଲ ଫଣ୍ଡ୍ ବୋର୍ଡ଼ଦ୍ୱାରା ନିର୍ବାଚିତ ୧ ଜଣ ପ୍ରତିନିଧି;

(୪) ସରକାରଙ୍କଦ୍ୱାରା ମନୋନୀତ ୧ ଜଣ ପ୍ରତିନିଧି । ସାଧାରଣତଃ ଯେଉଁଠି ମାର୍କେଟ ପ୍ରତିଷ୍ଠିତ ହୋଇଥାଏ, ସେହି ଅଞ୍ଚଳରେ ଥିବା କଲେକ୍ଟର ବା ଉଚ୍ଚ ପଦସ୍ଥ ରେଭିନ୍ୟୁ ଅଫିସର ମନୋନୀତ ହୋଇଥାନ୍ତି । ସରକାରଙ୍କ ମନୋନୀତ ପ୍ରତିନିଧି ସାଧାରଣତଃ କମିଟୀର ଚେୟାରମ୍ୟାନରୂପେ ନିର୍ବାଚିତ ହେବାର ପରମ୍ପରା ରହିଛି ।

ତିନି ବର୍ଷପାଇଁ ସଭ୍ୟମାନେ କାର୍ଯ୍ୟ କରନ୍ତି ଏବଂ ତାପରେ ପୁଣି ସାନ ନିର୍ବାଚନ ହୁଏ । ଏହି କମିଟୀଙ୍କର ନିଜର ଆୟବୃଦ୍ଧି ଓ କର୍ମଚାରୀମାନଙ୍କୁ ରଖିବାପାଇଁ "କର୍ପୋରେଟ" ଅନୁଷ୍ଠାନ ପରି ଆଇନ ତିଆରି କରିପାରିବାର କ୍ଷମତା ରହିଛି । ବର୍ତ୍ତମାନ ଏହି ମାର୍କେଟରେ ସମସ୍ତପ୍ରକାର କାରବାରପାଇଁ କମିଟୀ ମୂଲ୍ୟଉପରେ ଶତକଡ଼ା ½; ଅର୍ଥାତ୍ ଟ୧୦୦୲ ରେ ଟ୦। ହାରରେ ଫି ଆଦାୟ କରୁଛନ୍ତି ।

ସମସ୍ତ ବଜାରରୁ ବାର୍ଷିକ ଏହି ସୂତ୍ରରେ ୬୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆଦାୟ ହୁଏ । ଏଥିରୁ ଶତକଡ଼ା ୪୦ ଭାଗ ଚିଫ୍-ମାର୍କେଟିଙ୍ଗ୍ ଅଫିସରଙ୍କ ନାମରେ କେନ୍ଦ୍ର ମାର୍କେଟ-ପାଣ୍ଠିରେ ଜମା କରାଯାଏ ଏବଂ ବାକି ୬୦ ଭାଗ ବଜାର କମିଟି ରଖନ୍ତି ।

## କମିଟିର କାର୍ଯ୍ୟ

(କ) ବଜାରରେ କାରବାର କରୁଥିବା କ୍ରେତା, ବିକ୍ରେତା, ମଧ୍ୟସ୍ଥ ଓ ଓଜନଦାରଙ୍କ କାର୍ଯ୍ୟ ପରିଦର୍ଶନ କରିବା;

(ଖ) ବଜାରରେ କି ପ୍ରକାର ପ୍ରଣାଳୀରେ କାର୍ଯ୍ୟ ହେବ, ତାହା ସ୍ଥିର କରିବା;

(ଗ) କମିଶନ୍ ଏଜେଣ୍ଟ, ଓଜନଦାର ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ କି ହାରରେ ମଜୁରି ଦିଆଯିବ, ତାହା ସ୍ଥିର କରିବା;

(ଘ) ବିବାଦ ଉପୁଜିଲେ ତା'ର ସମାଧାନମୂଳକ ନିଷ୍ପତ୍ତି କରିବା;

(ଙ) ଉତ୍ପାଦନକାରୀ ବିକ୍ରେତାକୁ ବଜାରର ଦର ବିଷୟରେ ସମସ୍ତ କଥା ଜଣାଇବା ।

ବଜାରର ଦୈନନ୍ଦିନ ପରିଚାଳନା ଭାର କମିଟିଦ୍ୱାରା ନିଯୁକ୍ତ ମାର୍କେଟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଉପରେ ନ୍ୟସ୍ତ କରାଯାଇଛି । ବଡ଼ ବଡ଼ ବଜାର ଯେଉଁଠି ଅଛି, ସେଠାରେ ତାଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଲେଖାଏଁ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯାଇଛି । ଏହା ବ୍ୟତୀତ କିରାଣୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି । କେନ୍ଦ୍ର ପାଣ୍ଠିରୁ ସୁପରିଣ୍ଟେଣ୍ଡେଣ୍ଟ ଓ ତାଙ୍କ ସହକାରୀ-ମାନଙ୍କର ଦରମା ଏବଂ ଭତ୍ତା ଦିଆଯାଏ । ଘରଭଡ଼ା, ଗୋରୁମାନଙ୍କ ରହିବା ସ୍ଥାନ ଓ ଅନ୍ୟାନ୍ୟ ସମସ୍ତ ପ୍ରକାର ଖର୍ଚ୍ଚ ବଜାର କମିଟି ରଖିଥିବା ଶତକଡ଼ା ୬୦ ଭାଗ ଆୟରୁ କରନ୍ତି । କମିଟିଙ୍କ କାର୍ଯ୍ୟ ପରିଦର୍ଶନ କରିବାପାଇଁ ଏବଂ ହିସାବପତ୍ର ଯାଞ୍ଚ କରିବାପାଇଁ ୪ ଜଣ ସହକାରୀ ଚିଫ୍ ମାର୍କେଟିଂ ଅଫିସରଙ୍କୁ ନିଯୁକ୍ତ କରାଯାଇଛି ଏବଂ ଗୋଟିଏ ହିସାବ ଯାଞ୍ଚ କରିବା ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ଏହାର ସମସ୍ତ ଖର୍ଚ୍ଚ କେନ୍ଦ୍ର ପାଣ୍ଠିରୁ ତୁଲାଯାଏ । କେବଳ ଚିଫ୍ ମାର୍କେଟିଂ ଅଫିସର ଓ ତାଙ୍କ ଅଫିସ ବାବଦ ଖର୍ଚ୍ଚ ସରକାର ବହନ କରନ୍ତି । ଏ ଉଦ୍ଦେଶ୍ୟରେ ରାଜ୍ୟର ବଜେଟରେ ୧ ଲକ୍ଷରୁ କିଛି ଊର୍ଦ୍ଧ୍ୱ ଟଙ୍କା ବ୍ୟବସ୍ଥା କରାଯାଇଥାଏ ।

## ହାଇଦ୍ରାବାଦ ବଜାର୍-ବ୍ୟବସ୍ଥାର ପ୍ରଣାଳୀ

ନିମ୍ନଲିଖିତ ପ୍ରଣାଳୀରେ ହାଇଦ୍ରାବାଦର ନିୟନ୍ତ୍ରିତ ବଜାରଗୁଡ଼ିକ କାର୍ଯ୍ୟକାରୀ ହୋଇ ଥାଆନ୍ତି :—

ଯେଉଁ କୃଷୀ ବା ଉତ୍ପାଦନକାରୀମାନେ ମାଲ ନେଇ ଏହି ବଜାରକୁ ଆସନ୍ତି, ସେମାନେ ଜଣେ ଦଣ୍ଡିଆ ସହିତ କଥାଭାଷା କରି ତା' ଗୋଦାମ ସାମନାରେ ବର୍ଦ୍ଦୀପାଇଁ ମାଲ ରଖନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖୋଲାଭାବରେ ମାଲ ନିଲାମ କରାଯାଏ । ନିର୍ଦ୍ଦିଷ୍ଟ ସମୟରେ ସମସ୍ତ କ୍ରେତା ବଜାରରେ ରୁଣ୍ଡ ହୁଅନ୍ତି ଏବଂ ମାଲ ପରୀକ୍ଷା କରି ନିଲାମ ଡାକରେ ଭାଗ ନିଅନ୍ତି । କ୍ରେତାମାନଙ୍କର ଏହି ପ୍ରତିଯୋଗିତାରେ ବିକ୍ରେତା ଲାଭବାନ୍ ହୁଏ । ବଜାର ପରିଚାଳନା କର୍ମଚାରୀମାନଙ୍କ ସମ୍ମୁଖରେ ଥର ଥର ହୋଇ ନିଲାମ ଡାକରା ଚାଲେ । କର୍ମଚାରୀମାନେ ସର୍ବୋଚ୍ଚ ଡାକରା ଘୋଷଣା କରନ୍ତି । ଭବିଷ୍ୟତରେ ଯେପରି ବିବାଦ ନ ଉପୁଜେ, ସେ ଦୃଷ୍ଟିରୁ ସେ ସମସ୍ତ ଲେଖା ହୋଇ ରହେ । ସବୁଗୁଡ଼ିକୁ ନେଇ ଗୋଟିଏ ସାଧାରଣ ମାନ ସ୍ଥିର କରାଯାଏ । ଏହାଦ୍ୱାରା ମାଉସର କୃଷୀକୁ ଦର ତୁଳନା କରିବାରେ କଷ୍ଟ ହୁଏନା । ନିଲାମ ଡାକରାରେ ସନ୍ତୁଷ୍ଟ ନ ହେଲେ ଯେ କୌଣସି ସ୍ତରରେ ବିକ୍ରେତା ନିଜର ମାଲକୁ ଡାକରାରୁ ପ୍ରତ୍ୟାହାର କରି ନେଇପାରିବ । ଦଣ୍ଡିଆ ଯେଉଁ ଦ୍ରବ୍ୟର ଭାଷ

ନେଇଥିବ, କ୍ରେତା ହିସାବରେ ତାକୁ କିଣିପାରିବ ନାହିଁ ବୋଲି ନିର୍ଦ୍ଦିଷ୍ଟ ନିୟମ ରହିଛି । ଏହା ଫଳରେ ଦଣ୍ଡିଆ ନିଜ ଦାୟିତ୍ୱରେ ଥିବା ମାଲ ଉପରେ କୌଣସି ପ୍ରକାର ଫାଇଦା ଉଠାଇପାରିବ ନାହିଁ । ନିଲାମ ଡାକରା ସରିବା ପରେ ପରେ ମାଲ ଓଜନ ପାଇଁ ଚାଲିଯାଏ । ହାଇଦ୍ରାବାଦ ପ୍ରଣାଳୀରେ ଗୋଟିଏ ବୈଶିଷ୍ଟ୍ୟ ହେଉଛି, ସମସ୍ତ ପ୍ରକାର ଦ୍ରବ୍ୟ ଓଜନ କରାଯିବ ଏବଂ ସମସ୍ତ ପ୍ରକାର "ଡ୍ରାଇ ମେଜର" (ଅର୍ଥାତ୍ ମାଣ, କଠା, ଡାମ୍ବି, ଗୌଣୀ ଇତ୍ୟାଦି) ଉପରେ ନିଷେଧାଜ୍ଞା ଜାରି ରହିଛି । ଲାଇସେନ୍ସପ୍ରାପ୍ତ ଓଜନଦାରମାନେହିଁ କେବଳ ଓଜନ କରି ପାରିବେ । କେତେକ କ୍ଷେତ୍ରରେ କମିଟି ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର କର୍ମଚାରୀମାନେ ଏହା କରି ଥାଆନ୍ତି । ସମାନ ପରିମାଣରେ ଦ୍ରବ୍ୟ ଥାଇ ବସ୍ତା ପ୍ୟାକିଂ କରିବା ଉପରେ ଜୋର ଦିଆଯାଇଥାଏ । ଏହା ଫଳରେ ଚାଷୀ ବିକ୍ରି କଲାବେଳେ ସହଜରେ ଦ୍ରବ୍ୟର ପରିମାଣ ଜାଣିପାରେ । ଓଜନରେ ବା ମାଲ ଖରାପ ଥିବା ସମ୍ପର୍କରେ ବିବାଦ ଉପୁଜିଲେ ମାର୍କେଟ ସୁପରିଣ୍ଟେଣ୍ଡେଣ୍ଟ ଶେଷ ନିଷ୍ପତ୍ତି କରନ୍ତି । ଯେଉଁଠି ସେପରି ବିଶେଷ ଧରଣର ବିବାଦ ଦେଖାଦିଏ, ସେ କ୍ଷେତ୍ରରେ ମାର୍କେଟ କମିଟି ଶେଷ ନିଷ୍ପତ୍ତିପାଇଁ ଗୋଟିଏ ସବ୍‌କମିଟି ନିଯୁକ୍ତ କରନ୍ତି । ବିକ୍ରିରୁ ଯାହା ମିଳେ, ଦଣ୍ଡିଆମାନେ ତାହା ସେହି ଦିନ ସନ୍ଧ୍ୟାରେ ଚାଷୀକୁ ଦେଇଦେବାପାଇଁ ବାଧ୍ୟ । କ୍ରେତାଠାରୁ ଦାମ ନ ପାଇଥିଲେ ମଧ୍ୟ ଦଣ୍ଡ ପାଇବା ଆଶଙ୍କାରେ ସେମାନେ ଏହା କରନ୍ତି । ତିନି ଦିନ ମଧ୍ୟରେ କ୍ରେତା ଦଣ୍ଡିଆକୁ ମୂଲ୍ୟ ଦେଇଦେବାପାଇଁ ବ୍ୟବସ୍ଥା ଅଛି । ଦଣ୍ଡିଆକୁ ଗୋଟିଏ ସ୍ଲିପରେ ମାଲର ଓଜନ, ଦର, ଉତ୍ପାଦନର ବିବରଣୀ ଓ କଟି ଯାଇଥିବା ମାର୍କେଟ ଫିସ୍ ଇତ୍ୟାଦି ଉଲ୍ଲେଖ କରିଦେବାକୁ ପଡ଼େ । ଏହାକୁ "ବିକପଟି" କୁହାଯାଏ । ଏତଦ୍ବାରା ସାଧାରଣଙ୍କୁ ବଜାରର ଦରଦାମ ଜାଣିବାପାଇଁ ସୁବିଧା ହୁଏ । ଏହି ସ୍ଲିପର ଗୋଟିଏ ନକଲ ରେଗୁଲେଟେଡ଼ କର୍ମଚାରୀଙ୍କ ପାଖକୁ ଯାଞ୍ଚପାଇଁ ଯାଏ । ଦଣ୍ଡିଆ ଚାଷୀକୁ ଯେତିକି ଦେବାର କଥା, ତାଠାରୁ କମ ଦେଇଥିବାର ଏବଂ ବହୁଦିନ ପର୍ଯ୍ୟନ୍ତ ବାକିଟଙ୍କା ପୂରଣ କରି ନ ଥିବାର ମଧ୍ୟ ମାର୍କେଟ କର୍ମଚାରୀମାନେ ଅନେକ ଥର ଦର୍ଶାଇଛନ୍ତି ଓ ତାହାର ସମାଧାନ ମଧ୍ୟ କରିଛନ୍ତି । ପ୍ରତ୍ୟେକ ବଜାରରେ ଗୋଟିଏ ଖୋଲା ସ୍ଥାନରେ ପ୍ରତିଦିନର ସର୍ବଶେଷ ଦର ଲେଖାଯାଇଥାଏ । ତାହା ଦେଖି ବିକ୍ରେତା ସେ ଦିନର ହାରାହାରି ଦର ସମ୍ପର୍କରେ ଗୋଟିଏ ଧାରଣା କରିବାକୁ ସମର୍ଥ ହୁଏ । ମୋଟାମୋଟି ଭାବରେ ଏହିସବୁ ପ୍ରଣାଳୀ ସମସ୍ତ ବଜାର ପ୍ରତି ଲାଗୁହୁଏ । କିନ୍ତୁ କେତେକ ବଜାର ପାଇଁ ବିଶେଷ ଧରଣର ବ୍ୟବସ୍ଥା ରହିଛି । ଯେଉଁଠି ଆମଦାନୀ ସମୟରେ ଦୈନିକ ବହୁସଂଖ୍ୟକ ଚାଷୀ ବା ଉତ୍ପାଦନକାରୀ ଜୁଣ୍ଡ ହୁଅନ୍ତି, ସେଠାରେ ଜଣ ଜଣଙ୍କର ମାଲପାଇଁ ନିଲାମ ଡାକରା ସମ୍ଭବ ହୁଏ ନାହିଁ । ଦଣ୍ଡିଆମାନଙ୍କୁ ମାଲ ସହିତ କେତେକ ଦଳ ବା 'ଫରିଦଙ୍ଗ'ରେ ବିଭକ୍ତ କରି ଦିଆଯାଏ । ପ୍ରତ୍ୟେକ "ଫର୍ଦ୍ଦି" ପାଇଁ ଗୋଟିଏ ଲେଖାଏଁ ଦିନ ନିର୍ଦ୍ଧାରଣ କରାଯାଏ । ଦିନରେ ଗୋଟିଏ "ଫର୍ଦ୍ଦି"ର ନିଲାମ ଡାକରାରେ ଯେଉଁ ଦର ଧାର୍ଯ୍ୟ ହୁଏ, ସେହି ଦିନ ପାଇଁ ସେହି ଦର ସମସ୍ତଙ୍କ ପ୍ରତି ଲାଗୁରହେ । ଯେ ସର୍ବୋଚ୍ଚ ନିଲାମ ଡାକ କରିଥାଏ, ସେ ବଜାରରେ ପହଞ୍ଚିବା ସମସ୍ତ ଦ୍ରବ୍ୟ କିଣି ନେବାପାଇଁ ପ୍ରଥାନୁଯାୟୀ ବାଧ୍ୟ । ସାଧାରଣତଃ ତୁଳା ଓ ଚିନାବାଦାମ ପ୍ରତି ଏ ବ୍ୟବସ୍ଥା ଲାଗୁ କରାଯାଇଥାଏ । ଅନ୍ୟାନ୍ୟ ଦ୍ରବ୍ୟ ଖୋଲାଭାବରେ ଗଦା ଗଦା ହୋଇ ବିକ୍ରି ହୁଏ । ଏବେ କ୍ରେତା ଓ ବିକ୍ରେତା ଉଭୟ ଏହାକୁ ସମର୍ଥନ କରୁଛନ୍ତି ।

## ନିୟନ୍ତ୍ରିତ ବଜାରର ସୁବିଧା

ନିୟନ୍ତ୍ରିତ ବଜାର ଫଳରେ କୃଷୀମାନେ ଯେ ଯଥେଷ୍ଟ ଉପକୃତ ହେଉଛନ୍ତି ଏବଂ ସୁବିଧା ପାଉଛନ୍ତି, ଏଥିରେ ସନ୍ଦେହ ନାହିଁ । ତାହା ମଧ୍ୟରୁ ନିମ୍ନଲିଖିତ ସୁବିଧାଗୁଡ଼ିକ ପ୍ରଧାନ :—

(୧) ବିକିବଟା କରିବାର ଖର୍ଚ୍ଚ ସବୁ ସ୍ପଷ୍ଟଭାବରେ ଏବଂ ଏକ ଉଚିତ ସ୍ତରରେ ଧାର୍ଯ୍ୟ କରାଯାଇ ଥାଏ । ହିସାବ କରାଯାଇଛି ଯେ, ଏହା ଫଳରେ ଉକ୍ତ ଖର୍ଚ୍ଚ ଶତକଡ଼ା ୫୦ ଭାଗ କମିଯାଇଛି ।

(୨) ନିଲାମ ଡାକରା, ଓଜନ ଓ ମାଲ ଗ୍ରହଣ ଆଦି ନିୟନ୍ତ୍ରିତ କରାଯାଇଛି;

(୩) ସଠିକ ଓଜନ କରାଯିବା ସମ୍ପର୍କରେ ନିର୍ଭରତା ରହିଛି;

(୪) ବିବାଦ ଉପୁଜିଲେ ନିରପେକ୍ଷ ନିଷ୍ପତ୍ତି ଓ ସମାଧାନର ବ୍ୟବସ୍ଥା ଅଛି;

(୫) କୃଷୀର ଶୀଘ୍ର ଏବଂ ସଠିକ ମୂଲ୍ୟ ପାଇବା ବିଷୟରେ ଦୃଢ଼ ବିଶ୍ୱାସ ଜନ୍ମିଛି;

(୬) ଉତ୍ପାଦନକାରୀମାନଙ୍କୁ ବଜାରର ବିଭିନ୍ନ ଦରଦାମ ସମ୍ପର୍କରେ ଜଣାଇ ଦେବାର ବ୍ୟବସ୍ଥା ଅଛି । ହାଇଦ୍ରାବାଦର ଗାଁଗଣ୍ଡାରେ "ଭଲ୍‌ପାଡ ବା ସ୍ଲିପ୍" ଦ୍ୱାରା ଲୋକେ ଖୁବ୍ ଉପକୃତ ହୁଅନ୍ତି,

(୭) ବଜାର କମିଟୀ ଯେଉଁ ପାଣ୍ଠି ସଂଗ୍ରହ କରନ୍ତି, ସେଥିରେ ଦୋକାନଘର ଓ ଗୋରୁ ରହିବା ସ୍ଥାନ ଆଦି ନିର୍ମାଣ କରାଯାଏ ।

## ନିୟନ୍ତ୍ରିତ ବଜାରର ପରୋକ୍ଷ ଉପକାରିତା

ଏହା ବ୍ୟତୀତ ନିୟନ୍ତ୍ରିତ ବଜାରଦ୍ୱାରା ପରୋକ୍ଷ ଭାବରେ ମଧ୍ୟ ଅନେକେକ ଉପକାର ମିଳୁଛି । ପ୍ରଥମତଃ ଏହା କୃଷୀମନରେ ବିଶ୍ୱାସ ଜନ୍ମାଇ ପାରୁଛି ଏବଂ ନୂଆ ନୂଆ ଚିନ୍ତାଧାରା ଗ୍ରହଣ କରିବାପାଇଁ ଆଗ୍ରହ ସୃଷ୍ଟି କରିଛି । ବଡ଼ ବଡ଼ ବଜାରକୁ ନିଜ ଉତ୍ପାଦିତ ଦ୍ରବ୍ୟ ନେଇ ଯିବାର ସୁବିଧା ତାକୁ ମିଳୁଛି । ଏହା ଫଳରେ ଗ୍ରେଟବଡ଼ କୃଷୀ ସିଧାସଳଖ ନିୟନ୍ତ୍ରଣ ବଜାରକୁ ଆସିବା ଜନଙ୍କର ପରିମାଣ ଦିନକୁ ଦିନ ବୃଦ୍ଧି ପାଉଛି । କେତେକ ବଜାରରେ କୃଷୀ ଆଣୁଥିବା ଜିନଷର ପରିମାଣ ୪ ଗୁଣ ବଢ଼ି ଯାଇଛି । ନିୟନ୍ତ୍ରଣ ପୂର୍ବରୁ ହେବାପୂର୍ବରୁ କେବଳ ୧୨ଟି ବଜାରରେ ଶତକଡ଼ା ୭୦ ଭାଗ ମାଲ କୃଷୀମାନେ ନିଜେ ନିଜେ ଆଣୁଥିଲେ । କିନ୍ତୁ ନିୟନ୍ତ୍ରଣ ହେବାଫଳରେ ବର୍ତ୍ତମାନ ୪୫ଟି ବଜାରରେ କୃଷୀମାନେ ଉକ୍ତ ସୁବିଧା ପାଉଛନ୍ତି । କିନ୍ତୁ ଆବଶ୍ୟକୀୟ ପରିମାଣରୁ କମ୍ ମାଲ ଥିବାରୁ ଯେଉଁମାନେ ନିୟନ୍ତ୍ରିତ ବଜାରକୁ ଯାଇ ପାରିବେ ନାହିଁ, ସେମାନେ ମଧ୍ୟ ତାଙ୍କ ପଡ଼ୋଶୀ କୃଷୀ ସହିତ କଥାବାର୍ତ୍ତା କରି ଏବଂ ତା'ଠାରୁ ସ୍ଲିପ୍ ଦେଖି ବଜାର-ଦର ଜାଣିପାରିବେ ଓ ଗାଁର ବ୍ୟବସାୟୀଙ୍କ ସହିତ ଦରକଷାକଷି ମୂଲଚୂଲ କରି ନିଜର ଉତ୍ପାଦିତ ଦ୍ରବ୍ୟ ବିକି କରି ପାରିବେ । କୃଷୀମାନେ ଏହିପରି ଭାବରେ କାରବାର କରିବାପାଇଁ ନିଜ ନିଜ ମଧ୍ୟରେ ସହଯୋଗିତା ପ୍ରତିଷ୍ଠା କରିବାକୁ ମଧ୍ୟ ଆଗ୍ରହୀ ହେଲେଣି । ପ୍ରତ୍ୟେକ ବଜାରରେ ଅନ୍ତତଃ ଗୋଟିଏ ଲେଖାଏଁ କୃଷୀ ସମବାୟ ସମିତି ନିଜେ ଦଣ୍ଡି ଆର ଦାୟିତ୍ୱ ନେଇଛନ୍ତି ।

ଦ୍ୱିତୀୟତଃ ନିୟନ୍ତ୍ରଣଫଳରେ ଦେଶରେ ବିଭିନ୍ନ ଆର୍ଥନୀତିକ ଯୋଜନାଦୃଷ୍ଟିରୁ ବଜାରକୁ କେତେ ମାଲ ଆସୁଛି, କେତେ କାରବାର ହେଉଛି, କେତେ ମହଜୁଦ ରହୁଛି ଓ ଦରଦାମର ପରିମାଣ କେତେ, ତା'ର ସଠିକ୍ ହିସାବ ସରକାର ପାଇପାରୁଛନ୍ତି ।

## ଓଡ଼ିଶାରେ ଅଗ୍ରଗତି

ଓଡ଼ିଶା ମୁଖ୍ୟତଃ ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ହାଇଦ୍ରାବାଦର ଅଭିଜ୍ଞତା ଶିକ୍ଷଣୀୟ । ଆଗରୁ ଉଲ୍ଲେଖ କରାଯାଇଥିବା ସମସ୍ତ ତ୍ରୁଟି ଆମର

ବଜାରରେ ପରିଲକ୍ଷିତ ହୁଏ । ସୁତରାଂ ବଜାର ନିୟନ୍ତ୍ରଣ କରିବା ପ୍ରଶ୍ନ ଗତ କେତେ ବର୍ଷ ଧରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । କିନ୍ତୁ ହାଇଦ୍ରାବାଦ ରାଜ୍ୟରେ ପୂର୍ବରୁ ନିୟନ୍ତ୍ରଣ ବଜାର ଚାଲୁକରିବାପାଇଁ ରାଜ୍ୟ ସରକାର ସେତେ ଜରୁରୀ ଭାବ ନ ଥିଲେ । କାରଣ କଣ୍ଟ୍ରୋଲ ସମୟରେ ଧାନ ଚାଉଳ ଅର୍ଥାତ୍ ରାଜ୍ୟର ମୁଖ୍ୟ ଫସଲ କିଣିବା ଦିଗରେ ସରକାରୀ ବ୍ୟବସ୍ଥା ବିଧିବଦ୍ଧ ଭାବରେ ଚାଲୁଥିଲା । ୧୯୫୪ ମସିହାରେ କଣ୍ଟ୍ରୋଲ ଉଠିଯିବା ପରେ ଏହାର ଆବଶ୍ୟକତା ପୁଣି ଉପଲବ୍ଧି କରାଗଲା । କାରଣ ଧାନ ଉତ୍ପାଦନକାରୀମାନଙ୍କୁ ପୁଣି ଗ୍ରାମ୍ୟ ବ୍ୟବସାୟୀ ଓ ବହୁସଂଖ୍ୟକ ମଧ୍ୟସ୍ଥ ଲୋକଙ୍କ ଦୟା ଉପରେ ନିର୍ଭର କରିବାକୁ ପଡ଼ିଲା; ଯେହେତୁ ଏମାନଙ୍କଦ୍ୱାରାହିଁ ବାଣିଜ୍ୟ ପରିଚାଳିତ ହେଲା । ଉତ୍ପାଦିତ ଧାନ ନିଶ୍ଚୟ ପର୍ଚେଜିଂ ଏଜେଣ୍ଟ ବା ସବ୍-ଏଜେଣ୍ଟ କିଣିବେ ଏବଂ ଉକ୍ତ ଜନପଦରୁ ଏଜେଣ୍ଟମାନେ ଅଯଥା ଲାଭ ଉଠାଇବେ ନାହିଁ ବୋଲି ଚାଷୀକୁ ଆଗରୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତା ଆଉ ରହିଲା ନାହିଁ । ସୁତରାଂ ଚାଷୀର ହିତଦୃଷ୍ଟିରୁ ସରକାର ସିଦ୍ଧାନ୍ତ କଲେ ଯେ କୃଷିଜାତ ଦ୍ରବ୍ୟ ଯେଉଁ ସବୁ ହାଟ ଓ ବଜାରମାନଙ୍କରେ ବିକ୍ରୟ କରାଯାଉଛି, ସେହି ହାଟ ବଜାରଗୁଡ଼ିକ କ୍ରମେ ଦଫାୱାର ନିୟନ୍ତ୍ରଣ କରାଯିବ ଏବଂ ଏ ଦିଗରେ ବ୍ୟବସ୍ଥାସବୁ ତଥା ଶାସନ ଜରିଆରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ ।

ତଦନୁସାରେ ଗୋଟିଏ ବ୍ୟାପକ ଯୋଜନା ପ୍ରସ୍ତୁତ ହେଲା । ମୁଖ୍ୟତଃ ଏହା ହାଇଦ୍ରାବାଦ ପ୍ରଣାଳୀ ଉପରେ ପର୍ଯ୍ୟବସିତ ହେଲେହେଁ ନିମ୍ନଲିଖିତ ଆବଶ୍ୟକୀୟ ବିଷୟ ପ୍ରତି ଦୃଷ୍ଟି ଦିଆଯାଇ ଏଥିରେ କେତେକ ଉନ୍ନତିବିଧାନ କରାଗଲା :—

(୧) ପ୍ରାମାଣିକ ଓଜନ ଓ ମାପ ପ୍ରଚଳନ ସହିତ ପରିଚାଳନା ପ୍ରଣାଳୀ ସମ୍ମିଳିତ ଭାବରେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଜନ ଓ ମାପର ପରିଚାଳନା ଭାର ଯୋଗାଣ ବିଭାଗରୁ ନିଆଯାଇ ଯେଉଁ ବିଭାଗ ନିୟନ୍ତ୍ରଣ ବଜାର ଦାୟିତ୍ୱ ନେଇଛି, ସେହି ବିଭାଗ ଅଧୀନରେ ରଖାଗଲା ।

(୨) ନିୟନ୍ତ୍ରଣ ବଜାର ଆଖପାଖରେ ଗୋଦାମଘର (Licensed Warehouse) ସ୍ଥାପନ କରିବାର ବ୍ୟବସ୍ଥା ମଧ୍ୟ ରହିଲା । ଏହାଦ୍ୱାରା ଅଧିକ ଦର ଦେବାପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଯେଉଁ ଚାଷୀମାନେ ଚାହିଁବେ, ସେମାନେ ବଜାରରୁ ସେମାନଙ୍କ ମାଲ୍ ଫେରାଇଆଣି ସେଠାରେ ସୁବିଧାରେ ମହଜୁଦ୍ ରଖିପାରିବେ ଏବଂ ମଜୁରି ଅଭାବ ମେଣ୍ଟାଇବାପାଇଁ ଆବଶ୍ୟକୀୟ ଋଣ ପାଇ ପାରିବେ । ଆହୁରି ମଧ୍ୟ ଦଣ୍ଡିଆମାନେ ଖରିଦ୍ଦାରମାନଙ୍କଠାରୁ ଟଙ୍କା ନ ପାଇଥିବାସ୍ଥଳେ ଗୋଦାମଘରେ (Licensed Warehouse) ମାଲ୍ ଗଚ୍ଛିତ ରଖି ସେ ବାବଦକୁ ଟଙ୍କା ଆଣି ସଙ୍ଗେ ସଙ୍ଗେ ଚାଷୀକୁ ତାର ପ୍ରାପ୍ୟ ଦେଇ ପାରିବେ ।

(୩) ନିୟନ୍ତ୍ରଣ ବଜାରକୁ ଆସୁଥିବା ମାଲ୍ ଯେପରି ଖାଣ୍ଟି ଓ ନିଘୋଲା ହୁଏ, ଏହାପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇ କୃଷିଜାତ ଦ୍ରବ୍ୟର ଆବଶ୍ୟକୀୟ ଶ୍ରେଣୀ ବିଭାଗ କରିବାପାଇଁ ବ୍ୟବସ୍ଥା ରହିଲା ।

(୪) ନିୟନ୍ତ୍ରଣ ବଜାର ଅଞ୍ଚଳରେ ବସବାସ କରୁଥିବା ଚାଷୀମାନଙ୍କୁ ସମବାୟ ସୂତ୍ରରେ ସଙ୍ଘବଦ୍ଧ କରିବା ଦିଗରେ ସଂଗଠନ କରିବାପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ ହେଲା । ସମବାୟ

ସ୍ତରରେ ସଂଗଠିତ ହେଲେ ଚାଷୀମାନେ ଆହୁରି ଅଧିକ ସୁବିଧା ପାଇପାରିବେ । ଆହୁରି ମଧ୍ୟ ତେଲ ପେଷିବା, ବାଦାମ ଛଡ଼ାଇବା ଇତ୍ୟାଦି କାର୍ଯ୍ୟଗୁଡ଼ିକ ସେମାନେ ସହଜରେ ହାତକୁ ନେଇ ପାରିବେ ।

(ଖ) ଉକ୍ତ ଯୋଜନା କାର୍ଯ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ୧୯୫୪-୫୫ ମସିହାରେ ଏକ ସ୍ୱତନ୍ତ୍ର ମାର୍କେଟିଂ ବିଭାଗ ଖୋଲାଗଲା । ଏହାର ପ୍ରଧାନ କାର୍ଯ୍ୟ ହେଲା :—

(୧) ହାଟ ବଜାର ସବୁ ନିୟନ୍ତ୍ରଣ କରିବା ଏବଂ ଓଡ଼ିଶା କୃଷିଜାତ ଦ୍ରବ୍ୟ ମାର୍କେଟ ବିଲ୍ ଆଇନ୍‌ରେ ପରିଣତ ହେଲେ ତାହା କାର୍ଯ୍ୟକାରୀ କରିବା;

(୨) ପ୍ରାମାଣିକ ଓଜନ ଓ ମାପ ପ୍ରଚଳନ କରାଇବା;

(୩) ବିଭିନ୍ନ ଜିନିଷ ସଂରକ୍ଷଣ ଓ ଜମା ରଖିବା ଦିଗରେ ଓ୍ୱାର୍ ହାଉସ ବା ପଣ୍ୟାଗାରର ବ୍ୟବସ୍ଥା କରିବା;

(୪) ବିଭିନ୍ନ ଜିନିଷର ବଜାର ଓ ଖୋଜିବା ବିଷୟ ଅନୁସନ୍ଧାନ କରିବା;

(୫) ବଜାର ଦରଦାମ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ଓ ପରିବେଷଣ କରିବା ।

ଏହା ସହିତ କୃଷିଜାତ ଦ୍ରବ୍ୟଗୁଡ଼ିକର ଶ୍ରେଣୀ ବିଭାଗ କରିବା ଦାୟିତ୍ୱ ମଧ୍ୟ ମାର୍କେଟିଂ ବିଭାଗକୁ ଦିଆଗଲା । ସମବାୟ ଭିତ୍ତିରେ ବିଭିନ୍ନ ଜିନିଷର କ୍ରୟବିକ୍ରୟ ବ୍ୟବସ୍ଥା କରିବାପାଇଁ ସମବାୟ ବିଭାଗ ସହିତ ମଧ୍ୟ ଉକ୍ତ ବିଭାଗକୁ ଘନିଷ୍ଠ ସମ୍ପର୍କ ରଖିବାକୁ ପଡ଼ିଲା ।

(ଗ) ନିମ୍ନଲିଖିତ ଧରଣର ବୈଷୟିକ ଜ୍ଞାନ ଥିବା (ଟେକ୍‌ନିକାଲ୍) ଓ ଶାସନ ବିଭାଗୀୟ ଅଫିସର ଏହି ବିଭାଗରେ ରଖିବାପାଇଁ ମଧ୍ୟ ସରକାର ମଞ୍ଜୁର କଲେ ।

ବଜାର ନିୟନ୍ତ୍ରଣପାଇଁ ମାର୍କେଟିଂ ସୁପରିଣ୍ଟେଣ୍ଡେଣ୍ଟ ଓ ତାଙ୍କର ଷ୍ଟାଫ୍ ଓ ପ୍ରାମାଣିକ ଓଜନ ପ୍ରଣାଳୀ ଆଇନ ଚାଲୁ କରିବାପାଇଁ କେତେକ ଇନସ୍‌ପେକ୍ଟର ଏବଂ କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ତିନି ଜଣ ଆଞ୍ଚଳିକ ମାର୍କେଟିଂ ଅଫିସର ନିଯୁକ୍ତ ହେଲେ । ଓଜନ ପ୍ରଣାଳୀ ଚାଲୁ ପାଇଁ ଥିବା ଇନସ୍‌ପେକ୍ଟରମାନଙ୍କ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ଓ ସେମାନଙ୍କୁ ନିର୍ଦ୍ଦେଶ ଦେବା, ନିୟନ୍ତ୍ରିତ ବଜାର ଚାଲୁକରିବା ଦିଗରେ ପ୍ରାରମ୍ଭିକ ବ୍ୟବସ୍ଥା ଏବଂ ସମବାୟ ଭିତ୍ତିରେ ବଜାର ପ୍ରସାର ଦିଗରେ ବ୍ୟବସ୍ଥା କରିବାର ଦାୟିତ୍ୱ ସେମାନେ ବହନ କଲେ । ଏହି ଆଞ୍ଚଳିକ ମାର୍କେଟିଂ ଅଫିସରମାନଙ୍କ ଉପରେ ମାର୍କେଟିଂ ବିଭାଗର ଡେପୁଟି ଡିରେକ୍ଟର ରହିଲେ । ସେ ଓଜନ ପ୍ରଣାଳୀର ମଧ୍ୟ ଚିଫ୍ ଇନସ୍‌ପେକ୍ଟର ହିସାବରେ କାର୍ଯ୍ୟ କଲେ । ସମବାୟ ବିଭାଗ ସହିତ ଘନିଷ୍ଠ ସଂଯୋଗ ରକ୍ଷା ନିମନ୍ତେ ତାଙ୍କୁ ସମବାୟ ବିଭାଗର ମଧ୍ୟ ଡେପୁଟି ରେଜିଷ୍ଟ୍ରାର ପଦ ଦିଆଗଲା । ପ୍ରାମାଣିକ ଓଜନ ଓ ମାପ ଲ୍ୟାବରେଟୋରୀର ସୁପରିଣ୍ଟେଣ୍ଡେଣ୍ଟଭାବେ କାର୍ଯ୍ୟ କରିବାପାଇଁ ଆଞ୍ଚଳିକ ମାର୍କେଟିଂ ଅଫିସରଙ୍କ ପାହ୍ୟାର ଜଣେ ଅଫିସର ନିଯୁକ୍ତ କରିବାପାଇଁ ମଧ୍ୟ ପ୍ରସ୍ତାବ ମଞ୍ଜୁର ହେଲା । ସରକାରଙ୍କ ସିଦ୍ଧାନ୍ତ ଅନୁସାରେ ସମବାୟ ଓ ଜଙ୍ଗଲ ବିଭାଗର ସେକ୍ରେଟେରୀ ବର୍ତ୍ତମାନ ଏହି ବିଭାଗର ଡିରେକ୍ଟର ହିସାବରେ କାର୍ଯ୍ୟ ପରିଚାଳନା କରୁଛନ୍ତି । ଏହିପରି ବ୍ୟବସ୍ଥାଦ୍ୱାରା ନୀତି ଓ କାର୍ଯ୍ୟ ମଧ୍ୟରେ ଅଧିକ ସଂଯୋଗ ରକ୍ଷା ସମ୍ଭବ ହେବ । ବିଭାଗୀୟ କାର୍ଯ୍ୟର ପ୍ରାରମ୍ଭରେ ଏହା ବିଶେଷ ଆବଶ୍ୟକ । ଏହି ବିଭାଗର କାର୍ଯ୍ୟ ପରିସର ବୃଦ୍ଧି ପାଇଲେ ଯଥାସମୟରେ ଏହା ପାଇଁ ଜଣେ ସ୍ୱତନ୍ତ୍ର ବିଭାଗୀୟ ମୁଖ୍ୟ ରହିବେ । ସେତେବେଳେ ସେକ୍ରେଟେରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନ ରହି ଅନ୍ୟାନ୍ୟ ବିଭାଗ ପରି ଏହାର



ଓଡ଼ିଶାର ଅର୍ଥମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ମାର୍ଚ୍ଚ ୧ ତାରିଖ ଦିନ
ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ନୂତନ ପଦେଶଣାଗାର
ଉଦ୍‌ଘାଟନ କରୁଛନ୍ତି



ବଲାଙ୍ଗୀରର  କଲେକ୍ଟର ଶ୍ରୀ ନଟରାଜନ ବଲାଙ୍ଗୀରରେ ଅନୁଷ୍ଠିତ ପଶୁ-ପ୍ରଦର୍ଶନୀ ପରିଦର୍ଶନ କରୁଛନ୍ତି

କାର୍ଯ୍ୟ ସମ୍ପ୍ରସାରିତ ହେବ । ୧୯୬୬-୬୭ ମସିହା ମଧ୍ୟରେ କେବଳ ଆଞ୍ଚଳିକ ମାର୍କେଟିଂ ଅଫିସର, ମାର୍କେଟିଂ ବିଭାଗର ଡେପୁଟି ଡିରେକ୍ଟର ଓଜନ ପ୍ରଣାଳୀ ପ୍ରଚଳନପାଇଁ ଇନସ୍‌ପେକ୍ଟରମାନେ ନିଯୁକ୍ତ ହୋଇଛନ୍ତି ।

ମାର୍କେଟିଂ ଷ୍ଟାଫ୍ ୨୫ଟି ବ୍ୟବସାୟ କେନ୍ଦ୍ରରେ ବ୍ୟାପକ ସର୍ଭେ କରିଛନ୍ତି ଏବଂ ଉକ୍ତ କେନ୍ଦ୍ରମାନଙ୍କୁ ଆସୁଥିବା ବିଭିନ୍ନ ଜିନିଷ, ଆମଦାନୀ ରପ୍ତାନି ବଜାରରେ ବିକ୍ରି ଯୋଗ୍ୟ ଥିବା ବଳକା ଜିନିଷ, ବିଭିନ୍ନ ଜିନିଷ କିପରି ଆସୁଛି ଓ ବିକ୍ରୟ ହେଉଛି, ତା'ର ଦରଦାମ, ସେଠାକୁ ଥିବା ଚଳାଚଳ ବ୍ୟବସ୍ଥା ଓ ସେଠାରେ ଜିନିଷ ରଖିବାର ବ୍ୟବସ୍ଥା ଇତ୍ୟାଦି ସଂପର୍କରେ ସେମାନେ ତଥ୍ୟ ସଂଗ୍ରହ କରିଛନ୍ତି ।

ନିମ୍ନଲିଖିତ ବ୍ୟବସାୟ କେନ୍ଦ୍ରସବୁ ସର୍ଭେ କରାଯାଇଛି :—

| (ଜିଲ୍ଲା) | | (ବ୍ୟବସାୟ କେନ୍ଦ୍ର) |
|---|---|---|
| କଟକ | ... | ୧ । ବାଙ୍କୀ |
| | | ୨ । କେନ୍ଦୁପାଟଣା |
| ପୁରୀ | ... | ୩ । ଜଟଣୀ |
| | | ୪ । ବନମାଳୀପୁର |
| ବାଲେଶ୍ୱର | ... | ୫ । ଭଦ୍ରକ |
| | | ୬ । ସୁନ୍ଦବାଲି |
| ଗଞ୍ଜାମ | ... | ୭ । ବେଲଗୁଣ୍ଠା |
| | | ୮ । ପାରଳାଖେମୁଣ୍ଡି |
| କୋରାପୁଟ | ... | ୯ । ନବରଙ୍ଗପୁର |
| | | ୧୦ । ଗୁଣୁପୁର |
| କଳାହାଣ୍ଡି | ... | ୧୧ । ଜୁନାଗଡ଼ |
| | | ୧୨ । ଖଡ଼ିଆଳରୋଡ଼ |
| ବଲାଙ୍ଗୀର | ... | ୧୩ । କଣ୍ଟାବାଞ୍ଜି |
| | | ୧୪ । ତୁଷୁରା |
| ସୁନ୍ଦରଗଡ଼ | ... | ୧୫ । ରାଜଗାଙ୍ଗପୁର |
| | | ୧୬ । ବୀରମିତ୍ରପୁର |
| ସମ୍ବଲପୁର | ... | ୧୭ । ବରଗଡ଼ |
| | | ୧୮ । ଝାରସୁଗୁଡ଼ା |
| ଢେଙ୍କାନାଳ | ... | ୧୯ । ଅନୁଗୁଳ |
| କେନ୍ଦୁଝର | ... | ୨୦ । କେନ୍ଦୁଝରଗଡ଼ |
| | | ୨୧ । ଆନନ୍ଦପୁର |
| ମୟୂରଭଞ୍ଜ | ... | ୨୨ । ବେତନଟି |
| | | ୨୩ । ରାଇରଙ୍ଗପୁର |
| ବୌଦ-ଫୁଲବାଣୀ | | ୨୪ । ମାନମୁଣ୍ଡା |
| | | ୨୫ । ଟିକାବାଲି |

ନିୟନ୍ତ୍ରିତ ବଜାର ସ୍ଥାପନକରିବା ଦିଗରେ ଏପରି ପ୍ରାରମ୍ଭିକ ତଥ୍ୟ ସଂଗ୍ରହର ଯଥେଷ୍ଟ ଗୁରୁତ୍ୱ ଅଛି । ତୃତୀୟ ଯୋଜନାକାଳ ମଧ୍ୟରେ ନିୟନ୍ତ୍ରିତ ବଜାର ଚାଲୁ କରିବାଦିଗରେ ଦଫାଓ୍ୱାରି ଯୋଜନା କରାଯାଇଛି । ଯୋଜନାକାଳ ମଧ୍ୟରେ ୧୨ଟି କେନ୍ଦ୍ରରେ ନିୟନ୍ତ୍ରିତ ବଜାର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଅଛି । ରାଜ୍ୟ ବ୍ୟବସ୍ଥାପକ ସଭାର ବିଚାରାଧୀନରେ ଥିବା ଓଡ଼ିଶା "କୃଷିଜାତ ଦ୍ରବ୍ୟ ବିଲ୍" ଗୃହୀତ ହୋଇ ଆଇନରେ ପରିଣତ ହେଲେ ଏଦିଗରେ କାର୍ଯ୍ୟାନୁଷ୍ଠାନ କରାଯିବ ।

ଏହା ବ୍ୟତୀତ ଇନସ୍‌ପେକ୍ଟରମାନେ ବ୍ୟବସାୟୀମାନଙ୍କର ସଂଖ୍ୟା ଗଣନା କରିଛନ୍ତି ଓ ମୋଟ କେତେ ପ୍ରକାର ଓଜନ ପ୍ରଣାଳୀ ସାରା ପ୍ରଦେଶରେ ପ୍ରଚଳିତ ଅଛି, ତାର ମଧ୍ୟ ତଥ୍ୟ ସଂଗ୍ରହ କରିଛନ୍ତି । ଭାରତ ସରକାର "ମେଟ୍ରିକ ପ୍ରଣାଳୀ"ର ଓଜନ ବ୍ୟବସ୍ଥାକୁ ପ୍ରାମାଣିକଭାବରେ ସର୍ବତ୍ର ଚାଲୁ କରିବେ ବୋଲି ସ୍ଥିର କରିଥିବାରୁ ଏଦିଗରେ ଆମର କାର୍ଯ୍ୟ ଅଧିକ ଅଗ୍ରସର ହୋଇପାରି ନାହିଁ । କାରଣ

ଏଦ୍ୱାରା ଆମର ଓଜନ ପ୍ରଣାଳୀ ପ୍ରଶ୍ନ ପୁଣି ନୂତନ ଭାବରେ ବିଚାର କରିବାକୁ ହେବ ।

ଗ୍ରାମ୍ୟ ଋଣ-ସର୍ଭେ କମିଟୀ ରିପୋର୍ଟ ଅନୁସାରେ ଦ୍ୱିତୀୟ ଯୋଜନାରେ ସରକାର ଆମ ରାଜ୍ୟରେ ୨୦ଟି ଓ୍ୱାର ହାଉସ ବା ପଣ୍ୟାଗାର ନିର୍ମାଣ କରିବାପାଇଁ ସ୍ଥିର କରିଛନ୍ତି । ଓଡ଼ିଶା ପଣ୍ୟାଗାର ନିର୍ମାଣ ଆଇନ ପ୍ରଣୟନ କରାଯାଇଛି । ଭାରତ ସରକାର ମଧ୍ୟ ୧୯୫୬ ମସିହା କୃଷିଜାତ ଦ୍ରବ୍ୟ (ଉନ୍ନୟନ ଓ ପଣ୍ୟାଗାର ନିର୍ମାଣ) କର୍ପୋରେସନ୍ ଆଇନ ପ୍ରଣୟନ କରିଛନ୍ତି । ଏଦ୍ୱାରା କେନ୍ଦ୍ର ଓ୍ୱାର ହାଉସ କର୍ପୋରେସନ ଓ ରାଜ୍ୟ ଓ୍ୱାର ହାଉସ କର୍ପୋରେସନ ଗଠନର ସୁବିଧା ହୋଇପାରିବ । କେନ୍ଦ୍ର ଆଇନ ଅନୁସାରେ ଓଡ଼ିଶାରେ ଷ୍ଟେଟ ଓ୍ୱାର ହାଉସିଂ କମ୍ପାନୀ ଗଠନ ବିଷୟ ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ଅଛି । ଏପରି ଗୋଦାମ ଘର ନିର୍ମାଣ କରାଯିବାର ସ୍ଥାନ ସଂପର୍କରେ ମାର୍କେଟିଂ ବିଭାଗ ଆବଶ୍ୟକ ତଥ୍ୟ ସଂଗ୍ରହ କରିଛନ୍ତି । ଏପରି କେନ୍ଦ୍ରର ଏକ ତାଲିକା ପ୍ରସ୍ତୁତ କରାଯାଇଛି ଏବଂ ଏହି କେନ୍ଦ୍ର ଅଞ୍ଚଳରେ ବିଭିନ୍ନ ଜିନିଷର ବଜାର, ଗୋଦାମ ଘରର ଆବଶ୍ୟକତା, ଗମନାଗମନ ସୁବିଧା ବିଷୟ ମଧ୍ୟ ଉଲ୍ଲେଖ କରାଯାଇଛି । ଏହିସବୁ କେନ୍ଦ୍ରରୁ କେତେ ମୁଖ୍ୟ ବଜାର ଅଞ୍ଚଳରେ କେନ୍ଦ୍ର ଓ୍ୱାର ହାଉସିଂ କର୍ପୋରେସନ ତରଫରୁ ଗୋଦାମଘର ନିର୍ମାଣ କରାଯିବ । ଅବଶିଷ୍ଟ କେନ୍ଦ୍ରରେ ରାଜ୍ୟର ଓ୍ୱାର-ହାଉସିଂ କମ୍ପାନୀ ତରଫରୁ ଘର ନିର୍ମାଣ କରାଯିବ ।

ପ୍ରାଥମିକ ମାର୍କେଟିଂ ସୋସାଇଟି ବିଷୟ ବିଚାର ହେବାପରେ ଦ୍ୱିତୀୟ ଯୋଜନାକାଳରେ ୩୦ଟି ମାର୍କେଟିଂ ସୋସାଇଟି ପ୍ରତିଷ୍ଠା କରାଯିବ ବୋଲି ସ୍ଥିର ହୋଇଛି । ପ୍ରକୃତ ପକ୍ଷରେ ୧୯୬୦-୬୧ ମସିହା ବେଳକୁ ୨୩ଟି ମାର୍କେଟିଂ ସୋସାଇଟି ଗଠିତ ହୋଇଥିବ । ଏ ବିଷୟରେ ସଂଗଠନ କାର୍ଯ୍ୟ ଚାଲିଛି । ଆଞ୍ଚଳିକ ମାର୍କେଟିଂ ଅଫିସରମାନେ ସମବାୟ ବିଭାଗର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାରମାନଙ୍କ ସହିତ ପୂର୍ଣ୍ଣ ସହଯୋଗ କରି କାର୍ଯ୍ୟ କରୁଛନ୍ତି । ସମବାୟ ମାର୍କେଟିଂ ଗଠନପାଇଁ ଥିବା ତିନି ଜଣ ସ୍ପେଶାଲ ଅଫିସରଙ୍କୁ ମଧ୍ୟ ଆଞ୍ଚଳିକ ମାର୍କେଟିଂ ଅଫିସରଭାବରେ କାର୍ଯ୍ୟ କରିବାର କ୍ଷମତା ଦିଆଯାଇଛି । ଏଦ୍ୱାରା କାର୍ଯ୍ୟରେ ଅଧିକ ସହଯୋଗ ରକ୍ଷା ସମ୍ଭବ ହେବ ।

ଉଲ୍ଲିଖିତ ବିଷୟରୁ ଜଣାଯିବ ଯେ ନିୟନ୍ତ୍ରିତ ବଜାର ସହିତ ଗୋଦାମଘର ନିର୍ମାଣ, ସମବାୟ ମାର୍କେଟିଂ ବ୍ୟବସ୍ଥାର ଉନ୍ନୟନ, ପ୍ରାମାଣିକ ଓଜନ ପ୍ରଣାଳୀ ପ୍ରଚଳନ ଓ ବଜାରକୁ ଆସୁଥିବା ଜିନିଷକୁ ଶ୍ରେଣୀଭୁକ୍ତ କରିବା ଇତ୍ୟାଦିର ବ୍ୟବସ୍ଥା ମଧ୍ୟ କରାଯାଉଛି । କାର୍ଯ୍ୟତଃ କୃଷିଜାତ ଦ୍ରବ୍ୟ ବିକ୍ରୟ କରିବା ପାଇଁ କେତେଗୁଡ଼ିଏ ସୋପାନ ରହିଛି । ସମସ୍ତ ଜିନିଷ ଏକତ୍ରୀକରଣ, ସଂରକ୍ଷଣ, ଶ୍ରେଣୀ ବିଭାଗ, ପ୍ରାମାଣିକ ଓଜନ ପ୍ରଣାଳୀ ପ୍ରଚଳନ, ଚଳାଚଳ ଓ ପରିବହନ ବ୍ୟବସ୍ଥା, ଉତ୍ପାଦନପାଇଁ ଅର୍ଥ ସାହାଯ୍ୟ ବ୍ୟକ୍ତିଗତ-ଭାବରେ ଉତ୍ପାଦନକାରୀମାନଙ୍କପକ୍ଷରେ ଏ ସମସ୍ତ କାର୍ଯ୍ୟ କରିବା ସମ୍ଭବ ନୁହେଁ । ଏଥିପାଇଁ ସମ୍ବଳ ଓ ବିଶେଷ ଜ୍ଞାନ ସେମାନଙ୍କର ମଧ୍ୟ ନାହିଁ । ତେଣୁ ଯେ ଉତ୍ପାଦନ କରୁଥିବା ଜିନିଷକୁ ବିକ୍ରୟ ବିଷୟରେ ନିୟନ୍ତ୍ରିତ ବଜାରରେ ଅଧିକ ସୁବିଧା ଦିଆଯିବ । ଅଧିକନ୍ତୁ ସେମାନଙ୍କଦ୍ୱାରା ଉତ୍ପାଦନ ହେଉଥିବା ଜିନିଷ ଯେପରି ଉପଯୁକ୍ତ ଦରରେ ବିକ୍ରି ହୁଏ, ସେମାନଙ୍କ ଜିନିଷର ଯେପରି ଯଥେଷ୍ଟ ସଂରକ୍ଷଣ ବ୍ୟବସ୍ଥା କରାଯାଏ ଓ ବିକ୍ରୟପାଇଁ 'ଅପେକ୍ଷା କରିବା ନିମନ୍ତେ ସେମାନଙ୍କୁ ଯେପରି ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଏ, ସେ ବିଷୟରେ ବ୍ୟବସ୍ଥା କରିବାକୁ ହେବ । ବଜାର ନିୟନ୍ତ୍ରଣ ଯୋଜନା ଏହାର ପ୍ରଥମ ସୋପାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଆର୍ଥିକ ପରିସ୍ଥିତି

ହାଇଦ୍ରାବାଦ ଅଭିଜ୍ଞତାଦୃଷ୍ଟିରୁ ମାର୍କେଟ କମିଟୀ-ମାନଙ୍କୁ ସାହାଯ୍ୟ କରିବା ଦିଗରେ ବ୍ୟବସ୍ଥା କରାଯିବ । ସ୍ୱାୟତ୍ତଶାସନ ଅନୁଷ୍ଠାନକୁ ଯେପରି ସାହାଯ୍ୟ ଦିଆଯାଏ, ଏହାକୁ ମଧ୍ୟ ସେହିପରି ଦିଆଯିବାର ପ୍ରସ୍ତାବ ଅଛି । ମାର୍କେଟ କମିଟୀ ମୁଖ୍ୟତଃ "ଆଡ଼ତିଆ"ମାନଙ୍କଠାରୁ ଲାଇସେନସ୍ ଫି ଏବଂ ଯେଉଁ ସବୁ ଜିନିଷ ନିୟନ୍ତ୍ରିତ ବଜାରକୁ ଅଣାଯିବ, ତା ଉପରେ ଶହେ ଟଙ୍କାରେ ଚାରିଅଣା ଫି ଆଦାୟ କରାଯିବ । ପ୍ରଥମାବସ୍ଥାରେ ବିଭିନ୍ନ ଜିନିଷପାଇଁ ସରକାରଙ୍କ ତରଫରୁ ଋଣ ଦେବାର ବ୍ୟବସ୍ଥା ହେବ । ୨ ବର୍ଷ ପର୍ଯ୍ୟନ୍ତ ମାର୍କେଟ କମିଟୀ ଷ୍ଟାଫ୍‌ଙ୍କ ବାବଦ ଖର୍ଚ୍ଚ ବନ୍ଦୋବସ୍ତ ବ୍ୟବସ୍ଥାପାଇଁ କୌଣସି ଜମି ଦଖଲ, ମାର୍କେଟ ଅଫିସ ଓ ଗୋଦାମପାଇଁ ଘର ଇତ୍ୟାଦି ଏକକାଳୀନ ଯେଉଁସବୁ ଖର୍ଚ୍ଚ ହେବ, ତାହା ରାଜ୍ୟ ସରକାର ଋଣ ଆକାରରେ ଦେବେ । ହିସାବ ଅଟକଳ ଅନୁସାରେ ପ୍ରାୟ ୫ ଲକ୍ଷ ଟଙ୍କା ଋଣପାଇଁ ଆବଶ୍ୟକ ହେବ ଓ ଗୋଦାମପାଇଁ ଅଫିସ ଓ ଘର ନିର୍ମାଣ ଇତ୍ୟାଦିପାଇଁ ପ୍ରାୟ ୫ ଏକର ଜମି ଦଖଲ ଆବଶ୍ୟକ ହେବ । ମାର୍କେଟ ଫିସ ଗୋଟିଏ କେନ୍ଦ୍ର ସ୍ଥାନରେ ରହିବ ଏବଂ ଏହାର ବାହାରେ ଥିବା ସମସ୍ତ ଜମି ବିଭିନ୍ନ ଜିନିଷର ବିକ୍ରେତା ବା ସେମାନଙ୍କର ତରଫରୁ ବ୍ୟବସାୟ କରୁଥିବା ଲୋକଙ୍କୁ ଗୋଟିଏ ଗୋଟିଏ ପ୍ଲଟଭାବରେ ବନ୍ଦୋବସ୍ତ କରିଦିଆଯିବ । ଏହି ଜମି କିଣିବାପାଇଁ ମାର୍କେଟିଙ୍ଗ କମିଟୀ ପକ୍ଷରେ ଯେତିକି ଟଙ୍କା ଦରକାର ପଡ଼ିବ, ତାଠାରୁ ଅଧିକ ପ୍ଲଟଗୁଡ଼ିକ ବନ୍ଦୋବସ୍ତଦ୍ୱାରା ମିଳିବ ବୋଲି ଆଶା କରାଯାଉଛି । ଏହି ଲାଭରୁ ମାର୍କେଟିଙ୍ଗ ଅଫିସ ଓ ଘର ନିର୍ମାଣ କରାଯାଇ ଋଣ ପରିଶୋଧପାଇଁ କିଛି ଟଙ୍କା ବଳକା ରହିପାରେ । ଦନାହୁଧରେ ଋଣ ଦିଆଯିବ ଏବଂ ଋଣ-ଗ୍ରହଣର ତୃତୀୟ ବର୍ଷଠାରୁ ବାର୍ଷିକ କିସ୍ତିରେ ଏହା ପରିଶୋଧ କରିବା ବ୍ୟବସ୍ଥା ରହିବ ।

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

## ଓ

# ବିନିଯୋଗ କରନ୍ତୁ

୧। ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୫.୪୧ (ମାଚ୍ୟୁରିଟିରେ)।

୨। ଦଶବର୍ଷିଆ ଟ୍ରେଜେରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆହେବ)।

୩। ପନ୍ଦରବର୍ଷିଆ ଆନ୍ୟୁଇଟି—ନିୟମିତ ମାସକୁ ମାସ ୧୫ ବର୍ଷଯାଏ ଟଙ୍କା ପାଉଥିବେ। ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ।

୪। ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨½; ୨୫ ଟଙ୍କାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ତଦୂର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟ-କର ଦେବାକୁ ପଡ଼ିବ ନାହିଁ।

୫। ପାଞ୍ଚ ବର୍ଷିଆ ୧୦୦ ଟଙ୍କା ଓ ୫ ଟଙ୍କା ମୂଲ୍ୟର ପ୍ରାଇଜ ବଣ୍ଡ୍

**ସ୍ମରଣ ରଖନ୍ତୁ :**

ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିରାପତ୍ତା ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ। ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ବିନିଯୋଗ କରନ୍ତୁ।

ବିଶେଷ ବିବରଣୀପାଇଁ—

ଦି ରିଜିଓନାଲ ନ୍ୟାସନାଲ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ।

# ଆମ ଦେଶରେ ସମବାୟ ଆନ୍ଦୋଳନର ପ୍ରସାର

ସମବାୟ ବିଭାଗର ପ୍ରଥମ ବାର୍ଷିକ ରିପୋର୍ଟରୁ ଜଣାଯାଏ ଯେ ଦ୍ୱିତୀୟ ଯୋଜନା ଶେଷବେଳକୁ ଦେଶରେ ପ୍ରାୟ ୬୭,୦୦୦ ସେବା-ସମବାୟ କାର୍ଯ୍ୟ କରୁଥିବ ବୋଲି ଆଶା କରାଯାଉଛି ।

୧୯୫୮ ଜୁନ୍ ଶେଷ ସୁଦ୍ଧା ଦେଶରେ ମୁଖ୍ୟତଃ ଋଣ ଯୋଗାଉଥିବା ଗ୍ରାମ ସମିତି ସଂଖ୍ୟା ୧ ଲକ୍ଷ ୬୭ ହଜାର ଥିଲା । ସେବା-ସମବାୟର ସମସ୍ତ ଦାୟିତ୍ୱ ବହନ କରିପାରିବାଭଳି ଏଗୁଡ଼ିକର ପୁନର୍ଗଠନ କରିବାକୁ ହେବ । ଆବଶ୍ୟକ ସ୍ଥଳେ ନୂତନ ସମିତି ସ୍ଥାପନ କରିବାକୁ ହେବ । ୧୯୬୦-୬୧ର ଯୋଜନା ଅନୁଯାୟୀ ୯୫୭୫ଟି ନୂତନ ସେବା-ସମବାୟ ସ୍ଥାପିତ ହେବ ଏବଂ ୧୯,୦୬୫ଟି ବର୍ତ୍ତମାନ ସମିତିର ପୁନର୍ଗଠନ କରାଯିବ । ସମବାୟ ଉନ୍ନୟନ ପରିକଳ୍ପନାଗୁଡ଼ିକପାଇଁ ଦ୍ୱିତୀୟ ଯୋଜନାରେ ୫୨ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା ରହିଛି । ଚଳିତ ବର୍ଷ ଶେଷ ସୁଦ୍ଧା ସେଥିରୁ ପ୍ରାୟ ୨୮ କୋଟି ଟଙ୍କା ଖର୍ଚ୍ଚ ହୋଇ ଯାଇଥିବ ବୋଲି ଅନୁମାନ । ୧୯୬୦-୬୧ରେ ୧୪ କୋଟି ଟଙ୍କା ବ୍ୟୟ କରାଯିବାର ପ୍ରସ୍ତାବ ହୋଇଛି ।

୧୯୫୮ ଡିସେମ୍ବର ମାସରେ ଗୋଷ୍ଠୀ ଉନ୍ନୟନ ମନ୍ତ୍ରାଳୟ ଭିତରେ ଏକ ନୂଆ ସମବାୟ ବିଭାଗ ସୃଷ୍ଟି କରାଯାଇ ଏପର୍ଯ୍ୟନ୍ତ ଖାଦ୍ୟ ଓ କୃଷି ମନ୍ତ୍ରାଳୟ ଦାୟିତ୍ୱରେ ଥିବା ସମବାୟ ସମ୍ପର୍କୀୟ କାର୍ଯ୍ୟ ତାହାକୁ ହସ୍ତାନ୍ତର କରାଗଲା । ଫଳରେ ଉକ୍ତ ମନ୍ତ୍ରାଳୟ ଗୋଷ୍ଠୀ ଉନ୍ନୟନ ଓ ସମବାୟ ମନ୍ତ୍ରାଳୟ ନାମରେ ନାମିତ ହେଲା ।

## ସେବା ସମବାୟ

ଏହି ରିପୋର୍ଟରୁ ପ୍ରକାଶ, ୧୯୫୯ ନଭେମ୍ବର ଶେଷ ସୁଦ୍ଧା ୧୫,୦୦୦ ସେବା ସମବାୟ ଗଠିତ ହୋଇ ସାରିଥିଲା । ବର୍ତ୍ତମାନ ଯେଉଁଭଳି ଭାବରେ ସଂପ୍ରସାରଣ ଚାଲିଛି, ତାହା ଅବ୍ୟାହତ ରହିଲେ ୧୯୫୯-୬୦ କାର୍ଯ୍ୟକ୍ରମରେ ଏଭଳି ୩୯,୦୦୦ ସମିତି ସ୍ଥାପନ କରିବାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାହା ୧୯୬୦ ଜୁନ୍ ମାସ ଶେଷ ସୁଦ୍ଧା ପୂରଣ ହୋଇଯିବ ବୋଲି ଅନୁମାନ କରାଯାଉଛି । ସ୍ୱଳ୍ପମିଆଦି ଓ ଦୀର୍ଘମିଆଦି ଋଣ ଦେବା ଛଡ଼ା ସେବା-ସମବାୟ ନାମରେ ପରିଚିତ ଏହି ବହୁମୁଖୀ ଗ୍ରାମ ସମିତିଗୁଡ଼ିକର କାର୍ଯ୍ୟ ହେଲା—କୃଷି ଓ ଅନ୍ୟାନ୍ୟ ଉତ୍ପାଦନ ସରଞ୍ଜାମ ଯୋଗାଇବା, କୃଷିଜାତ ଦ୍ରବ୍ୟ ବିକ୍ରୟର ବ୍ୟବସ୍ଥା କରିବା ଏବଂ କୃଷି ଉତ୍ପାଦନ ଯୋଜନା ପ୍ରଣୟନ ଓ ରୂପାୟନରେ ସାହାଯ୍ୟ କରିବା ।

୧୯୫୭-୫୮ ଶେଷରେ ଗ୍ରାମ ସମିତିଗୁଡ଼ିକର ସଭ୍ୟସଂଖ୍ୟା ୧ କୋଟି ୨ ଲକ୍ଷ ଥିଲା । ୧୯୫୮-୫୯ରେ ଏହା ବଢ଼ି ପ୍ରାୟ ୧ କୋଟି ୨୦ ଲକ୍ଷ ହୋଇଛି ଏବଂ ୧୯୬୦-୬୧ ସୁଦ୍ଧା ପ୍ରାୟ ୧ କୋଟି ୮୦ ଲକ୍ଷ ହେବ ବୋଲି ଆଶା କରାଯାଉଛି ।

ଦ୍ୱିତୀୟ ଯୋଜନା ଆରମ୍ଭରେ ସମବାୟ ସମିତି-ଗୁଡ଼ିକ ସ୍ୱଳ୍ପ ଓ ଦୀର୍ଘମିଆଦି ଋଣ ଆକାରରେ ୪୯ କୋଟି ୬୨ ଲକ୍ଷ ଟଙ୍କା ଯୋଗାଇଥିଲେ । ଦ୍ୱିତୀୟ ଯୋଜନାରେ ୨୦୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ୧୯୫୮ରେ ପ୍ରାୟ ୧୨୫ କୋଟି ଟଙ୍କା ଦିଆଯାଇଥିବାର ଆଟକଳ କରାଯାଇଛି । ୧୯୬୦-୬୧ ଶେଷ ସୁଦ୍ଧା ଏହା ୧୯୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି ।

ଭୂ-ବନ୍ଧକ ବ୍ୟାଙ୍କଗୁଡ଼ିକ ୧୯୫୮-୫୯ରେ ପ୍ରାୟ ୬ କୋଟି ୩୫ ଲକ୍ଷ ଟଙ୍କାର ଦୀର୍ଘମିଆଦି ଋଣ ଦେଇଥିଲେ ଏବଂ ୧୯୫୯-୬୦ରେ ପ୍ରାୟ ୮ କୋଟି

ଟଙ୍କା ଦେବେ ବୋଲି ଆଶା କରାଯାଉଛି । ସମବାୟ ଋଣ ବ୍ୟବସ୍ଥାର ସଂପ୍ରସାରଣ ବିଷୟ ବର୍ତ୍ତମାନ ଶ୍ରୀ ବୈକୁଣ୍ଠଲାଲ ମେହେଟାଙ୍କ ସଭାପତିତ୍ୱରେ ଗଠିତ ଏକ ବିଶେଷଜ୍ଞ କମିଟିଦ୍ୱାରା ପରୀକ୍ଷା କରାଯାଉଛି ।

ଦ୍ୱିତୀୟ ଯୋଜନାରେ ୧୯୦୦ ପ୍ରାଥମିକ ବିକ୍ରୟ ସମିତି ସ୍ଥାପନର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଯୋଜନାର ପ୍ରଥମ ୩ ବର୍ଷ ମଧ୍ୟରେ ସେଥିମଧ୍ୟରୁ ୧୦୬୩ ସମିତି ସ୍ଥାପିତ ହୋଇସାରିଛି । ଯୋଜନାର ଅବଶିଷ୍ଟ କାଳ ମଧ୍ୟରେ ୮୦୦ରୁ ଅଧିକ ସମିତି ସ୍ଥାପିତ ହୋଇପିବ ବୋଲି ଆଶା କରାଯାଉଛି । ୧୯୫୭-୫୮ରେ ଏଇ ସମିତିଗୁଡ଼ିକ ଜରିଆରେ ପ୍ରାୟ ୨୦ କୋଟି ଟଙ୍କାର କାରବାର ହୋଇଥିଲା ।

## ସଂରକ୍ଷଣ ବ୍ୟବସ୍ଥା

ମାଲଗୋଦାମ ନିର୍ମାଣକାରେ ସମିତିଗୁଡ଼ିକୁ ସାହାଯ୍ୟ କରାଯାଉଛି । ଦ୍ୱିତୀୟ ଯୋଜନାରେ ୫,୫୦୦ ମାଲଗୋଦାମ ସ୍ଥାପନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ୧୯୫୮-୫୯ରେ ସେଥିମଧ୍ୟରୁ ୩,୧୫୦ଟି ମାଲଗୋଦାମ ସ୍ଥାପିତ ହୋଇଛି ଏବଂ ଯୋଜନାକାଳ ଶେଷ ସୁଦ୍ଧା ଆଉ ୨,୬୩୦ଟି ସ୍ଥାପିତ ହୋଇପିବ ବୋଲି ଆଶା କରାଯାଉଛି । ଏଇ ମାଲଗୋଦାମ ଖୋଲିବା ବ୍ୟୟରେ ଶତକଡ଼ା ୨୫ ଭାଗ ସାହାଯ୍ୟ ଓ ୭୫ ଭାଗ ଋଣ ଆକାରରେ ଦିଆଯାଉଛି । ସମବାୟ ଚିନି କାରଖାନାଗୁଡ଼ିକର ଅଗ୍ରଗତି ମଧ୍ୟ ଯଥେଷ୍ଟ ହୋଇଛି । ୧୯୫୮-୫୯ରେ ସମବାୟ ଚିନି କାରଖାନାଗୁଡ଼ିକରୁ ୧ ଲକ୍ଷ ୭୯ ହଜାର ଟନ୍ ଚିନି ଉତ୍ପାଦିତ ହୋଇଥିଲା । ଏ କାରଖାନାଗୁଡ଼ିକର ଅଂଶ ମୂଳଧନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରମାନେ ୧୯୫୯ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ୩ କୋଟି ୩୪ ଲକ୍ଷ ଟଙ୍କା ଦେଇଛନ୍ତି । ୧୯୫୯-୬୦ରେ ଆଉ ଏକ କୋଟି ଟଙ୍କା ଦିଆଯିବ । ସମବାୟ ଚିନି କାରଖାନାଗୁଡ଼ିକର ମୂଳଧନ ବାବଦକୁ ଶିଳ୍ପ ଅର୍ଥ କର୍ପୋରେଶନ୍‌ ପକ୍ଷରୁ ଋଣ ଦିଆଯାଉଛି । ୧୯୫୯ ଜୁନ୍ ସୁଦ୍ଧା କର୍ପୋରେଶନ୍ ପ୍ରାୟ ୧୪ କୋଟି ୬୮ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରିଥିଲେ ।

## ତାଲିମ କାର୍ଯ୍ୟକ୍ରମ

ସରକାରୀ ଓ ବେ-ସରକାରୀ କର୍ମଚାରୀଙ୍କପାଇଁ ଏକ ବ୍ୟାପକ ତାଲିମ ଓ ଶିକ୍ଷା କାର୍ଯ୍ୟକ୍ରମର ଆୟୋଜନ ହୋଇଛି । ୧୯୫୯ ଶେଷ ସୁଦ୍ଧା ପ୍ରାୟ ତିନି ଲକ୍ଷ ବ୍ୟକ୍ତି ଭ୍ରମଣକାରୀ ଦଳଙ୍କଦ୍ୱାରା ତାଲିମ ହୋଇ ସାରିଥିଲେ । ସିନିଅର୍ ସମବାୟ ଅଫିସରମାନେ ପୁନାସ୍ଥ ସମବାୟ ସ୍କୁଲରେ ଏବଂ ମଧ୍ୟବର୍ତ୍ତୀ ଅଫିସରମାନେ ପାଞ୍ଚଟି ଆଞ୍ଚଳିକ ତାଲିମ କେନ୍ଦ୍ରରେ ତାଲିମ ପାଉଛନ୍ତି । ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆର ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଏଇ ଭାରତ ସମବାୟ ସମ୍ପର୍କରେ ତାଲିମ ଦେଉଛି । ୧୯୫୯ ଡିସେମ୍ବର ଶେଷବେଳକୁ ବିଦେଶର ୧୫ ଜଣ ବ୍ୟକ୍ତି ଏହିପରି ତାଲିମ ପାଇଥିଲେ ।

# ଭାରତର ଖାଦ୍ୟ-ସମସ୍ୟା ସମ୍ପର୍କରେ ଏକ ବାସ୍ତବ ଦୃଷ୍ଟିଭଙ୍ଗୀ

ଶ୍ରୀ ଏସ୍. କେ. ପାଟିଲ
( କେନ୍ଦ୍ର ଖାଦ୍ୟ ଓ କୃଷି ମନ୍ତ୍ରୀ )

ମୁଁ ଜଣେ କୃଷୀ ଭାବେ ଜନ୍ମ। କୃଷିବାସ ସହିତ ମୋର ବିଶେଷ ସମ୍ପର୍କ ନାହିଁ। କିନ୍ତୁ ସରକାରୀ ଦାୟିତ୍ୱ ତୁଲାଇଲାବେଳେ ସେସବୁ ବିଷୟରେ ମୁଁ ଯେତିକି ଅନୁସନ୍ଧାନ କରୁଛି, କୃଷି-ସମସ୍ୟାର ସମାଧାନ ହୋଇପାରିବ ଏବଂ ନିଶ୍ଚୟ ହେବ ବୋଲି ମୋର ସେତିକି ବିଶ୍ୱାସ ହେଉଛି। ଏହା କହିଲାବେଳେ ବର୍ତ୍ତମାନ ଆମ ଦେଶର ଉତ୍ପାଦନର ନିମ୍ନସ୍ତର ଏବଂ ଗାଁଗହଳର ବିଭିନ୍ନ ଅସୁବିଧା କଥା ମୁଁ ଅବଗତ ଅଛି। ଆମର ଏହା ଏକ କୃଷିପ୍ରଧାନ ଦେଶ—ଏ କଥା ମୁଁ ଜାଣେ। ପ୍ରାୟ ୩୩ କୋଟି ଏକର କୃଷିଜମି ଆମର ରହିଛି। କିନ୍ତୁ ଆମର ଏକରେ ଜମିରୁ ଯାହା ଅମଳ ହୁଏ, ତାର ପରିମାଣ ଏକ ଟନ୍‌ର ମାତ୍ର ଏକଚତୁର୍ଥାଂଶ। ଜଗତରେ ଏହା ସବୁଠୁ କମ୍। ଗତବର୍ଷ ୨୮ କୋଟି ଏକର ଜମିରୁ ମାତ୍ର ୭ କୋଟି ୩୫ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଅମଳ ହୋଇଥିଲା। ଏହା ପୁଣି ପୂର୍ବ ବର୍ଷମାନଙ୍କରେ ହୋଇଥିବା ଉତ୍ପାଦନ ମଧ୍ୟରେ ରେକର୍ଡ଼ ସୃଷ୍ଟି କରିଥିଲା।

ଭାରତରେ କୃଷି ଉତ୍ପାଦନ ବଢ଼ାଇବାଲାଗି ଯଥେଷ୍ଟ ଅବକାଶ ରହିଛି। ଏଥିପାଇଁ ଜଳସେଚନ ବ୍ୟବସ୍ଥାର ପୂର୍ଣ୍ଣ ସଦୁପଯୋଗ କରିବାକୁ ହେବ, ଉନ୍ନତ କୃଷୋପକରଣ ଓ ଭଲ ବିହନ ବ୍ୟବହାର କରିବାକୁ ପଡ଼ିବ, ମୃତ୍ତିକା ସଂରକ୍ଷଣ, ସାର, ପଶୁ-ସାର ଓ ସବୁଜସାର ବ୍ୟବହାର ଏବଂ ଜଳଜମି, ଲୁଣାଜମି ଓ ଜଙ୍ଗଲ ଜମି ଆବାଦ କରିବାକୁ ହେବ। ଗ୍ରାମାଞ୍ଚଳର ଅଧିକାଂଶ ଲୋକ କୌଣସି କାମରେ ଲାଗୁ ନାହାନ୍ତି। ଅଳ୍ପ ବ୍ୟୟରେ ତୁରନ୍ତ ଫଳପ୍ରସୂ ହେଉଥିବା ହଜାର ହଜାର ଛୋଟ ଛୋଟ ପରିକଳ୍ପନାମାନଙ୍କରେ ସେମାନଙ୍କର ଶକ୍ତି ବିନିଯୋଗପାଇଁ ସୁସଂଗଠିତ ଚେଷ୍ଟା କରିବାକୁ ପଡ଼ିବ। ମୋଟଉପରେ ଏ ସବୁମାନଙ୍କରେ କୃଷୀ ନିଜେ ଉତ୍ସାହୀ ହୋଇ ଲାଗିବା ଦରକାର।

## ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ

ଅଧିକ ଖାଦ୍ୟ ଉତ୍ପାଦନରେ ସାହାଯ୍ୟ କରୁଥିବା ମୌଳିକ ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ଉପରେ ମୁଁ ବାରମ୍ବାର ଜୋର ଦେଇ ଆସିଛି। ସମସ୍ତ ପ୍ରାସାଦର ପ୍ରଧାନ ଭିତ୍ତିପ୍ରସ୍ତର ହେଲା ଭୂ-ସଂସ୍କାର। ଏହାଫଳରେ ପ୍ରକୃତ ଯେ କୃଷୀ, ତାର ନିରାପତ୍ତା ବ୍ୟବସ୍ଥା କରାଯାଇପାରିବ। କୃଷୀର ଏଇ ମୌଳିକ ନିରାପତ୍ତା ନ ରହିଲେ ଜମିର ଉନ୍ନତିପାଇଁ ବ୍ୟକ୍ତିଗତ ଭାବରେ ସେ ଚିନ୍ତା କରିବ ବୋଲି ଆଶା କରାଯାଇ ନ ପାରେ।

ଏଇ ଭିତ୍ତିପ୍ରସ୍ତରଟି ଛଡ଼ା ଆଉ ଚାରୋଟି ସ୍ତମ୍ଭ ରହିଛି। ସେଗୁଡ଼ିକ ହେଉଛି :—ଜଳସେଚନ, ସାର, ଭଲ ବିହନ ଓ ଉନ୍ନତ କୃଷୋପକରଣ।

କୃଷି ଉନ୍ନୟନପାଇଁ ଜଳସେଚନ ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ। ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକର ଜଳର ସଦୁପଯୋଗ ଯେପରି ହୁଏ, ତାହା ଦେଖିବା ମୋର ପ୍ରଥମ କର୍ତ୍ତବ୍ୟ। କ୍ଷୁଦ୍ର ଯୋଜନା ଦ୍ୱାରା ୯୦ ଲକ୍ଷ ଏକର ଜମିରେ ଜଳସେଚନ ବ୍ୟବସ୍ଥା

କରିବାପାଇଁ ଦ୍ୱିତୀୟ ଯୋଜନାରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ତାହା ଯେ କେବଳ ହାସଲ ହେବ ତାହା ନୁହେଁ; ଲକ୍ଷ୍ୟ ଅତିକ୍ରମ କରିବ ବୋଲି ଆଶା କରାଯାଉଛି । ଏହା ଅତି ଆନନ୍ଦର କଥା । ଆମର ଭବିଷ୍ୟତ ଯୋଜନାମାନଙ୍କରେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହୋଇ ରହିବ । ତୃତୀୟ ଯୋଜନାରେ ଅତିରିକ୍ତ ୧ କୋଟି ୪୭ ଲକ୍ଷ ୮୦ ହଜାର ଏକର ଜମିରେ ଜଳସେଚନ ପାଇଁ ଆମେ ଲକ୍ଷ୍ୟ ଧାର୍ଯ୍ୟ କରୁଛୁ । ବଡ଼ ଓ ମଧ୍ୟମ ଜଳସେଚନ ଯୋଜନାକାଳରେ ଦ୍ୱିତୀୟ ଯୋଜନାରେ ଅତିରିକ୍ତ ୧ କୋଟି ୪ ଲକ୍ଷ ଏକର ଜମିରେ ଜଳସେଚନର ବ୍ୟବସ୍ଥା ହୋଇପାରିଛି ।

ସମଗ୍ର ଦେଶରେ ଭଲ ବିହନ ଯୋଗାଇବା ପାଇଁ ବିହନ ଫାର୍ମ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି । ଏହା ଆଶୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ କୋହଲଭାବରେ କେନ୍ଦ୍ରୀୟ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି । ଚଳିତ ଯୋଜନା ଶେଷ ସୁଦ୍ଧା ଏଭଳି ୪,୦୦୦ ଫାର୍ମ ସ୍ଥାପିତ ହୋଇଥିବା ସମ୍ଭବ । ଆଗାମୀ କେତେ ବର୍ଷ ମଧ୍ୟରେ ଏହି ଫାର୍ମଗୁଡ଼ିକରୁ ସୁଫଳ ମିଳିବ ।

ଉତ୍ପାଦନ ବଢ଼ାଇବାର ଆଉ ଗୋଟିଏ ଉପାୟ ହେଲା ଉପଯୁକ୍ତ ପରିମାଣରେ ରସାୟନିକ ସାର ଓ ଓ ଜୈବିକ ସାର ମିଶାଇ ବ୍ୟବହାର କରିବା । ବୈଦେଶିକ ମୁଦ୍ରା ଅଭାବ ପୂର୍ଣ୍ଣ ପ୍ରୟୋଜନୀୟତା ମେଣ୍ଟାଇବା ଦିଗରେ ପ୍ରତିବନ୍ଧକ ହେଉଛି । ୧୯୫୮-୫୯ରେ ଆମର ୧୫ ଲକ୍ଷ ୬୦ ହଜାର ଟନ ନାଇଟ୍ରୋଜେନସ୍ ସାର ଦରକାର ଥିଲା । କିନ୍ତୁ ଏହି ଦରକାର ମାତ୍ର ଶତକଡ଼ା ୫୫ ଭାଗ ଆମେ ପୂରଣ କରି ପାରିଥିଲୁ । ୧୯୫୯-୬୦ରେ ଆମର ୧୮ ଲକ୍ଷ ୮୦ ହଜାର ଟନ୍ ସାର ଦରକାର । ଚଳିତ ବର୍ଷ ଦେଶରେ ୫ ଲକ୍ଷ ୭୦ ହଜାର ଟନ୍ ଉତ୍ପାଦନ ହେବ ବୋଲି ଆଶା କରାଯାଉଥିବାରୁ ଅବଶିଷ୍ଟ ଆମକୁ ଆମଦାନୀ କରିବାକୁ ପଡ଼ିବ । ସାରଯୋଗାଣ ବ୍ୟବସ୍ଥାର ପରିପୂରକରୂପେ ସବୁଜସାର ସମେତ ସ୍ଥାନୀୟ ସାର ସମ୍ପଦର ଅଭିବୃଦ୍ଧି ସାଧନ କରିବାକୁ ହେବ । ଏହା ସଙ୍ଗେ ସଙ୍ଗେ ମୃତ୍ତିକା ସଂରକ୍ଷଣ, ଜମି ଆବାଦ, ଶସ୍ୟ ସଂରକ୍ଷଣ ଏବଂ ଉନ୍ନତ କୃଷିପଦ୍ଧତି ପ୍ରବର୍ତ୍ତନ କାର୍ଯ୍ୟକ୍ରମର ଗତି ବଢ଼ାଇ ଦିଆଯାଇଛି ।

## ତୃତୀୟ ଯୋଜନାର ଲକ୍ଷ୍ୟ

ତୃତୀୟ ଯୋଜନାରେ ଉତ୍ପାଦନ ଲକ୍ଷ୍ୟ ୧୦ କୋଟି ଟନ୍ ନ ରଖି ଆଉ କିଛି ଅଧିକ ରଖିବା ଦିଗରେ ସମସ୍ତେ ରାଜି ହୋଇଛନ୍ତି । ଉତ୍ପାଦନ ଲକ୍ଷ୍ୟ ୧୧ କୋଟି ଟନ୍ ଧାର୍ଯ୍ୟ କରିବା ବାଞ୍ଛନୀୟ ହେବ ବୋଲି ଅସ୍ଥାୟୀଭାବରେ ଚିନ୍ତା କରାଯାଉଛି । କୃଷି ଜମିର ପରିମାଣ ସୀମାବଦ୍ଧ ଥିବାରୁ ସଘନ କୃଷି-ବ୍ୟବସ୍ଥା ମାଧ୍ୟମରେ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ । ଏଥିପାଇଁ ସୁପରିକଳ୍ପିତ ଓ ସୁସମନ୍ୱିତ କାର୍ଯ୍ୟାନୁଷ୍ଠାନ ଦରକାର । ଜଳସେଚନ, ଖତ ଓ ସାର, ଉନ୍ନତ ବିହନ, ମୃତ୍ତିକା ସଂରକ୍ଷଣ, ଜମି ଉନ୍ନୟନ ଆଦି ସମ୍ପର୍କୀୟ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ବହୁଳଭାବରେ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଉନ୍ନତ କୃଷୋପକରଣ ଗୁଡ଼ିକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ଏକ ଦେଶବ୍ୟାପୀ କାର୍ଯ୍ୟକ୍ରମ ଦରକାର । ପ୍ରତ୍ୟେକ ସ୍ତରରେ ଗୋଟିଏ ଲେଖାଏଁ ଦକ୍ଷ ଅନୁଷ୍ଠାନ ରହିବା ଦରକାର । କୃଷୀମାନଙ୍କୁ ସାର୍ଥକ ବୈଷୟିକ ସାହାଯ୍ୟ ମିଳିବା ଉଚିତ । ଯଥାସମୟରେ କୃଷକଙ୍କୁ କୃଷିର ସାଧନସାମଗ୍ରୀ ଯୋଗାଇ ଦିଆଯିବା ପ୍ରୟୋଜନ ଏବଂ ଉନ୍ନତ କୌଶଳକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରିବାପାଇଁ ସଂପ୍ରସାରଣ କାର୍ଯ୍ୟ ଲୋଡ଼ା ।

(୪୪ ପୃଷ୍ଠା ଦେଖନ୍ତୁ)

# ହୀରାକୁଦ ବନ୍ଧର ଉତ୍ପତ୍ତି, ଯୋଜନା ଓ ନିର୍ମାଣ

[ ହୀରାକୁଦ ବନ୍ଧ ନିର୍ମାଣ ଓଡ଼ିଶାର ଜନସାଧାରଣଙ୍କ ପ୍ରଗତିସାଧନ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏଥିପାଇଁ ଆବଶ୍ୟକ ହୋଇଛି ପ୍ରବଳ ଉଦ୍ୟମ ଓ ପ୍ରଚୁର ସମ୍ବଳ । ଓଡ଼ିଶା ସରକାରଙ୍କ ହୀରାକୁଦ ବନ୍ଧର ହସ୍ତାନ୍ତର ଉପଲକ୍ଷେ ଲିଖିତ ଏହି ପ୍ରବନ୍ଧରେ ହୀରାକୁଦ ବନ୍ଧର ଉତ୍ପତ୍ତି, ଯୋଜନା ଓ ନିର୍ମାଣ ସମ୍ପର୍କରେ ସଂକ୍ଷେପରେ କେତେକ ବିଷୟ ବର୍ଣ୍ଣନା କରାଯାଇଛି । ]

ଅଳ୍ପ ଦିନ ଭିତରେ ହୀରାକୁଦରେ ଯେଉଁ ସବୁ ପରିବର୍ତ୍ତନ ଦେଖା ଦେଇଛି, ସେଥିରେ ଯେ କୌଣସି ଦର୍ଶକ ନିଶ୍ଚୟ ବିସ୍ମିତ ହୋଇଯିବ । ସମ୍ବଲପୁରଠାରୁ ମାତ୍ର ଦଶ ମାଇଲ ଦୂରରେ ହୀରାକୁଦ ବନ୍ଧ ଅବସ୍ଥିତ । ତରଙ୍ଗାୟିତ ପ୍ରାକୃତିକ ଶୋଭାର ଅପୂର୍ବ ପରିବେଶ ମଧ୍ୟରେ ସୁନ୍ଦର ଓ ଦୃଢ଼ ପକ୍କା ରାସ୍ତା ପଡ଼ିଛି ବନ୍ଧ ନିକଟକୁ । ମହାନଦୀ ଉପରେ ବନ୍ଧର ଦୈର୍ଘ୍ୟ ହେଉଛି ତିନ ମାଇଲ । ବନ୍ଧର କେତେକ ଅଂଶ କଂକ୍ରିଟରେ ଓ ଅନ୍ୟ କେତେକ ମାଟିରେ ତିଆରି । ଠିକ ବନ୍ଧର ଆରପଟେ ବିସ୍ତୀର୍ଣ୍ଣ ଜଳରାଶି— ଏସିଆର ବୃହତ୍ତମ କୃତ୍ରିମ ହ୍ରଦ । ହ୍ରଦର ଉପକୂଳ ରେଖାର ଦୈର୍ଘ୍ୟ ହେଉଛି ୪୦୦ ମାଇଲ । ଏହାପରେ ନିମ୍ନ ସ୍ରୋତକୁ ଦୃଷ୍ଟି ପକାଇଲେ ଦେଖିବେ ଦୁଇ ଶହ ଫୁଟ ଉଚ୍ଚ ବନ୍ଧର ପାଦଦେଶରେ ରହିଛି ବିରାଟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର । ଏହା ନିକଟରେ ହାଇଡ୍ରେଲ ଚ୍ୟାନେଲ୍ ମଧ୍ୟରେ ଜଳର ପ୍ରବଳ ସ୍ରୋତ ଛୁଟିଛି ।

ମହାନଦୀର ପ୍ରସ୍ତରମୟ ପ୍ରଶସ୍ତ ଶଯ୍ୟାର ଉଭୟ ପାର୍ଶ୍ୱରେ ହୀରାକୁଦ ଓ ବୁର୍ଲା ସହର ଅବସ୍ଥିତ । ମନୁଷ୍ୟର ଉପକାରରେ କିପରି ମହାନଦୀକୁ ଲଗା-ଯାଇଛି, ତାହା ଏଠାରେ ସ୍ପଷ୍ଟ ଦେଖାଯାଇପାରିବ ।

ହୀରାକୁଦ ବନ୍ଧ, ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥା ଓ ଜଳସେଚନ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ ହୋଇଗଲାଣି । ଏହି ଯୋଜନାର ଉତ୍ପତ୍ତି ଓ କାର୍ଯ୍ୟର ଅଗ୍ରଗତି ବିଷୟ ସ୍ମରଣ କରାଗଲେ, ବନ୍ଧ ନିର୍ମାଣପାଇଁ ଯେ କେତେ ବିରାଟ ଉଦ୍ୟମ କରାଯାଇଥିବ ଏବଂ କିପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିବ ତାହା ଅନୁମାନ କରାଯାଇପାରିବ ।

## ବିରାଟ ଉଦ୍ୟମ

ମହାନଦୀରେ ବାର୍ଷିକ ୬ କୋଟି ୪୦ ଲକ୍ଷ ଏକର ଫୁଟ୍ ଜଳ ପ୍ରବାହିତ ହୁଏ । ସମଗ୍ର ଓଡ଼ିଶାକୁ ୨ ଫୁଟ ଗଭୀରରେ ଏହା ବୁଡ଼ାଇ ଦେଇ ପାରିବ । ପ୍ରାୟ ୫୧ ହଜାର ବର୍ଗମାଇଲ ପରିମିତ ଅଞ୍ଚଳରୁ ମହାନଦୀ ଜଳ ନିଷ୍କାସନ କରେ । ଏହି ଅଞ୍ଚଳର ଆୟତନ ସମଗ୍ର କେରଳ ରାଜ୍ୟ ଆୟତନର ପ୍ରାୟ ଦ୍ୱିଗୁଣ । ମହାନଦୀ ଜଳର ସଦୁପଯୋଗ ଉଦ୍ଦେଶ୍ୟରେ ହୀରାକୁଦ ନିର୍ମିତ ହୋଇଥିଲା । ଏଥିପାଇଁ ଆବଶ୍ୟକ ହୋଇଥିଲା ୭୫ କୋଟି ଘନଫୁଟ୍ ମାଟି ଏବଂ ୪ କୋଟି ଘନଫୁଟ୍ କଂକ୍ରିଟ୍ । ଏତିକି ଜିନିଷରେ କୁମାରିକା ଅନ୍ତରୀପଠାରୁ କାଶ୍ମୀର ଏବଂ ଅମୃତସରରୁ ଆସାମର ଡିବ୍ରୁଗଡ଼ ପର୍ଯ୍ୟନ୍ତ ୭୫ ଫୁଟ୍ ଓସାରର ପକ୍କାରାସ୍ତା ନିର୍ମାଣ କରାଯାଇ ପାରିଥାଆନ୍ତା । ବନ୍ଧ ପଛରେ ଯେଉଁ ହ୍ରଦ ସୃଷ୍ଟି ହୋଇଛି, ତାହାର କ୍ଷେତ୍ରଫଳ ହେଉଛି ୩୦୦ ବର୍ଗ-ମାଇଲ । ହୀରାକୁଦ ଯୋଜନାର କେନାଲଗୁଡ଼ିକ ଖୋଳିବାପାଇଁ ୭୪ କୋଟି ୬୦ ହଜାର ଘନଫୁଟ ମାଟି ଉଠିଛି ।

ତ୍ରିକୋଣଭୂମି ଜଳସେଚନ ଯୋଜନା ହୀରାକୁଦ ଯୋଜନାର ଅନ୍ତର୍ଗତ । ତ୍ରିକୋଣଭୂମି ଯୋଜନାଟି ବର୍ତ୍ତମାନ ଓଡ଼ିଶା ସରକାରଙ୍କଦ୍ୱାରା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାଟିକୁ ମିଶାଇ ସମଗ୍ର ହୀରାକୁଦ ଯୋଜନାଦ୍ୱାରା ୧୫ ଲକ୍ଷ ଏକର ଜମିରେ ଜଳସେଚନ କରାଯାଇପାରିବ ଏବଂ ଦୁଇ ଲକ୍ଷ କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ହେବ । ଏହାଛଡ଼ା ହୀରାକୁଦ ଯୋଜନା ମହାନଦୀର ପ୍ରବଳ ବନ୍ୟାର ପ୍ରତିରୋଧ କରିବ ।

ଏହି ବିରାଟ ଯୋଜନା କାର୍ଯ୍ୟକାରୀ କରିବାକୁ ବହୁ ଇଂଜିନିଅର ଏବଂ ଭାରତର ସବୁ ଅଞ୍ଚଳରୁ ହଜାର ହଜାର ଲୋକେ ଲାଗିପଡ଼ିଥିଲେ । ମାଟି ଖୋଳିବା, ମାଟି ବୋହିବା ଓ ପାଣି ମଡ଼ାଇବାର ବିଭିନ୍ନ ବିରାଟ ଯନ୍ତ୍ରମାନ ମଧ୍ୟ ଏଠାରେ ନିୟୋଜିତ କରାଯାଇଥିଲା ଏବଂ ତାହା ଚଳାଇବାପାଇଁ ବହୁ ଟେକ୍‌ନିକାଲ କର୍ମଚାରୀ ନିଯୁକ୍ତ ଥିଲେ । ୧୯୪୮ରେ କାର୍ଯ୍ୟ ଆରମ୍ଭ ହେଲା ଏବଂ ଶେଷ ହେବାକୁ ପୂରା ଏଗାର ବର୍ଷ ଲାଗିଲା ।

## ଯୋଜନାର ଉତ୍ପତ୍ତି

ହୀରାକୁଦ ବନ୍ଧର ଉତ୍ପତ୍ତିର କାହାଣୀ ବାସ୍ତବିକ ମନୋମୁଗ୍ଧକର । ମହାନଦୀ କେବଳ ଓଡ଼ିଶାର ମହାନଦୀ ନୁହେଁ, ଏହା ସାରା ଭାରତର ମହାନଦୀ । ବର୍ଷାଦିନରେ ଏହା ଭୟଙ୍କର ଆକାର ଧାରଣ କରେ ଏବଂ ଦଶଲକ୍ଷ କ୍ୟୁସେକ୍‌ରୁ ଊର୍ଦ୍ଧ୍ୱ ଜଳ ଏଥିରେ ପ୍ରବାହିତ ହୁଏ । ଓଡ଼ିଶାର ବହୁ ଗ୍ରାମ ଓ ଉର୍ବର ଶସ୍ୟକ୍ଷେତ୍ର ଏହାର ବନ୍ୟାରେ ପ୍ଳାବିତ ହୁଏ । କେବଳ ବର୍ଷାଦିନରେ ମହାନଦୀର ଅଳ୍ପ ପରିମାଣ ଜଳସେଚନ କାର୍ଯ୍ୟରେ ଲାଗିବା ଛଡ଼ା ଅବଶିଷ୍ଟ ସମସ୍ତ ଜଳ ଅପଚୟ ହେଉଥିଲା । ଫଳରେ ଏହାର ବନ୍ୟା ଅସୀମ କ୍ଷତିସାଧନ କରୁଥିଲା । ଓଡ଼ିଶାର ଏହି ବନ୍ୟା-ବିପଦ ପ୍ରତି ବିଶେଷଜ୍ଞମାନଙ୍କ ଦୃଷ୍ଟି ପଡ଼ିଲା ଏବଂ ଏ ସମ୍ପର୍କରେ ବିଭିନ୍ନ ସମୟରେ କମିଟିମାନ ନିଯୁକ୍ତ ହେଲା । ୧୮୫୮ ମସିହାରେ ଭାରତର ଜଳସେଚନ ବ୍ୟବସ୍ଥା ପ୍ରବର୍ତ୍ତନରେ ଅନ୍ୟତମ ପଥପ୍ରଦର୍ଶକ ସାର୍ ଆର୍ଥର କଟନ୍ ସୁପାରିଶ କରିଥିଲେ ଯେ ବନ୍ୟା ସମସ୍ୟାର ସମାଧାନ ପାଇଁ ଓଡ଼ିଶାର ନଦୀମାନଙ୍କ ଉପରେ ବନ୍ଧ ନିର୍ମାଣ କରାଯିବା ଉଚିତ ଏବଂ ସମଗ୍ର ତ୍ରିକୋଣଭୂମି ଅଞ୍ଚଳରେ ଜଳସେଚନପାଇଁ କେନାଲମାନ ଖୋଳାଯିବା ଉଚିତ । ଏହାଛଡ଼ା ଜଳ ନିଷ୍କାସନପାଇଁ ମଧ୍ୟ ନାଳ ଖୋଳାଯିବା ଉଚିତ ।

## ବନ୍ୟା-କମିଟିର ମତ

୧୯୨୭ରେ ଗଠିତ ବନ୍ୟା ଅନୁସନ୍ଧାନ କମିଟି କୌଣସି ନଦୀରେ ବନ୍ୟା ନିୟନ୍ତ୍ରଣପାଇଁ ଜଳଭଣ୍ଡାର ନିର୍ମାଣର ପକ୍ଷପାତୀ ନ ଥିଲେ । ସେମାନେ ବନ୍ଧନିର୍ମାଣ ବିରୁଦ୍ଧରେ ମତ ଦେଇଥିଲେ ଏବଂ ବନ୍ୟାଜଳ ଯେପରି ଅବାଧରେ ସମୁଦ୍ରରେ ପଡ଼େ, ସେଥିପାଇଁ ନଦୀମୁହାଣ ଖୋଲାଇବାକୁ ସୁପାରିଶ କରିଥିଲେ । ୧୯୩୭ ମସିହାରେ ଏ ଯୁଗର ବିଶିଷ୍ଟ ପରିକଳ୍ପନାକାରୀ ସାର୍ ଏମ୍. ବିଶ୍ୱେଶ୍ୱରାୟା ମହାନଦୀ ଉପରେ ବନ୍ୟାନିୟନ୍ତ୍ରଣ ଜଳଭଣ୍ଡାର ନିର୍ମାଣ ସମ୍ପର୍କରେ ଅନୁସନ୍ଧାନ କରିବାକୁ ମତ ଦେଇଥିଲେ । ୧୯୩୮ର ବନ୍ୟା ଅନୁସନ୍ଧାନ କମିଟି ସୁପାରିଶ କଲେ ଯେ ନଦୀଜଳ ଯେପରି ସହଜରେ ପ୍ରବାହିତ ହୁଏ, ସେଥିପାଇଁ ନଦୀଗୁଡ଼ିକର ଉନ୍ନତି କରାଯିବା ଉଚିତ । ଜଳଭଣ୍ଡାର ନିର୍ମାଣ ପାଇଁ ବହୁ ଟଙ୍କା ବ୍ୟୟ ହେବା ଦୃଷ୍ଟିରୁ କମିଟି ତାହା ନିର୍ମାଣ କରିବାକୁ ସୁପାରିଶ କରି ନ ଥିଲେ । ତେବେ ଏ ସମ୍ପର୍କରେ ପୂର୍ଣ୍ଣ ଅନୁସନ୍ଧାନପାଇଁ କମିଟି ପରାମର୍ଶ ଦେଇଥିଲେ ।

୧୯୩୯ରେ ସାର୍ ଏମ୍. ବିଶ୍ୱେଶ୍ୱରାୟା ପୁଣି ଓଡ଼ିଶା ପରିଦର୍ଶନ କଲେ । ସେ ଜଳଭଣ୍ଡାର ନିର୍ମାଣର ପକ୍ଷପାତୀ ଥିଲେ ସୁଦ୍ଧା ରାଜ୍ୟର ସୀମା ଓ ବ୍ୟୟାଧିକ୍ୟ

ଯୋଗୁଁ ଯେଉଁସବୁ ଅସୁବିଧା ସୃଷ୍ଟି ହେଉଛି ତାହା ଉପଲବ୍ଧି କରିଥିଲେ । ସେତେବେଳେ ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ଓଡ଼ିଶା ପ୍ରଦେଶ ସହିତ ସାମିଲ ହୋଇ ନ ଥିଲା । ଏହାଛଡ଼ା ମହାନଦୀର ସମଗ୍ର ଅବବାହିକାର ଉନ୍ନତି କାର୍ଯ୍ୟରେ ଅନେକ ଗଡ଼ଜାତ ରାଜ୍ୟର ସୀମା ସଂଶ୍ଳିଷ୍ଟ ଥିଲା ।

## ପ୍ରାଥମିକ ଅନୁସନ୍ଧାନ

୧୯୪୫ ମସିହାରେ ଏ ବିଷୟଟି ଭାରତ ସରକାରଙ୍କ ହାତକୁ ଦିଆଗଲା । ଏହାର ଦାୟିତ୍ୱ କେନ୍ଦ୍ର ଜଳ ଓ ବିଦ୍ୟୁତ୍‌ଶକ୍ତି କମିଶନ୍‌ଠାରେ ନ୍ୟସ୍ତ ହେଲା । ସେତେବେଳେ ଏହି କମିଶନର ନାମ ଥିଲା "କେନ୍ଦ୍ର ଜଳପଥ ଜଳସେଚନ ଓ ନୌଚାଳନ କମିଶନ ।" ଏ ସମ୍ପର୍କରେ କାଗଜପତ୍ର ଅନୁଧ୍ୟାନ ଏବଂ ଘଟଣାସ୍ଥଳ ପରିଦର୍ଶନ କରିବାପରେ ସ୍ଥିର ହେଲା ଯେ କେବଳ ବନ୍ୟା ନିୟନ୍ତ୍ରଣ ପାଇଁ ନୁହେଁ, ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ପାଇଁ ମହାନଦୀର ପ୍ରଚୁର ଜଳ ସଂପଦକୁ ବିନିଯୋଗ କରିବା ଉଦ୍ଦେଶ୍ୟରେ ଜଳଭଣ୍ଡାର ବନ୍ଧ ନିର୍ମାଣ କରାଯିବା ଉଚିତ । ମହାନଦୀର ଜଳସଂପଦର ପୂର୍ଣ୍ଣ ସଦୁପଯୋଗ ଏବଂ ଏହାର ଅବବାହିକାର ପୂର୍ଣ୍ଣ ସଦୁପଯୋଗ ଏବଂ ବିକାଶପାଇଁ ହୀରାକୁଦ, ଟିକରପଡ଼ା ଓ ନରାଜଠାରେ ତିନୋଟି ବନ୍ଧ ନିର୍ମାଣ ଆବଶ୍ୟକ ହେଲା । ତେବେ ଏହି ତିନୋଟି ସ୍ଥାନ ମଧ୍ୟରୁ ପ୍ରଥମେ ମହାନଦୀର ଉପର-ମୁଣ୍ଡରେ ଅବସ୍ଥିତ ହୀରାକୁଦଠାରେ ବନ୍ଧନିର୍ମାଣ କରିବା ସ୍ଥିର ହେଲା । ୧୯୪୫ ମସିହା ପୂର୍ବରୁ ହୀରାକୁଦ ବନ୍ଧ ଯୋଜନା ସଂପର୍କରେ କେନ୍ଦ୍ର ଜଳ ଓ ବିଦ୍ୟୁତ୍‌ଶକ୍ତି କମିଶନ୍‌ଦ୍ୱାରା ଅନୁସନ୍ଧାନ କରାଯାଇଥିଲା । ମାତ୍ର ଦୁଇ ବର୍ଷରୁ କମ ସମୟ ମଧ୍ୟରେ ଏ ସଂପର୍କରେ ଅନେକ ତଥ୍ୟ ମିଳିଗଲା । ୧୯୪୭ ମସିହା ଜୁନ୍ ୧୨ ତାରିଖରେ ହୀରାକୁଦ ବନ୍ଧ ଯୋଜନା ସଂପର୍କରେ ଏକ ପ୍ରାଥମିକ ଯୋଜନା ରିପୋର୍ଟ ଦାଖଲ କରାଯାଇଥିଲା । ୧୯୪୭ ମସିହାରେ ଉକ୍ତ ରିପୋର୍ଟଟି ବରିଷ୍ଠ ଇଂଜିନିଅରମାନଙ୍କୁ ନେଇ ଗଠିତ କମିଟିଦ୍ୱାରା ଆଲୋଚିତ ଓ ଅନୁମୋଦିତ ହୋଇଥିଲା । ତେବେ କମିଟି ବିଦ୍ୟୁତ୍ ଉତ୍ପାଦନ ଓ ଜଳଭଣ୍ଡାରର ଜଳଧାରଣ ସଂପର୍କରେ କେତେକ ପରିବର୍ତ୍ତନର ସୁପାରିଶ କରିଥିଲେ ।

## ଯୋଜନାର ନକ୍‌ସା

ଆଧୁନିକ ନିର୍ମାଣଶୈଳୀ ମଧ୍ୟରେ ନକ୍‌ସା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରୁଛି । ଯୋଜନାର ନକ୍‌ସା ପ୍ରସ୍ତୁତି ପାଇଁ ପ୍ରଥମେ ଏକ ନକ୍‌ସା ପ୍ରସ୍ତୁତକାରୀ ସଂସ୍ଥା ଗଠନ ଆବଶ୍ୟକ ହୋଇଥାଏ । ଏହି ଆବଶ୍ୟକତା ଯଥେଷ୍ଟ ଆଗରୁ ଉପଲବ୍ଧି କରାଯାଇଥିଲା ଏବଂ ଭାରତର ବିଭିନ୍ନ ବିରାଟ ଯୋଜନାର ନକ୍‌ସା ପ୍ରସ୍ତୁତ କରିବାପାଇଁ କେନ୍ଦ୍ର ଜଳ ଓ ବିଦ୍ୟୁତ୍ କମିଶନ ଏକ କେନ୍ଦ୍ରୀୟ ନକ୍‌ସା ସଂସ୍ଥା ଗଠନ କରିଥିଲେ । ୧୯୫୦ ମସିହା ସୁଦ୍ଧା ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ନକ୍‌ସା ଅଫିସ ହୀରାକୁଦର ନକ୍‌ସା ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ କର୍ମଚାରୀ ଓ ସରଞ୍ଜାମ ସହ ପ୍ରସ୍ତୁତ ହୋଇଯାଇଥିଲା । ଅତି ଅଳ୍ପ ସମୟ ମଧ୍ୟରେ ନକ୍‌ସା କାର୍ଯ୍ୟ ଶେଷ କରିବାକୁ ହେବ—ଏହି ଉଦ୍ଦେଶ୍ୟ ନେଇ ନକ୍‌ସା ସଂସ୍ଥା ଜୋରସୋରରେ କାର୍ଯ୍ୟ ଆରମ୍ଭ କରିଦେଲା । ୧୯୫୧ ମସିହା ଜୁନ୍ ସୁଦ୍ଧା ଚୂଡ଼ାନ୍ତ ନକ୍‌ସାଟି ପ୍ରସ୍ତୁତ ହୋଇଗଲା । ଏହା ମୁଦ୍ରିତ ହେଲା ଏବଂ ୧୯୫୧ ସେପ୍ଟେମ୍ବର ସୁଦ୍ଧା ଏହି ମୁଦ୍ରିତ ନକ୍‌ସା ହୀରାକୁଦ ବନ୍ଧ ନିର୍ମାଣରେ ଲାଗିଥିବା କର୍ମୀମାନଙ୍କ ନିକଟରେ ପହଞ୍ଚିଗଲା । ଆଜି ଯେଉଁ ହୀରାକୁଦ ବନ୍ଧ ମୁଣ୍ଡଟେକି ଠିଆ ହୋଇଛି, ତାହାର ଚୂଡ଼ାନ୍ତ ରୂପରେଖ ବାସ୍ତବରେ ୧୯୫୧ରେହିଁ ପରିକଳ୍ପିତ ହୋଇଥିଲା ।

ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଓ ବନ୍ୟା-ନିୟନ୍ତ୍ରଣପାଇଁ ସମଗ୍ର ମହାନଦୀ ଉପତ୍ୟକାର ବିକାଶ-ସାଧନ କରିବାକୁ ଯେଉଁ ବିରାଟ ଉନ୍ନୟନ ପରିକଳ୍ପନା କରାଯାଉଛି, ହୀରାକୁଦ ଯୋଜନା ତାର ଅନ୍ତର୍ଗତ । ତେଣୁ ହୀରାକୁଦ ଯୋଜନା ଏକ ସ୍ୱତନ୍ତ୍ର ବା ପୃଥକ୍ ଯୋଜନା ନୁହେଁ । ଚିପିଲିମା ବିଦ୍ୟୁତ୍ ଉତ୍ପାଦନ ଯୋଜନା ହୀରାକୁଦ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ନଦୀର ନିମ୍ନସ୍ରୋତରେ ହୀରାକୁଦ ବନ୍ଧଠାରୁ ୧୭ ମାଇଲ ଦୂରରେ ଚିପିଲିମା ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଅବସ୍ଥିତ । ଏହି କେନ୍ଦ୍ରଦ୍ୱାରା ୭୨ ହଜାର କିଲୋଓ୍ୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବ । ୧୯୬୧ ମସିହା ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣାଙ୍ଗ ହେବ ବୋଲି ଆଶା କରାଯାଏ ।

ତ୍ରିକୋଣଭୂମି ଜଳସେଚନ ଯୋଜନା ହୀରାକୁଦ ଯୋଜନାର ପ୍ରଥମ ପର୍ଯ୍ୟାୟ ସହ ସଂଶ୍ଳିଷ୍ଟ । ୧୯୬୧ ମସିହା ସୁଦ୍ଧା ଏ ଯୋଜନାଟି ମଧ୍ୟ ସମ୍ପୂର୍ଣ୍ଣାଙ୍ଗ ହେବ । ୧୭କୋଟି ଟଙ୍କା ବ୍ୟୟରେ ଏ ଯୋଜନାଟି କାର୍ଯ୍ୟକାରୀ ହେଉଛି । କଟକ ଓ ପୁରୀ ଜିଲ୍ଲାର ପ୍ରାୟ ଦଶ ଲକ୍ଷ ଏକର ଜମିରେ ଏହି ଯୋଜନାଦ୍ୱାରା ନିରବଚ୍ଛିନ୍ନ ଭାବରେ ଜଳସେଚନ କରାଯାଇ ପାରିବ ।

ମହାନଦୀର ବନ୍ୟାହାତରୁ ସମ୍ପୂର୍ଣ୍ଣଭାବେ ଉଦ୍ଧାର ପାଇବାକୁ ହେଲେ ମହାନଦୀ ଉପତ୍ୟକାରେ ଆହୁରି ଏହିପ୍ରକାର ଅନ୍ୟାନ୍ୟ ଯୋଜନା ଯେ କାର୍ଯ୍ୟକାରୀ କରିବା ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଓଡ଼ିଶାର ଜନସାଧାରଣଙ୍କ ଉନ୍ନତିସାଧନ ପଥରେ ହୀରାକୁଦ ବନ୍ଧ ଯୋଜନା ହେଉଛି ଏକ ଉଲ୍ଲେଖ-ଯୋଗ୍ୟ ପଦକ୍ଷେପ ।

# ସମସ୍ତଙ୍କ ଜାଣିବାପାଇଁ

## ଓଡ଼ିଶାରେ ଶରଣାର୍ଥୀମାନଙ୍କ ଆନ୍ଦୋଳନ

ରାଜ୍ୟ ସରକାରଙ୍କ ସାହାଯ୍ୟ ଓ ପୁନର୍ବାସନ ବିଭାଗ ୨୯-୨-୬୦ ତାରିଖରୁ ପୂର୍ବ-ପାକିସ୍ତାନର ବାସ୍ତୁହରା ବ୍ୟକ୍ତିଙ୍କର କାର୍ଯ୍ୟକଳାପ ଗଭୀର ଉଦ୍‌ବେଗର ସହ ପର୍ଯ୍ୟବେକ୍ଷଣ କରୁଛନ୍ତି। ଏ ରାଜ୍ୟରେ ଥଇଥାନ କରାଯାଇଥିବା ବାସ୍ତୁହରା ବ୍ୟକ୍ତିମାନେ ନିମ୍ନଲିଖିତ ଦାବୀଗୁଡ଼ିକୁ ଭିତ୍ତି କରି ଗୋଟିଏ ଆନ୍ଦୋଳନ ଆରମ୍ଭ କରିଛନ୍ତି:—

୧। ଓଡ଼ିଶାରେ ଥଇଥାନ ବ୍ୟବସ୍ଥା ବିଫଳ ହୋଇଛି।

୨। ଥଇଥାନ ବ୍ୟବସ୍ଥା କାହିଁକି ବିଫଳ ହୋଇଛି, ସେ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ଜଣେ ହାଇକୋର୍ଟ ବିଚାରପତିଙ୍କଦ୍ୱାରା ବିସ୍ତୃତ ବିଭାଗୀୟ ତଦନ୍ତ।

୩। ଯଥାଯଥ ଭାବରେ ଥଇଥାନ ହେବା ପର୍ଯ୍ୟନ୍ତ ନଗଦ ଟଙ୍କା ସାହାଯ୍ୟ ଦେବା ନିମନ୍ତେ ଯେଉଁ ମଞ୍ଜୁରି ରହିଛି, ତାହା ଚାଲୁରହିବା ଉଚିତ।

୪। ଯଥାଯଥ ଥଇଥାନ ନିମନ୍ତେ ଗୋଟିଏ ପରାମର୍ଶ-ଦାତା କମିଟି ଗଠନ କରାଯାଉ।

ଓଡ଼ିଶା ଶରଣାର୍ଥୀ ସଂଘର ସଭାପତି ଓ ସେମାନଙ୍କର ଅନ୍ୟତମ ନେତା ଶ୍ରୀ ଏନ୍. ବି. ନାଥ ୧୯୬୦ ଫେବୃୟାରୀ ତା ୨୯ ରିଖରୁ ଉପର୍ଯ୍ୟୁକ୍ତ ଦାବୀଗୁଡ଼ିକ ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଆରମ୍ଭ କରିଛନ୍ତି। ପୁରୀ ଓ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ବାସ୍ତୁହରା ବ୍ୟକ୍ତିମାନେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିଲେ। ସେମାନେ ଉଚ୍ଚ ସ୍ୱରରେ ସ୍ଲୋଗାନମାନ ଦେଇ ସରକାରୀ ଅଫିସ ଭିତରେ ପ୍ରବେଶ କରିଥିଲେ ଓ ବିଧାନ ସଭା ହତା ଭିତରକୁ ମଧ୍ୟ ବଳପୂର୍ବକ ପଶିବାପାଇଁ ଚେଷ୍ଟା କରିଥିଲେ। ଏହାଦ୍ୱାରା ସରକାରୀ କର୍ମଚାରୀମାନଙ୍କୁ ତାଙ୍କ କର୍ତ୍ତବ୍ୟ ତୁଲାଇବାରେ ସେମାନେ ବାଧା ଦେଇଥିଲେ ଓ ଅନ୍ୟାନ୍ୟ ଉପାୟରେ ଆଇନ-ଭଙ୍ଗ କରିଥିଲେ। ବହୁସ୍ଥଳରେ ବିକ୍ଷୋଭରେ ଯୋଗ ଦେବା ନିମନ୍ତେ ସେମାନେ ବିନା ଟିକଟରେ ରେଳରେ ମଧ୍ୟ ଭ୍ରମଣ କରିଥିଲେ। ଆଇନ ଓ ଶୃଙ୍ଖଳା ରକ୍ଷା କରିବାପାଇଁ ରାଜ୍ୟ ସରକାର ଉଚିତ ବ୍ୟବସ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଫଳତଃ ଏ ପର୍ଯ୍ୟନ୍ତ କଟକ ଜିଲ୍ଲାରେ ୩୭୯ ଜଣ ଓ ପୁରୀ ଜିଲ୍ଲାରେ ପ୍ରାୟ ୧୫୦ ଜଣ ବାସ୍ତୁହରା ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଶ୍ରୀ ନାଥ ତା ୨୯-୨-୬୦ ରିଖରୁ ଅନଶନ ଆରମ୍ଭ କରିବା ପରେ ତା ୫-୩-୬୦ ରିଖରେ ପୁନର୍ବାସନ ବିଭାଗର ଡିରେକ୍ଟର ଏବଂ କଟକ ଜିଲ୍ଲା ମାଜିଷ୍ଟ୍ରେଟ୍ ଉଭୟେ ତାଙ୍କୁ ଅନଶନ ଭଙ୍ଗ କରିବାପାଇଁ ଓ ଧର୍ମଘଟ ପ୍ରତ୍ୟାହାର କରିନେବା ପାଇଁ ପ୍ରବର୍ତ୍ତାଇଥିଲେ। କିନ୍ତୁ ସେ ତାହା କରିବାକୁ ସମ୍ମତ ହେଲେ-ନାହିଁ। ପରିଶେଷରେ ଦେଖାଗଲା ଯେ ଶରଣାର୍ଥୀ ସଂଘର ସେକ୍ରେଟେରୀ ଶ୍ରୀ ଡି. ପି. ଗାଙ୍ଗୁଲି ଗିରଫ ହୋଇ ସାରିବା ପରେ ଶ୍ରୀ ନାଥ ବାସ୍ତୁହରା ଲୋକ-ମାନଙ୍କୁ ବେଆଇନ ଆନ୍ଦୋଳନ ପାଇଁ ଉତ୍ତେଜିତ କରାଉଛନ୍ତି। ତେଣୁ ତାଙ୍କୁ ଗିରଫ କରାଗଲା।

ସରକାର ଏହା ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ଏହି ରାଜ୍ୟରେ ଥଇଥାନ କରାଯାଇଥିବା ବ୍ୟକ୍ତିମାନଙ୍କ ପ୍ରତି ସରକାରଙ୍କ ପୂର୍ଣ୍ଣ ସହାନୁଭୂତି ରହିଛି ଓ

ସେମାନଙ୍କ ଅଭାବ ଅସୁବିଧାଗୁଡ଼ିକର ପ୍ରତିକାର କରିବା ଦିଗରେ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରିବାକୁ ସରକାର ସମ୍ମତ ଅଛନ୍ତି । କିନ୍ତୁ ସେମାନେ କୌଣସି ବେଆଇନ କାର୍ଯ୍ୟକଳାପର ଆଶ୍ରୟ ନେଲେ ସରକାର ତାହା ବରଦାସ୍ତ କରିବେ ନାହିଁ । ସରକାରଙ୍କ ପକ୍ଷରୁ ବାସଚ୍ୟୁତ ବ୍ୟକ୍ତିମାନଙ୍କର ସବୁ ବେଆଇନ କାର୍ଯ୍ୟ-କଳାପର ଉଚିତ ବ୍ୟବସ୍ଥା କରାଯିବ ।

ଜନସାଧାରଣଙ୍କ ଗୋଚରାର୍ଥେ ସରକାର ଏହା ମଧ୍ୟ ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ଏହି ରାଜ୍ୟର ବିଭିନ୍ନ କଲୋନୀଗୁଡ଼ିକରେ ବାସ କରୁଥିବା ବାସଚ୍ୟୁତ ବ୍ୟକ୍ତିମାନଙ୍କୁ ଭାରତ ସରକାରଙ୍କଦ୍ୱାରା ଥରକୁ ଥର ମଞ୍ଜୁର ହୋଇଥିବା ଥଇଥାନ ସମ୍ପର୍କୀୟ ସବୁ ସୁବିଧା ଦିଆଯାଇଛି । ଭାରତ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ସେହି ବାସଚ୍ୟୁତ ବ୍ୟକ୍ତିମାନେ ଥଇଥାନ ସମ୍ପର୍କୀୟ ସୁବିଧା ପାଇସାରିଛନ୍ତି ଓ ଏ ରାଜ୍ୟରେ ଗତ ୭ ବର୍ଷ ହେଲା, ରହିଛନ୍ତି ସେମାନଙ୍କୁ ଆଉ ଅଧିକ ସୁବିଧା ଦିଆଯିବ ନାହିଁ ଓ ସେମାନେ ଓଡ଼ିଶାର ନାଗରିକରୂପେ ପରିଗଣିତ ହେବେ ।

ଏହି ସିଦ୍ଧାନ୍ତ ଅନୁସାରେ ରାଜ୍ୟର ଅଧିକାଂଶ ବାସଚ୍ୟୁତ ବ୍ୟକ୍ତି ବିଭିନ୍ନ ପୁନର୍ବାସନ ପରିକଳ୍ପନା ଅନୁଯାୟୀ ସେହି ସବୁ ସୁବିଧା ପାଇବା କଥା ତାହା ପାଇ ସାରିଥିବାରୁ ଆଉ ଅଧିକ ସାହାଯ୍ୟ ପାଇବାକୁ ହକଦାର ନୁହନ୍ତି । କିନ୍ତୁ ଏହା ସତ୍ତ୍ୱେ ରାଜ୍ୟ ସରକାର ଭାରତ ସରକାରଙ୍କୁ ଏ ସମ୍ପର୍କରେ ଆବେଦନ କରିଛନ୍ତି ଓ ପ୍ରକୃତ ଦୁର୍ଦ୍ଦଶାମୂଳକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କିଛି ଅଧିକା ସାହାଯ୍ୟ ମଞ୍ଜୁର କରିଛନ୍ତି । ଭାରତ ସରକାରଙ୍କ ନିଦେଶମତେ ରାଜ୍ୟ ସରକାର ସାହାଯ୍ୟ ଓ ପୁନର୍ବାସନ ବିଭାଗ ଉଠାଇ ଦେବାପାଇଁ ସ୍ଥିର କରିଛନ୍ତି । କିନ୍ତୁ ଏ ସମ୍ପର୍କୀୟ ଅବଶିଷ୍ଟ ସମସ୍ୟାଗୁଡ଼ିକୁ ସରକାରଙ୍କ ସାଧାରଣ ବିଭାଗମାନଙ୍କୁ ହସ୍ତାନ୍ତର କରିବାପାଇଁ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା କରାଯାଇଛି । ବାସଚ୍ୟୁତ ବ୍ୟକ୍ତି-ମାନଙ୍କୁ ଠିକ୍ ଭାବରେ ଥଇଥାନ କରିବାପାଇଁ ଯେଉଁ ପ୍ରକାର ଉପାୟ ଅଛି, ସରକାର ସେ ସମସ୍ତ ଉପାୟ ଅବଲମ୍ବନ କରିଛନ୍ତି । ଅନ୍ୟପକ୍ଷରେ ସରକାର ଦୁଃଖର ସହିତ ଲକ୍ଷ୍ୟ କରିଛନ୍ତି ଯେ ବାସଚ୍ୟୁତ ବ୍ୟକ୍ତିମାନେ ନିଜକୁ ଥଇଥାନ କରାଇବା ମନୋଭାବ ଗ୍ରହଣ କରିନାହାନ୍ତି । କାରଣ କଲୋନୀଗୁଡ଼ିକରେ ସେମାନଙ୍କୁ ଥଇଥାନ କରାଯିବା ପରେ ସେମାନେ ନଗଦ ଟଙ୍କା ସାହାଯ୍ୟ ପାଉଥିଲାବେଳେ ଓ ଅନ୍ୟାନ୍ୟ କୌଣସି କାର୍ଯ୍ୟ ନ ଥିଲାବେଳେ ମଧ୍ୟ କୌଣସି ଗଠନମୂଳକ କାର୍ଯ୍ୟ ହାତକୁ ନେଇ ନାହାନ୍ତି । ଉଭୟ ରାଜ୍ୟ ସରକାର ଓ ଭାରତ ସରକାର ବାସଚ୍ୟୁତ ବ୍ୟକ୍ତିମାନେ କୌଣସି କାର୍ଯ୍ୟ ନ କରୁଥିବା ବେଳେ ସେମାନଙ୍କର ଭରଣପୋଷଣ ପାଇଁ ସାହାଯ୍ୟ ମଞ୍ଜୁର କରିବା ସପକ୍ଷରେ ଆଦୌ ନାହାନ୍ତି । କାରଣ ଏହା ନୀତି-ଗର୍ହିତ ଓ ବିନା କାର୍ଯ୍ୟରେ କୌଣସି ବ୍ୟକ୍ତିକୁ ସାହାଯ୍ୟ ଦିଆଯାଇ ନ ପାରେ । ତେଣୁ ରାଜ୍ୟ ସରକାରଙ୍କର ହୃଦ୍‌ବୋଧ ହୋଇଛି ଯେ ନିଜକୁ ଶରଣାର୍ଥୀମାନଙ୍କର ନେତା ବୋଲାଉଥିବା ବ୍ୟକ୍ତିମାନେ ଯେଉଁ ଆନ୍ଦୋଳନ ସୃଷ୍ଟି କରିଛନ୍ତି, ତାହା ପୁରାପୁରି ଅନ୍ୟାୟ ଏବଂ ଦାବୀଗୁଡ଼ିକ ମଧ୍ୟ ଅଯୌକ୍ତିକ ।

---

## କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଟିକସ-ଧାର୍ଯ୍ୟ ସମ୍ପର୍କୀୟ ସୁବିଧା

ଓଡ଼ିଶାର କମର୍ସିଆଲ ଟାକ୍‌ସ କମିଶନର ଜଣାଇଛନ୍ତି :—

ଓଡ଼ିଶାର ବିକ୍ରି ଟିକସ ଆଇନ ମଧ୍ୟରେ ପଡ଼ୁଥିବା ସମସ୍ତ ବ୍ୟବସାୟୀଙ୍କ କାରବାର ପାଇଁ ପ୍ରତି

୬ ମାସକୁ ଥରେ ଲେଖାଏ ଦାଖଲ କରାଯାଉଥିବା ବିକ୍ରିକର-ବିବରଣୀକୁ ଭିତ୍ତି କରି ଅଦ୍ୟାବଧି ଟିକସ ନିରୂପଣ କରାଯାଉଥିଲା । କିନ୍ତୁ ଏହା ଫଳରେ, ବିଶେଷ କରି ଛୋଟ ଛୋଟ ବ୍ୟବସାୟୀଙ୍କୁ କେତେକ ଅସୁବିଧାରେ ପଡ଼ିବାକୁ ହେଲା । କାରଣ ପ୍ରତି ତ୍ରୈମାସିକ ବିବରଣୀ ଉପରେ ଟିକସ ନିରୂପଣ କରା-ଗଲାବେଳେ ସେମାନଙ୍କୁ ସେମାନଙ୍କର ଟିକସ ଦେବା ସମ୍ପର୍କୀୟ ପରାମର୍ଶଦାତା ଓ ହିସାବ ବହିସହ ଆସେସିଂ ଅଫିସରଙ୍କ ଅଫିସକୁ ଆସିବାକୁ ପଡ଼ିଲା । ଏହିସବୁ ଅସୁବିଧା ଦୂର କରିବା ଉଦ୍ଦେଶ୍ୟରେ ଓଡ଼ିଶା ବିକ୍ରି ଟିକସ ଆଇନର ସୁ. ଏସ୍. ୧୨ରେ ବାର୍ଷିକ ଟିକସ ନିର୍ଦ୍ଧାରଣର ବ୍ୟବସ୍ଥା କରାଯାଇଛି । ସେହି ଅନୁଯାୟୀ ୧୧ ନମ୍ବର ଧାରାରେ ବାର୍ଷିକ ବିବରଣୀ ଦାଖଲ କରିବାପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ୧୧ ଧାରାର ଉପଧାରା (୧) ଅନୁଯାୟୀ ପ୍ରକାଶିତ ଅର୍ଥ ବିଭାଗର ନଂ ଗ୍ରି· ଟି· ଏ. ୨୯୨/୫୯-୨୩୮୪/ ଏଫ୍, ୧୯୬୦ ଜାନୁଆରି ୨୮ ତାରିଖର ବିଜ୍ଞପ୍ତି ଅନୁସାରେ ପ୍ରତ୍ୟେକ ରେଜେଷ୍ଟ୍ରିଭୁକ୍ତ ବ୍ୟବସାୟୀ, ଯାହାଙ୍କର ବର୍ଷକୁ ମୋଟ ବିକ୍ରି ଟ ୨୫,୦୦୦ରୁ ଅଧିକ ନୁହେଁ ଓ ଯାହାଙ୍କୁ ଓଡ଼ିଶା ବିକ୍ରି ଟିକସ ନିୟମାବଳୀର ରୁ/ଆର ୯୦—ଏ ସହ ନିଜର ଟିକସକୁ ସମ୍ପୃକ୍ତ କରିବାପାଇଁ ଅନୁମତି ଦିଆଯାଇ ନାହିଁ, ତାଙ୍କୁ ବାର୍ଷିକ ବିବରଣୀ ସହ ସଂପୃକ୍ତ ବର୍ଷ ଶେଷ ହେବାର ୧ ମାସ ମଧ୍ୟରେ ନିର୍ଦ୍ଧାରିତ ଫାରମରେ ଗୋଟିଏ ବାର୍ଷିକ ବିବରଣୀ ଦାଖଲ କରିବାକୁ ହେବ । ସେହିପରି ଚଳିତ ଆର୍ଥିକ ବର୍ଷରେ; ଅର୍ଥାତ୍ ୧୯୫୯-୬୦ ମସିହାରେ ସେହି ସମସ୍ତ ବ୍ୟବସାୟୀଙ୍କର ମୋଟାମୋଟି ବିକ୍ରି ଟ ୨୫,୦୦୦ରୁ ଅଧିକ ହୋଇ ନାହିଁ ଓ ସେହିମାନଙ୍କୁ ରୁ/ଆର ୯୦—ଏ ସହିତ ନିଜ ନିଜର ଟିକସ ସଂପୃକ୍ତ କରାଇବାକୁ ଅନୁମତି ଦିଆଯାଇ ନାହିଁ, ସେମାନଙ୍କୁ ୧୯୫୯-୬୦ ମସିହା ପାଇଁ ମାର୍ଚ୍ଚ ୩୧ ତାରିଖଠାରୁ ମାସକ ମଧ୍ୟରେ ଅର୍ଥାତ୍ ୧୯୬୦ ଏପ୍ରିଲ ଶେଷ ସୁଦ୍ଧା ବାର୍ଷିକ ବିବରଣୀ ଦାଖଲ କରିବାକୁ ହେବ । ୧୯୪୭ ମସିହାର 'ଓଡ଼ିଶା ବିକ୍ରି ଟିକସ ଆଇନ' ଅନୁସାରେ ସମସ୍ତ ବ୍ୟବସାୟୀଙ୍କୁ ସେହି ତ୍ରୈମାସିକ ବିବରଣୀ ଦାଖଲ କରିବାକୁ ପଡ଼ୁଥାଏ, ତାହାଛଡ଼ା ଗୋଟିଏ ବାର୍ଷିକ ବିବରଣୀ ମଧ୍ୟ ଦାଖଲ କରିବାକୁ ପଡ଼ୁଛି । ପୂର୍ବପରି ତ୍ରୈମାସିକ ବିବରଣୀ ଅନୁଯାୟୀ ନିର୍ଦ୍ଧାରିତ ଟିକସ ଦିଆଯାଉଛି ବୋଲି ଦର୍ଶାଯାଇ ଏହି ବ୍ୟବସାୟୀମାନଙ୍କୁ ସେମାନଙ୍କର ତ୍ରୈମାସିକ ବିବରଣୀ ସହ ଟ୍ରେଜେରି ଚାଲାନ ଏକାଠି ଦେବାକୁ ପଡ଼େ । ତେଣୁ ନିର୍ଦ୍ଧାରିତ ତ୍ରୈମାସିକ ଟିକସ ଦିଆଯାଇଛି ବୋଲି ତ୍ରୈମାସିକ ବିବରଣୀ ସହ ଟ୍ରେଜେରି ଚାଲାନ ପଠାଯାଉଥିବାରୁ ବାର୍ଷିକ ବିବରଣୀରେ କୌଣସି ଟ୍ରେଜେରି ଚାଲାନ ପଠାଯିବା ଦରକାର ନାହିଁ । ନିର୍ଦ୍ଧାରିତ ଫାରମରେ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରାଯାଇଥିବା ବାର୍ଷିକ ଓ ତ୍ରୈମାସିକ ବିବରଣୀକୁ ଭିତ୍ତି କରି ଏହି ବ୍ୟବସାୟୀମାନଙ୍କ କାରବାର ଅନୁଯାୟୀ କେତେ ଟିକସ ଧାର୍ଯ୍ୟ ହେବ, ତାହା ବର୍ଷକୁ ଥରେ ଲେଖାଏଁ ସ୍ଥିର କରାଯିବ ଓ କେବଳ ଗୋଟିଏ ଟିକସ ନିର୍ଦ୍ଧାରଣ ଆଦେଶ ରହିବ । କିନ୍ତୁ ଯେଉଁସବୁ କ୍ଷେତ୍ରରେ ବ୍ୟବସାୟୀମାନେ ଯଥାଯଥଭାବେ ତ୍ରୈମାସିକ ଓ ବାର୍ଷିକ ବିବରଣୀ (ନିର୍ଦ୍ଦିଷ୍ଟ ତାରିଖରୁ ଗୋଟିଏ ମାସ ମଧ୍ୟରେ ବାର୍ଷିକ ବିବରଣୀ ଦେବାର କଥା ) ଦେଇ ନ ପାରିବେ, ସେମାନଙ୍କ ଉପରେ ୨୮-ଏ ନିୟମର ବ୍ୟବସ୍ଥାନୁଯାୟୀ ବର୍ଷର ଯେକୌଣସି ଅଂଶ ବା ଅଂଶ ସମୂହ ପାଇଁ ଟିକସ ଧାର୍ଯ୍ୟ କରାଯିବ । କମିଶନର ମଧ୍ୟ ନିଜେ ଲିପିବଦ୍ଧ କରି ରଖିଥିବା ଯଥେଷ୍ଟ କାରଣ ଦୃଷ୍ଟିରୁ ବାର୍ଷିକ ଟିକସ ନିର୍ଦ୍ଧାରଣଯୋଗ୍ୟ ଜଣେ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ଉପରେ ବର୍ଷର କୌଣସି

( ୪୩ ପୃଷ୍ଠା ଦେଖନ୍ତୁ )

# ଆମ ରାଜ୍ୟ

## ସରକାରୀ ହିନ୍ଦୀ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁସନ୍, କଟକ

ରାଜ୍ୟର ହାଇସ୍କୁଲମାନଙ୍କରେ ହିନ୍ଦୀ ଶିକ୍ଷାର ପ୍ରସାର ନିମନ୍ତେ ୧୯୫୭ ଡିସେମ୍ବର ମାସ ପହିଲାଠାରୁ ଓଡ଼ିଶା ସରକାରଙ୍କ ତରଫରୁ କଟକରେ ଗୋଟିଏ ହିନ୍ଦୀ ପ୍ରଶିକ୍ଷଣ ଅନୁଷ୍ଠାନ ଖୋଲାଯାଇଛି । ଉକ୍ତ ଅନୁଷ୍ଠାନ ଆରମ୍ଭ ହେବାଦିନୁଁ ଏଥିରେ ଜଣେ ଅଧ୍ୟକ୍ଷ, ଜଣେ ଅଧ୍ୟାପକ, ଜଣେ କ୍ଲର୍କ ଏବଂ ଆଉ ଜଣେ ପିଅନ କାର୍ଯ୍ୟ କରି ଆସୁଛନ୍ତି । ଏହି ଅନୁଷ୍ଠାନଟି ବର୍ତ୍ତମାନ ଉତ୍କଳ ପ୍ରାନ୍ତୀୟ ରାଷ୍ଟ୍ରଭାଷା ପ୍ରଚାର ସଭାର ପରିସର ମଧ୍ୟରେ ଅବସ୍ଥିତ ।

### ଉଦ୍ଦେଶ୍ୟ

ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ରାଜ୍ୟର ହାଇସ୍କୁଲମାନଙ୍କୁ ନିପୁଣ ପ୍ରଶିକ୍ଷିତ ବା ଟ୍ରେଣ୍ଡ ହିନ୍ଦୀ ଶିକ୍ଷକ ଯୋଗାଇବା ଏବଂ ଏହିପରି ଶିକ୍ଷକ ଯୋଗାଇ ଉକ୍ତ ସ୍କୁଲମାନଙ୍କର ଉଚ୍ଚ ଶ୍ରେଣୀଗୁଡ଼ିକରେ ଅର୍ଥାତ୍ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉପଯୁକ୍ତ ହିନ୍ଦୀ ଶିକ୍ଷା ଦେବାରେ ସାହାଯ୍ୟ କରିବା ।

### ପ୍ରବେଶ ଯୋଗ୍ୟତା

କୌଣସି ସ୍ୱୀକୃତ ମେଟ୍ରିକ୍ ଅଥବା ସାହିତ୍ୟାଚାର୍ଯ୍ୟ ପାସ୍ କରିଥିବା ବ୍ୟକ୍ତି ଏହି ଅନୁଷ୍ଠାନର ନିର୍ବାଚନ-ପରୀକ୍ଷାରେ ସମୁଚିତ ବିବେଚିତ ହେଲେ ଛାତ୍ରରୂପେ ଗ୍ରହଣ କରାଯାଆନ୍ତି ।

### ସିଟ୍ ବା ସ୍ଥାନ ସଂଖ୍ୟା

ଏହି ଅନୁଷ୍ଠାନରେ ଏପରି ଛାତ୍ର ଛାତ୍ରୀମାନଙ୍କୁ ଗ୍ରହଣ କରିବା ସକାଶେ ପ୍ରତିବର୍ଷ ୫୦ ଟି ସ୍ଥାନ ରହିଥାଏ । ତନ୍ମଧ୍ୟରୁ ୧୦ଟି ସ୍ଥାନ ଛାତ୍ରୀମାନଙ୍କପାଇଁ ସୁରକ୍ଷିତ ରହିଥାଏ । ଛାତ୍ରୀମାନଙ୍କ ସଂଖ୍ୟା ଅଭାବରେ ଉକ୍ତ ସ୍ଥାନ ଛାତ୍ରଦ୍ୱାରା ପୂରଣ କରାଯାଏ ।

### ଛାତ୍ରବୃତ୍ତି

ନିର୍ବାଚିତ ଛାତ୍ରମାନଙ୍କ ସକାଶେ ପ୍ରତିମାସରେ ୪୦ ଟଙ୍କା କରି ଛାତ୍ରବୃତ୍ତି ଦିଆଯାଏ । ଏହି ବୃତ୍ତି ଛାତ୍ରାବାସରେ ରହିବା ଛାତ୍ରମାନଙ୍କୁହିଁ ଦିଆଯାଇଥାଏ ।

ଛାତ୍ରାବାସରେ ରହିବା ସକାଶେ କୌଣସି ଖର୍ଚ୍ଚ ଦେବାକୁ ପଡ଼େ ନାହିଁ । କିନ୍ତୁ ଛାତ୍ରାବାସର ନିୟମମାନ ମାନି ଚଳିବାକୁ ହୁଏ ।

### ପାଠ୍ୟକ୍ରମ

ଏହି ଅନୁଷ୍ଠାନରେ କେବଳ ହିନ୍ଦୀ ମାଧ୍ୟମରେ ଗୋଟିଏ ଉଚ୍ଚ ଧରଣର ପାଠ୍ୟକ୍ରମ ପଢ଼ାଯାଇଥାଏ । ଏହି ପାଠ୍ୟକ୍ରମରେ ପ୍ରାଚୀନ ଓ ଅର୍ବାଚୀନ ହିନ୍ଦୀ ପଦ୍ୟ, ସାହିତ୍ୟ, ଗଦ୍ୟ ସାହିତ୍ୟ ( ପ୍ରବନ୍ଧ, ଉପନ୍ୟାସ, ନାଟକ, କାହାଣୀ ଏବଂ ଏକାଙ୍କିକା ସମାଲୋଚନା ଇତ୍ୟାଦି ), ବ୍ୟାକରଣ, ନିବନ୍ଧ ଲିଖନ, ଅନୁବାଦ ଓ ପୁନରନୁବାଦ, ଶିକ୍ଷା ମନୋବିଜ୍ଞାନ ଓ ଶିକ୍ଷଣ-ପଦ୍ଧତିମାନ ଶିକ୍ଷା ଦିଆଯାଏ । ଏହାଛଡ଼ା ଛାତ୍ରମାନେ ଅନ୍ତତଃ ୧୫ଟି ଅଭ୍ୟାସ ପାଠ ଦେବାକୁ ହାଇସ୍କୁଲକୁ ଯାଇ ଅଭ୍ୟାସ କରିବାର ସୁଯୋଗ ପାଇଥାଆନ୍ତି ।

## ପାଠ୍ୟକାଳ

ପାଠ୍ୟକ୍ରମର ପଠନ କାର୍ଯ୍ୟ ଦଶ ମାସ ଭିତରେ ଶେଷ ହୁଏ । ଅନ୍ୟ ସ୍କୁଲ୍ କଲେଜମାନଙ୍କ ପରି ଏହା ଜୁଲାଇ ମାସରୁ ଆରମ୍ଭ ହୋଇ ଏପ୍ରିଲ୍ ମାସରେ ଶେଷ ହୁଏ ।

## ଛାତ୍ରଙ୍କ ସକାଶେ ସୁବିଧା

ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଛାତ୍ରଛାତ୍ରୀମାନଙ୍କୁ ସରକାର ତତ୍କ୍ଷଣାତ୍ କାର୍ଯ୍ୟରେ ନିଯୁକ୍ତ କରିଥାଆନ୍ତି । ଟ୍ରେନିଂ ନେଇଥିବା ଅନ୍ୟ ଛାତ୍ରମାନଙ୍କୁ ମଧ୍ୟ ହାଇସ୍କୁଲମାନଙ୍କରେ କାର୍ଯ୍ୟ ଯୋଗାଇ ଦିଆଯାଏ । ଏହିପରି ନିଯୁକ୍ତି ପାଉଥିବା ଶିକ୍ଷକମାନେ ୭୦ ଠାରୁ ୧୪୦ ବେତନ ହାରରେ ନିଯୁକ୍ତ ହୋଇଥାଆନ୍ତି । ବେତନ ସହିତ ଏମାନେ ୨୫ ଟଙ୍କା ମହଙ୍ଗା ଭତ୍ତା ଓ ଅତିରିକ୍ତ ଭତ୍ତା ୩ ଟଙ୍କା ପାଇଥାଆନ୍ତି ।

୧୯୫୭ ମସିହାଠାରୁ ବର୍ତ୍ତମାନ ସୁଦ୍ଧା ଏହି ଅନୁଷ୍ଠାନରେ ଯେଉଁ ଛାତ୍ରମାନେ ଯୋଗ ଦେଇଅଛନ୍ତି, ସେମାନଙ୍କର ସଂଖ୍ୟା, ଉତ୍ତୀର୍ଣ୍ଣ ସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲ :—

ବର୍ତ୍ତମାନ ସୁଦ୍ଧା ସରକାରଙ୍କ ଦ୍ୱାରା ଉକ୍ତ ଟ୍ରେନିଂ ନେଇଥିବା ଛାତ୍ରମାନେ ବିଭିନ୍ନ ହାଇସ୍କୁଲରେ ହିନ୍ଦୀ ଶିକ୍ଷକରୂପେ ନିଯୁକ୍ତ ହୋଇ ସାରିଛନ୍ତି । ସରକାରଙ୍କ ଦ୍ୱାରା ପ୍ରତିବର୍ଷ ୫୦ ଜଣ ହିନ୍ଦୀ ଶିକ୍ଷକଙ୍କ ସ୍ଥାନ ଶୂନ୍ୟ ରଖାଯାଉଥିବାରୁ ଉକ୍ତ ଟ୍ରେନିଂ ନେବା ଛାତ୍ରମାନଙ୍କର ନିଯୁକ୍ତିରେ କୌଣସି ଅସୁବିଧା ହେଉ ନାହିଁ । ଏଣୁ ଆରମ୍ଭରୁ ଏ ପର୍ଯ୍ୟନ୍ତ ଉତ୍ତରୋତ୍ତର ଛାତ୍ର ସଂଖ୍ୟାରେ ବୃଦ୍ଧି ଦେଖାଯାଉଛି ଏବଂ ଆଗାମୀ ବର୍ଷ ଛାତ୍ରସଂଖ୍ୟା ପରିବୃଦ୍ଧିର ଯଥେଷ୍ଟ ଆଶା କରାଯାଉଛି ।

## ନିର୍ମାଣପଥେ ଚିପିଲିମାର ପାୱାର ହାଉସ

ହୀରାକୁଦ ପ୍ରଧାନ ବନ୍ଧ ନିକଟରେ ଦୁଇ ଇଉନିଟ୍ ବିଶିଷ୍ଟ ଯେଉଁ ପାୱାର ହାଉସ୍‌ଟି ରହିଛି, ସେଥିରୁ ୧,୨୩,୦୦୦ କିଲୋୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯାଉଛି । ପରେ ଆଉ ତିନୋଟି ଇଉନିଟ୍ ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି ।

ପ୍ରଧାନ ବନ୍ଧ ପାୱାର ହାଉସ୍‌ରେ ବିଦ୍ୟୁତ୍ ଉତ୍ପାଦନ ପରେ ଯେଉଁ ପାଣି ଛାଡ଼ି ଦିଆଯିବ, ତଦ୍ୱାରା ଆଉ ୧୭ ମାଇଲ ତଳକୁ ଚିପିଲିମାଠାରେ ଦ୍ୱିତୀୟ ପାୱାର ହାଉସ୍‌ଟି ଗଢ଼ି ଉଠିବ । ହୀରାକୁଦଠାରୁ ଚିପିଲିମା ମଧ୍ୟରେ ନଦୀରେ ୮୦ ଫୁଟ୍‌ର ଗୋଟିଏ ପ୍ରାକୃତିକ ପ୍ରପାତ ରହିଛି ଏବଂ ଅଧିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ଏହାର ଉପଯୋଗ କରାଯାଉଛି ।

ହୀରାକୁଦ ବନ୍ଧ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର ଏକ ଅଙ୍ଗରୂପେ ଦ୍ୱିତୀୟ ପାୱାର ହାଉସ୍ ପରିକଳ୍ପନା ଅନୁଯାୟୀ ଏକ ନମ୍ବର ପାୱାର ହାଉସ୍‌ଠାରୁ ଚିପିଲିମାର ନିମ୍ନବର୍ତ୍ତୀ ପାୱାର ହାଉସ୍‌କୁ ଜଳବହନ କରିନେବା ପାଇଁ ପାୱାର ଚ୍ୟାନେଲ୍ ନିର୍ମାଣ କରାଯିବ ଏବଂ ଦ୍ୱିତୀୟ ପାୱାର ହାଉସ୍‌ରେ ପ୍ରତ୍ୟେକ ୨୪,୦୦୦ କିଲୋୱାଟ୍ ଶକ୍ତିସମ୍ପନ୍ନ ତିନୋଟି ଇଉନିଟ୍ ସ୍ଥାପନ କରାଯିବ । ଏଇ ପରିକଳ୍ପନାରେ ୧୪ କୋଟି ୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି । ଚ୍ୟାନେଲ୍ ନିର୍ମିତ ହୋଇ ସାରିଲାଣି । ପାୱାର ହାଉସ୍ ନିର୍ମାଣ କାମ ଆରମ୍ଭ ହୋଇଗଲାଣି । ଆସନ୍ତା ୧୯୬୧ ମସିହା ସୁଦ୍ଧା ଏଇ ପରିକଳ୍ପନା ଶେଷ ହେବ ବୋଲି ସ୍ଥିର ହୋଇଛି ।

ଏହି ୭୨,୦୦୦ କିଲୋୱାଟ୍ ଅତିରିକ୍ତ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବା ଫଳରେ ହୀରାକୁଦ ଯୋଜନାରୁ ହୋଇଥିବା ବିଦ୍ୟୁତ୍ ଉତ୍ପାଦନ ବଢ଼ି ୧,୯୫,୦୦୦ କିଲୋୱାଟ୍ ହେବ ।

## ହୀରାକୁଦ ଯୋଗୁଁ କୃଷି ପ୍ରଣାଳୀର ପରିବର୍ତ୍ତନ

ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ହେଉଛି ୬୬ ଲକ୍ଷ ଏକର ଫୁଟ୍ । ୫୫୨ ମାଇଲ ଦୀର୍ଘ ସମ୍ବଲପୁର କେନାଲ ଓ ଏହାର ଶାଖାଗୁଡ଼ିକ ଏହି ଜଳଭଣ୍ଡାରରୁ ଜଳ ନେଇ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାର ୩ ଲକ୍ଷ ୮୦ ହଜାର ଏକର ଜମିରେ ଜଳସେଚନ କରିବ ବୋଲି ଆଶା କରାଯାଏ ।

୧୯୬୦ ମସିହା ଫେବୃଆରୀ ମାସର ସମୀକ୍ଷା ଅନୁସାରେ ଜଣାଯାଇଛି ଯେ ହୀରାକୁଦ ଯୋଜନା ଯୋଗୁଁ ଯେଉଁ ଜମି ଜଳସେଚନର ସୁବିଧା ପାଇବ, ତାହାର ଆୟତନ ହେଉଛି ୩ ଲକ୍ଷ ୪୦ ହଜାର ଏକର ।

୧୯୫୭-୫୮ ଏବଂ ୧୯୫୮-୫୯ ମସିହା ସମୀକ୍ଷା ଅନୁଯାୟୀ ଏହି ଜମିର ଆୟତନ ଯଥାକ୍ରମେ ୨ ଲକ୍ଷ ୪୨ ହଜାର ଏକର ଏବଂ ୩ ଲକ୍ଷ ୨୭ ହଜାର ଏକର ବୋଲି ଆକଳନ କରାଯାଇଥିଲା । ତେଣୁ ଏ ବର୍ଷର ଆକଳନ ଅନୁସାରେ ଅଧିକ ଜମି ଜଳସେଚନର ସୁବିଧା ପାଇବ ବୋଲି ଜଣାଯାଇଛି । ଏହି ଜିନିଷରୁ ସୂଚନା ମିଳୁଛି ଯେ ଉକ୍ତ ଅଞ୍ଚଳର କୃଷି ପଦ୍ଧତିରେ କେତେକ ମୌଳିକ ପରିବର୍ତ୍ତନ କରାଯାଇ ସାରିଲାଣି । ବଂଶ-ପରମ୍ପରାକ୍ରମେ ଓଡ଼ିଆ କୃଷୀ ଏ ଅଞ୍ଚଳରେ ପ୍ରଧାନତଃ ଧାନ ଫସଲ କରୁଥିଲା । ଆଜି କାଲି ଅବସ୍ଥା ବଦଳି ଯାଇଛି । ବର୍ତ୍ତମାନ, ଏପରିକି ଶୁଷ୍କ ଶୀତଦିନରେ ମୁଦ୍ଧା ଜଳସେଚନ ପାଇଁ ପାଣି ମିଳୁଥିବାରୁ କୃଷୀମାନେ ବିଭିନ୍ନ ପ୍ରକାର ଫସଲ ଅମଳ କରୁଛନ୍ତି ।

କେତେକ କୃଷୀ ଦୋହରି ବା ମିଶ୍ରିତ କୃଷି ପ୍ରଣାଳୀ ଅନୁସରଣ କରୁଛନ୍ତି । ସେମାନେ ଗୋଟିଏ ଜମିରେ ଗହମ ଓ ବୁଟ ଏକତ୍ର ଲଗାଉଛନ୍ତି କିମ୍ବା ଧାନ ଅମଳ କରିବା ପରେ ଅନ୍ୟ ଏକ ଖାଦ୍ୟଶସ୍ୟ ଜାତୀୟ ଶସ୍ୟ ଲଗାଉଛନ୍ତି । ଅନ୍ୟମାନେ ବହୁଳ ଧାନକୃଷି ପ୍ରଣାଳୀ ଅନୁସରଣ କରି ଧାନ ଅମଳ କରୁଛନ୍ତି ।

### ଏକା ଜମିରେ ଦୁଇଥର ଧାନ

ବର୍ଷାଦିନଆ ଫସଲ-ଋତୁରେ ବର୍ଷାଋତୁ ପୂର୍ବରୁ ବୁଣା ହୋଇ ନଭେମ୍ବରରେ ଅମଳ ହୋଇଥିବା ଧାନକୃଷିରେ ସାଧାରଣତଃ ବହୁଳ କୃଷି ପ୍ରଣାଳୀ ଅନୁସରଣ କରାଯାଉଛି । କାରଣ ଏ କୃଷିରେ ଜାପାନୀ କୃଷି ପଦ୍ଧତି ଓ ଅନ୍ୟାନ୍ୟ ଉନ୍ନତ ପ୍ରଣାଳୀ ଅନୁସରଣ କରାଯାଉଛି । ଅବଶ୍ୟ ଜାପାନୀ ପ୍ରଣାଳୀ ଯେଉଁ ଜମିରେ ଅନୁସରଣ କରାଯାଉଛି, ତାହାର ଆୟତନ ସୀମାବଦ୍ଧ ।

ରବିଫସଲ ଋତୁରେ ଯେଉଁ ଜମିରେ ଦ୍ୱିତୀୟ ଫସଲ ଅମଳ ହୋଇପାରେ, ସେ ସବୁ ଜମିରେ ଗହମ, ବୁଟ, ଚିନାବାଦାମ, ଡାଲି ଜାତୀୟ ଶସ୍ୟ, ଆଳୁ ଓ ଶାକସବଜୀ ଉତ୍ପନ୍ନ କରାଯାଉଛି । ଯଦି କେନାଲମାନଙ୍କରୁ ପ୍ରଚୁର ଜଳ ମିଳେ, ତେବେ କୃଷୀମାନେ ରବିଶସ୍ୟ ଆକାରରେ ପୁଣି ଥରେ ଶୀଘ୍ର ପାଚିବା ଭଳି ଏକପ୍ରକାର ଧାନ ବୁଣୁଛନ୍ତି । ବର୍ଷକ ଭିତରେ ଏକାଜମିରୁ ଯେ ଦୁଇଥର ଧାନ ଫସଲ ଅମଳ ହୋଇପାରେ, ଏହା ଏ ଅଞ୍ଚଳରେ ସମ୍ପୂର୍ଣ୍ଣ ଅଜଣା ଥିଲା ।

### ଜଳସେଚନର କାହାଣୀ

ପ୍ରାୟ ତିନିବର୍ଷ ପୂର୍ବେ ହୀରାକୁଦ ଜଳଭଣ୍ଡାରରେ ସଂରକ୍ଷିତ ଜଳ ସମ୍ବଲପୁର ଜିଲ୍ଲାରେ ବିଭିନ୍ନ କେନାଲ, ନାଳ ଓ ଉପନାଳ ମଧ୍ୟରେ ପ୍ରବାହିତ ହେଲା । କୃଷୀମାନେ ସାଧାରଣତଃ ରକ୍ଷଣଶୀଳ ମନୋଭାବାପନ୍ନ ହୋଇଥିବାରୁ ପ୍ରଥମ ଅବସ୍ଥାରେ ସେମାନେ ଜଳସେଚନର ସୁବିଧା ପାଇଁ ବହୁଳକୃଷି

ପ୍ରଣାଳୀ ଅନୁସରଣ କଲେ ନାହିଁ । କାରଣ ଏଥିପାଇଁ ଆବଶ୍ୟକ ହେଲା ଅଧିକ ମୂଳଧନ, ଅଧିକ ଶ୍ରମ ଏବଂ ଉନ୍ନତ ବିହନ ଓ ସାର ।

କିନ୍ତୁ କ୍ରମେ ଅଧିକ ଚାଷୀ ଉନ୍ନତ କୃଷିପ୍ରଣାଳୀ ଅନୁସରଣ କରିବାକୁ ଲାଗିଲେ । ଗୋଷ୍ଠୀ ଉନ୍ନୟନ ବ୍ଳକ୍‌ମାନଙ୍କ ଦ୍ୱାରା ଏହା ଲୋକପ୍ରିୟ ହେଲା । ଫଳରେ ଲୋକେ ଜଳସେଚନର ଅଧିକ ସୁଯୋଗ ନେଲେ । ୧୯୫୭-୫୮ ମସିହାରେ ହୀରାକୁଦ ଅଞ୍ଚଳର ପ୍ରାୟ ୧୦ରୁ ୧୫ ଭାଗ ପର୍ଯ୍ୟନ୍ତ ଜମିରେ ଦ୍ୱିତୀୟ ଶୀତଦିନିଆ ଫସଲ କରାଯାଇଥିଲା । ତା ପରବର୍ଷ ଶତକଡ଼ା ପ୍ରାୟ ୨୦ ଭାଗ ଜମିରେ ଦ୍ୱିତୀୟ ଫସଲ ଅମଳ କରାଗଲା ।

ହୀରାକୁଦ ଜଳଭଣ୍ଡାରରୁ କେବଳ ଯେ ରବିଶସ୍ୟ ଜଳସେଚନର ସୁବିଧା ପାଇଛି ତାହା ନୁହେଁ, ବର୍ଷାଦିନିଆ ଧାନ ଫସଲରେ ମଧ୍ୟ ପ୍ରାୟ ୧ ଲକ୍ଷ ୪୦ ହଜାର ଏକର ଜମିକୁ ଜଳ ଯୋଗାଇ ଦିଆଯାଇଛି । ୧୯୫୭-୫୮ ମସିହାରେ ୧ ଲକ୍ଷ ୯୭ ହଜାର ଏକର ଜମିକୁ ଜଳ ଯୋଗାଇ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା ।

୧୯୬୦ ମସିହାରେ ଯେଉଁ ଜମି ଜଳସେଚନର ସୁବିଧା ପାଇବ, ତାର ଆୟତନ ୩ ଲକ୍ଷ ୮୦ ହଜାର ଏକରକୁ ବୃଦ୍ଧି ପାଇବ ।

## ରାଉରକେଲା-ଆସାନସୋଲ ମଧ୍ୟରେ ବିଦ୍ୟୁତ୍ ଟ୍ରେନ ଚଳାଚଳ

ଲୋକସଭାରେ ଶ୍ରୀ ବି· ସି· ମଲ୍ଲିକଙ୍କ ଏକ ପ୍ରଶ୍ନର ଉତ୍ତରରେ ରେଳବାଇ ଉପମନ୍ତ୍ରୀ ଶ୍ରୀ ସାହାନୱାଜ ଖାଁ ଜଣାଇଲେ ଯେ ଆସାନସୋଲ ଓ ରାଉରକେଲା ମଧ୍ୟରେ ବିଦ୍ୟୁତ୍ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ପ୍ରସ୍ତାବ ଅନୁସାରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷସୁଦ୍ଧା ଶେଷ ହୋଇଯିବ ବୋଲି ଆଶା କରାଯାଏ । ଏହି କାର୍ଯ୍ୟକ୍ରମରେ ୧୯୬୦ ମସିହା ଜାନୁଆରୀ ଶେଷ ସୁଦ୍ଧା ୩ କୋଟି ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଲାଣି ।

## ଓଡ଼ିଶା ମଧ୍ୟବିତ୍ତ ଗୃହନିର୍ମାଣ ଯୋଜନା

ଲୋକସଭାରେ ଚଳିତ ମାର୍ଚ୍ଚ ଚବିଶ ତାରିଖରେ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ ପୂର୍ତ୍ତ, ଗୃହନିର୍ମାଣ ଓ ଯୋଗାଣ ଉପମନ୍ତ୍ରୀ ଶ୍ରୀ ଅନିଲ-କୁମାର ଚନ୍ଦା ଜଣାଇଲେ ଯେ ଓଡ଼ିଶାରେ ୧୯୫୯-୬୦ ମସିହା ମଧ୍ୟରେ ମଧ୍ୟବିତ୍ତ ଗୃହନିର୍ମାଣ ଯୋଜନା ଅନୁସାରେ ଘର ତିଆରି ପାଇଁ ଓଡ଼ିଶା ସରକାରଙ୍କୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେବାକୁ ଜୀବନବୀମା କର୍ପୋରେଶନକୁ କ୍ଷମତା ଦିଆଯାଇଛି ।

( ୩୯ ପୃଷ୍ଠାର ଅବଶିଷ୍ଟାଂଶ )

ଅଂଶ ବା ଅଂଶ ସମୂହପାଇଁ ଟିକସ ଧାର୍ଯ୍ୟ କରାଯିବ ବୋଲି ଜଣାଇ ପାରନ୍ତି ।

ଏହିସବୁ ଦୃଷ୍ଟିରୁ ଯେଉଁ ଛୋଟ ଛୋଟ ବ୍ୟବସାୟୀଙ୍କର ବାର୍ଷିକ ମୋଟାମୋଟି ଲାଭ ଟ ୨୫,୦୦୦ରୁ ବେଶୀ ନୁହେଁ ଓ ଯେଉଁମାନଙ୍କର ଟିକସ ୟୁ/ଆର୍ ୯୦-ଏ ସହିତ ସଂପୃକ୍ତ ନୁହେଁ, ସେମାନେ ତ୍ରୈମାସିକ ବିବରଣୀ ଦାଖଲ କରିବା ଛଡ଼ା ଉପରଲିଖିତମତେ ନିର୍ଦ୍ଧାରିତ ସମୟ ମଧ୍ୟରେ ବାର୍ଷିକ ବିବରଣୀ ଦାଖଲ କରିବେ ବୋଲି ଜଣାଇ ଦିଆଯାଇଛି । ଏହା ଫଳରେ ସେମାନେ ବର୍ତ୍ତମାନ ପ୍ରତିଥର ତ୍ରୈମାସିକ ଟିକସ ଧାର୍ଯ୍ୟ କଲାବେଳେ ଆସେସିଙ୍ଗ୍ ଅଫିସରଙ୍କ ଅଫିସକୁ ଯିବା ଆସିବା କରିବାରେ ଯେଉଁ ଅସୁବିଧା ଭୋଗୁଛନ୍ତି, ସେଥିରୁ ବହୁପରିମାଣରେ ରକ୍ଷା ପାଇବେ ।

# ଚିନାବାଦାମ ଓ ଏହାର ଉପଯୋଗିତା

ପ୍ରାୟ ୫୦ ପ୍ରକାରର ଚିନାବାଦାମ ରହିଛି । ଆନ୍ଧ୍ର, ବମ୍ବେ, ମାନ୍ଦ୍ରାଜ, ସୌରାଷ୍ଟ୍ର ଓ ମହୀଶୂରରେ ଚିନାବାଦାମ ବହୁଳ ପରିମାଣରେ ଉତ୍ପନ୍ନ ହୋଇଥାଏ । ଉତ୍ପାଦନ ତୁଳନାରେ ଖୁବ୍ ଅଳ୍ପ ପରିମାଣରେ ଚିନାବାଦାମ ରପ୍ତାନି କରାଯାଇଥାଏ ।

ଏକର ପିଛା ଉତ୍ପାଦନ ପରିମାଣ ପ୍ରକାର ତଥା ସ୍ଥାନ-ଭେଦରେ ଭିନ୍ନ ହୋଇଥାଏ । ଯେଉଁ ଅଞ୍ଚଳରେ ଚାଷକୁ କେବଳ ବର୍ଷାଋତୁରେ ନିର୍ଭର କରିବାକୁ ପଡେ, ସେଠାରେ ବିଭିନ୍ନ ପ୍ରକାରର ଚିନାବାଦାମ ଏକରରୁ ୨୫୦ ପାଉଣ୍ଡରୁ ୧୦୦୦ ପାଉଣ୍ଡ ପର୍ଯ୍ୟନ୍ତ ଉତ୍ପନ୍ନ ହେଉଥିବା ସ୍ଥଳେ ଜଳସେଚିତ ଅଞ୍ଚଳରେ ଦୁଇହଜାର ପାଉଣ୍ଡରୁ ଅଢ଼େଇ ହଜାର ପାଉଣ୍ଡ ପର୍ଯ୍ୟନ୍ତ ଉତ୍ପନ୍ନ ହୋଇଥାଏ ।

ଚିନାବାଦାମର ନାନା ଉପଯୋଗ ଛଡ଼ା ଏଥିରୁ ମୁଖ୍ୟତଃ ଖାଇବା ଉପଯୋଗୀ ତେଲ ପ୍ରସ୍ତୁତ କରାଯାଇଥାଏ । ବାଦାମ ତେଲକୁ ରଙ୍ଗହୀନ ଓ ଗନ୍ଧହୀନ କରିବାପାଇଁ ବିଶୋଧନ କରାଯାଇଥାଏ ଏବଂ ରନ୍ଧନ କାର୍ଯ୍ୟରେ ଏହା ବିଶେଷ ଭାବରେ ବ୍ୟବହୃତ ହୁଏ । ବିଶୋଧନ କରା ନ ଯାଇଥିବା ବାଦାମ ତେଲ ସାବୁନ ଓ ଗ୍ଲିସେରିନ ତିଆରି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ।

ଚିନାବାଦାମରୁ ତେଲ ବାହାର କରିବା ପରେ ଯେଉଁ ପିଡ଼ିଆ ରହେ, ତାହା ହୁଏତ ଗୋ-ଖାଦ୍ୟ କିମ୍ବା ସାରରୂପେ ବ୍ୟବହାର କରାଯାଇଥାଏ । ଭଲ ବିହନରୁ କରିଥିବା ଚିନାବାଦାମର ପିଡ଼ିଆ ଅତି ଉନ୍ନତ ଧରଣର ହୋଇଥାଏ । ତେଣୁ ମନୁଷ୍ୟର ବ୍ୟବହାରରେ ମଧ୍ୟ ଲାଗିଥାଏ ।

ଅଳ୍ପ ତୈଳଯୁକ୍ତ ଚିନାବାଦାମ ଅଟାରେ ଛେନା-ଜାତୀୟ ଖାଦ୍ୟସାର (ପ୍ରୋଟିନ୍), ଭିଟାମିନ ବି ଏବଂ କାଲସିୟମ ଓ ଫସଫରସ୍ ପ୍ରଚୁର ଥାଏ । ତେଣୁ ଏଥିରୁ ଅତି ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇ ପାରିବାର ସମ୍ଭାବନା ରହିଛି । ମହୀଶୂରଠାରେ ଥିବା କେନ୍ଦ୍ର (ଖାଦ୍ୟ) ଶିଳ୍ପବିଦ୍ୟା ଗବେଷଣା ପ୍ରତିଷ୍ଠାନରେ ଏହାକୁ ବ୍ୟବହାର କରାଯାଇ ନାନାପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଉଛି ।

ଏହାମଧ୍ୟରୁ ଗୋଟିଏ ହେଉଛି ଏମ୍. ପି. ଏଫ୍. (ଇଣ୍ଡିଆନ ମଲ୍ଟି-ପରପସ୍ ଫୁଡ୍) । ଏହା ଏକ ଅତି ଉନ୍ନତ ଅତିରିକ୍ତ ଖାଦ୍ୟ । ଏଥିରେ ପ୍ରାୟ ଶତକଡ଼ା ୪୨ ଭାଗ ପ୍ରୋଟିନ୍; ଭିଟାମିନ୍ 'ଏ', 'ଡି' 'ବି୧' ଓ 'ବି୨' ଏବଂ କାଲସିୟମ୍ ଓ ଲୌହ ଆଦି ରହିଛି । ପ୍ରତାହ ଏଥିରୁ ଦେଡ଼ ଆଉନସରୁ ଦୁଇ ଆଉନସ ପର୍ଯ୍ୟନ୍ତ ଖାଇଲେ ପ୍ରାପ୍ତବୟସ୍କ ଓ ଶିଶୁମାନଙ୍କର ଦୈନିକ

( ୩୨ ପୃଷ୍ଠାର ଅବଶିଷ୍ଟାଂଶ )

ଉତ୍ପାଦନ ପ୍ରଚେଷ୍ଟାରେ ଯେପରିଳି ପ୍ରତ୍ୟେକ ଗ୍ରାମର ସମର୍ଥନ ମିଳେ, ସେ ଦିଗରେ ଚେଷ୍ଟା କରାଯିବା ଏକାନ୍ତ ବାଞ୍ଛନୀୟ ବୋଲି ମୁଁ କହୁଛି । ସେଥିପାଇଁ ସୁବିଧାରେ ଯଥେଷ୍ଟ ଋଣ ବ୍ୟବସ୍ଥା କରି ଏବଂ ବିଶେଷ ସ୍ଥାନରେ ସାଧନସାମଗ୍ରୀ ଯୋଗାଇ କୃଷକମାନଙ୍କୁ ଉତ୍ସାହିତ କରିବାକୁ ପଡ଼ିବ । କୃଷି ଉତ୍ପନ୍ନର ସଂରକ୍ଷଣ, ବିକ୍ରୟ ଓ ଉଚିତ ଦର ପାଇଁ ସନ୍ତୋଷଜନକ ବ୍ୟବସ୍ଥା କରିବାକୁ ହେବ । ବାଣିଜ୍ୟର ସର୍ତ୍ତ ତା ବିରୁଦ୍ଧରେ ଯିବନାହିଁ ବୋଲି କୃଷକ ସ୍ଥିର ନିଶ୍ଚିତ ହେବା ଦରକାର ।


ମୋଟ ପ୍ରୋଟିନ୍, ଭିଟାମିନ ଓ ଧାତବ ପ୍ରୟୋଜନୀୟତାର ଉଲ୍ଲେଖଯୋଗ୍ୟ ଅଂଶ ପୂରଣ ହୋଇଥାଏ ।

ସାଧାରଣ ବିସ୍କୁଟରେ ଯେଉଁ ପରିମାଣର ପ୍ରୋଟିନ୍ ରହିଛି, ଚିନାବାଦାମ ଅଟା ବ୍ୟବହାର କରାଯାଇ ଏହା ଆହୁରି ବୃଦ୍ଧି କରାଯାଇପାରିବ । ସାଧାରଣ ବିସ୍କୁଟରେ ବର୍ତ୍ତମାନ ପାଞ୍ଚ ଭାଗରୁ ଛଅ ଭାଗ ପର୍ଯ୍ୟନ୍ତ ପ୍ରୋଟିନ୍ ରହିଛି । ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଉଥିବା ଚିନାବାଦାମ ଅଟା, ଗହମ ଅଟାରେ ମିଶାଇ ବିସ୍କୁଟ ପ୍ରସ୍ତୁତ କଲେ ସେଥିରେ ଶତକଡ଼ା ୧୫ ଭାଗରୁ ୧୭ ଭାଗ ପର୍ଯ୍ୟନ୍ତ ପ୍ରୋଟିନ୍ ରହିବ ।

କେନ୍ଦ୍ର (ଖାଦ୍ୟ) ଶିଳ୍ପବିଦ୍ୟା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଏକପ୍ରକାର ଅଟା ପ୍ରସ୍ତୁତ କରାଯାଇଛି । ଏଥିରେ ଗହମ ଅଟା ୭୫ ଭାଗ, ଟାପିଓକା ଅଟା ୧୭ ଭାଗ ଏବଂ ଚିନାବାଦାମ ଅଟା ୮ ଭାଗ ରହିଛି । ଏହାକୁ ପୌଷ୍ଟିକ ଅଟା କୁହାଯାଉଛି । ସାଧାରଣ ଅଟା ଭଳି ଏଥିରୁ ମଧ୍ୟ ଚପାଟି ଓ ପୁରି ପ୍ରସ୍ତୁତ କରାଯାଇ ପାରିବ । ସାଧାରଣ ଅଟା ସ୍ଥାନରେ ପୌଷ୍ଟିକ ଅଟା ବ୍ୟବହାର କଲେ ଲୋକମାନଙ୍କୁ ଶତକଡ଼ା ୨୫ ଭାଗ ଅଧିକ ଖାଦ୍ୟସାର ମିଳିବ ।

ଟାପିଓକା ଅଟାର ପ୍ରୋଟିନ ଉପାଦାନ ବୃଦ୍ଧି ଲାଗି ମଧ୍ୟ ଅଳ୍ପ ତୈଳଯୁକ୍ତ ଚିନାବାଦାମ ଅଟା ବ୍ୟବହାର କରାଯାଇପାରେ ଏବଂ ଏ ଉଭୟ ପଦାର୍ଥକୁ ସୂଜି ସହିତ ମିଶାଇ ଚାଉଳ ସହିତ ତୁଳନୀୟ ହେବାଭଳି ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରାଯାଇପାରେ ।

ଅତି ଉନ୍ନତ ଧରଣର ଭେଜିଟେବୁଲ୍, ଦୁଧ ଓ ଦହି ପ୍ରସ୍ତୁତ କରିବାପାଇଁ ମଧ୍ୟ ଚିନାବାଦାମକୁ ବ୍ୟବହାର କରାଯାଇପାରେ । ଏଇ ଦୁଧ ଗାଈଦୁଧ ସହିତ ତୁଳନୀୟ ।



# ଆକାଶବାଣୀ, କଟକ

## ପଲ୍ଲୀଶ୍ରୋତାମଣ୍ଡଳୀ କାର୍ଯ୍ୟସୂଚୀ

### ଅପ୍ରେଲଠାରୁ ଜୁନ ୧୯୬୦; ପ୍ରସାର-ଦିବସ—ମଙ୍ଗଳବାର

ସମୟ—ସଂଧ୍ୟା-୭-୩୦ ମିନିଟ, ରାତ୍ରି—୮-୧୫ ମିନିଟ

**ଚତୁର୍ଥ କାର୍ଯ୍ୟକ୍ରମ** ଅପ୍ରେଲ ୨୬, ୧୯୬୦

ବିଷୟ—କୁକୁଡ଼ାଙ୍କୁ ଟୀକା

[ କୁକୁଡ଼ା ଅଣ୍ଡା ଓ ମାଂସ ଆମର ଏକ ପୁଷ୍ଟିକର ଖାଦ୍ୟ । କିନ୍ତୁ କୁକୁଡ଼ାଙ୍କୁ ପାଳନ କରିବା-ପାଇଁ ବିଶେଷ ଯତ୍ନ ନିଆଯିବା ଦରକାର । ଅନ୍ୟ-ମାନଙ୍କ ପରି କୁକୁଡ଼ାଙ୍କୁ ମଧ୍ୟ ସଂକ୍ରାମକ ରୋଗ ଆକ୍ରମଣ କରେ ଓ ଏହା ହେଲେ ଏକାଥରକେ ଶହ ଶହ ସଂଖ୍ୟାରେ କୁକୁଡ଼ା ନଷ୍ଟ ହୋଇ ଯାଆନ୍ତି । ରୋଗର ନିରୋଧପାଇଁ କୁକୁଡ଼ାଙ୍କୁ ଟୀକା ଦିଆଯିବା ଦରକାର । ସେ ବିଷୟରେ ଆଜି ଆଲୋଚନା ହେବ । ]

ଆଲୋଚକ—ଡ଼. ଏସ୍. ରାଓ
( ସୁପରିଣ୍ଟେଣ୍ଡେଣ୍ଟ, ସିରମ୍ ଇନଷ୍ଟିଚ୍ୟୁଟ୍,
ପଶୁପାଳନ ଓ ପଶୁଚିକିତ୍ସା ବିଭାଗ, ଓଡ଼ିଶା)

**ପଞ୍ଚମ କାର୍ଯ୍ୟକ୍ରମ** ମେ ୩, ୧୯୬୦

ବିଷୟ—ସବୁଜସାର

[ସାର ବହୁପ୍ରକାର ଅଛି; କିନ୍ତୁ ଆମର ଚାଷପାଇଁ ସବୁଜସାର ବଡ଼ ଉପକାରୀ । ଚାଷୀକୁଳ ଏହା ସହଜରେ ଉତ୍ପାଦନ କରି ପାରିବେ । ଧଇଞ୍ଚ, ଛଣପଟ ଓ ସେସ୍‌ବାନିଆ ଇତ୍ୟାଦି ବହୁପ୍ରକାର ସବୁଜସାର ଆମର ଫସଲକୁ ବଢ଼ାଇବାପାଇଁ ବିଶେଷଭାବେ ଆବଶ୍ୟକ । ]

ଆଲୋଚନା କରିବେ—ଶ୍ରୀ କେ. ଏଲ୍. ମହାନ୍ତି
(କୃଷିବିଭାଗର ତଥ୍ୟ ଅଫିସର)

**ଷଷ୍ଠ କାର୍ଯ୍ୟକ୍ରମ** ମେ ୧୦, ୧୯୬୦

ବିଷୟ—ଉନ୍ନତ ବିହନ

[ ଗଛ, ଫୁଲ, ଫଳ,—ଏ ସବୁର ମୂଳ ହେଲା ବିହନ । ଆମର ବିହନ ଯେତିକି ଉନ୍ନତ ଧରଣର

ହେବ, ଆମେ ସେତିକି ଅଧିକ ପରିମାଣରେ ଫସଲ ଅମଦାନୀ କରିପାରିବା । ଆଧୁନିକ ଯୁଗରେ ଅନ୍ୟାନ୍ୟ ଦେଶଗୁଡ଼ିକ ଉନ୍ନତ ବିହନ ବ୍ୟବହାର କରି ଜମିରୁ ଯେତେ ପରିମାଣରେ ଫସଲ ଆମଦାନୀ କରୁଛନ୍ତି, ତା ତୁଳନାରେ ଆମର ଆମଦାନି ବହୁତ କମ । ଆମଦାନୀ ବଢ଼ାଇବାକୁ ହେଲେ, ଆମକୁ ବିଶେଷ ଭାବରେ ଉନ୍ନତ ବିହନ ବ୍ୟବହାର କରିବାକୁ ପଡ଼ିବ । ]

ଆଲୋଚକ—ଶ୍ରୀ ଆର୍. ଏନ. ମହାନ୍ତି
( ଏକନମିଷ୍ଟ ବଟାନିଷ୍ଟ-୨
ଓଡ଼ିଶା ରାଜ୍ୟ କୃଷି ବିଭାଗ )

**ସପ୍ତମ କାର୍ଯ୍ୟକ୍ରମ** ମେ ୧୭, ୧୯୬୦

### ବିଷୟ—କଲେରା ଓ ତାର ନିରୋଧ

[ କଲେରା ଏକ ଭୟାନକ ରୋଗ ଓ ତାହା ସଂକ୍ରାମକ ମଧ୍ୟ । ଗାଁଗହଳରେ ଏ ରୋଗ ଦେଖା ଦେଲେ ଧନଜୀବନ ବିଶେଷ ପରିମାଣରେ ନଷ୍ଟ ହୋଇଥାଏ । ଆମ ସମସ୍ତଙ୍କର ଏ ରୋଗର କାରଣ ଜାଣି ସେ ବିଷୟରେ ସଚେତନ ରହିବା ଦରକାର । ଏ ରୋଗ ଯେତେ ଭୟଙ୍କର ହେଲେ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ଏହାକୁ ନିରୋଧ କରାଯାଇ ପାରିବ । ଏ ବିଷୟରେ ଆଜି ଆଲୋଚନା ଶୁଣିବା ]

ଆଲୋଚକ—ଡାକ୍ତର ଏନ୍. ବି. ପଟ୍ଟନାୟକ
( ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଡାଇରେକ୍ଟର )

**ଅଷ୍ଟମ କାର୍ଯ୍ୟକ୍ରମ** ମେ ୨୪, ୧୯୬୦

### ବିଷୟ—ଜାପାନୀ ଧାନଚାଷ ପ୍ରଣାଳୀ

[ ଧାନଚାଷର ପ୍ରଣାଳୀ ଅନେକ ପ୍ରକାର । ଆମେ ପୁରୁଣା କାଳରୁ ଯେଉଁ ରୀତିରେ ଧାନଚାଷ କରି ଆସୁଛୁ, ତା ଛଡ଼ା ଅନ୍ୟ ରୀତିରେ ଚାଷ କଲେ ଆମେ ଆହୁରି ଅଧିକ ଆମଦାନି କରି ପାରିବା । ଏ ବିଗରେ ବିଦେଶରେ ଯେଉଁ ରୀତିମାନ ସ୍ୱୀକୃତ ହୋଇଛି, ସେଥିରୁ ଜାପାନରେ ସ୍ୱୀକୃତ ହୋଇଥିବା ରୀତି ବିଶେଷ ଲାଭଜନକ ବୋଲି ଦେଖାଯାଇଛି । ଜାପାନୀ ଧାନଚାଷ ପ୍ରଣାଳୀ ଆମ ଦେଶରେ କାର୍ଯ୍ୟକାରୀ କରାଯାଇଛି ଓ ସେଥିରୁ ଆମେ ଅଧିକ ଫସଲ ପାଉଥିବାର ଦେଖାଯାଉଛି । ଏହି ପ୍ରଣାଳୀକୁ ବହୁଳଭାବେ କାର୍ଯ୍ୟକାରୀ କଲେ ଆମେ କିଭଳି ବହୁତ ଫସଲ ଅମଳ କରି ପାରିବା, ଆଜ ସେ ବିଷୟରେ ଆଲୋଚନା ହେବ । ]

ଆଲୋଚକ—ଶ୍ରୀ ଜଗନ୍ନାଥ ହୋତା
( ଉତ୍କଳ କୃଷି ମହାବିଦ୍ୟାଳୟର କୃଷି-ବିଶେଷଜ୍ଞ )

**ନବମ କାର୍ଯ୍ୟକ୍ରମ** ମେ ୩୧, ୧୯୬୦

### ବିଷୟ—ଗୋ ଜାତିର ତୃଣଖାଦ୍ୟ

[ଘାସ, ପାଳ, ନଡ଼ା ଆମେ ବହୁତ ନଷ୍ଟ କରୁ ଓ ଅନ୍ୟାନ୍ୟ ଅଯଥା ବିଷୟରେ ଖର୍ଚ୍ଚ କରୁ । କିନ୍ତୁ ଗୋ-ଜାତିର ତାହା ଅତି ଆବଶ୍ୟକୀୟ ଖାଦ୍ୟ । ଆମର ଗୋ-ସଂପଦର ଉନ୍ନତି ପାଇଁ ଆମକୁ ଗୋ-ଖାଦ୍ୟ ସମ୍ପର୍କରେ ବିଶେଷ ସନ୍ଧାନ ହେବାକୁ ପଡ଼ିବ । ସେଥିମଧ୍ୟରୁ ଗୋ-ଜାତିର ତୃଣଖାଦ୍ୟ ସଂପର୍କରେ ଆଜି ଆଲୋଚନା ହେବ । ]

ଆଲୋଚନା କରିବେ—ଶ୍ରୀ ବି. ଶେଠୀ
( ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉନ୍ନୟନ ଅଫିସର )

**ଦଶମ କାର୍ଯ୍ୟକ୍ରମ** ଜୁନ ୭, ୧୯୬୦

### ବିଷୟ—ମାଛ ଜାଆଁଳ ବଢ଼ାଇବା ପୋଖରୀ

[ ମାଛ ଆମର ଏକ ପ୍ରିୟ ଓ ପୁଷ୍ଟିକାରକ ଖାଦ୍ୟ । କେବଳ ସେତିକି ନୁହେଁ; ମାଛଚାଷ କରି ଲୋକେ ବେଶ ଲାଭବାନ ବି ହୋଇ ପାରିବେ । ମାଛଚାଷ ପାଇଁ ଜାଆଁଳ ବଢ଼ାଇବା ହେଉଛି ପ୍ରଥମରୁ ଆବଶ୍ୟକୀୟ ବିଷୟ । ଜାଆଁଳ ବଢ଼ାଇବାପାଇଁ କିଭଳି ପୋଖରୀ ହେବା ଦରକାର ଓ ସେ ବିଗରେ

କି ପ୍ରକାର ବ୍ୟବସ୍ଥାମାନ ଗ୍ରହଣ କରାଯିବା ଦରକାର, ସେ ସଂପର୍କରେ ଆଜ ଆଲୋଚନା ଶୁଣିବା । ]

ଆଲୋଚକ—ଶ୍ରୀ ଗଗନବିହାରୀ ମହାନ୍ତି
( ଓଡ଼ିଶା ମତ୍ସ୍ୟ ବିଭାଗର ଡେପୁଟୀ ଡାଇରେକ୍ଟର )

**ଏକାଦଶ କାର୍ଯ୍ୟକ୍ରମ** ଜୁନ ୧୪, ୧୯୬୦

**ବିଷୟ—ସମବାୟ କୃଷି**

[ ବହୁ ଭାଗବାଣ୍ଟ ଥାଇ ଆମର ଜମିବାଡ଼ି ଭାଗଆସିଛି ଓ ଆମେ ଖଣ୍ଡି ଖଣ୍ଡି ଜମିରେ କୃଷି କରି ବିଶେଷ ଲାଭବାନ ହୋଇ ପାରୁନାହୁଁ । ଏଭଳି ଖଣ୍ଡିଏ ଖଣ୍ଡିଏ ଜମିରେ କୃଷି ନ କରି ଯଦି ଆମେ ଏକାଠି କିଛି ଜମି ମିଶାଇ କୃଷି କରୁ, ତା’ ହେଲେ ପ୍ରତି ଲୋକର ନିଜ ଜମିର ମାଲିକତ୍ୱ ରହିବା ସଙ୍ଗେ ସଙ୍ଗେ ଅଧିକ ପରିମାଣର ଫସଲ ଉତ୍ପାଦିତ ହୋଇ ପାରିବ । ଏଭଳି ସମବାୟ କୃଷି ଯେ କେତେ ହିତକାରକ, ଆଜି ସେ ବିଷୟରେ ଆଲୋଚନା ହେବ ।]

ଆଲୋଚକ—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା
( ସମବାୟ ବିଭାଗର ଯୁଗ୍ମ ରେଜିଷ୍ଟ୍ରାର )

**ଦ୍ୱାଦଶ କାର୍ଯ୍ୟକ୍ରମ** ଜୁନ ୨୧, ୧୯୬୦

**ବିଷୟ—ସ୍କୁଲ ପିଲାଏଙ୍କର ମଧ୍ୟାହ୍ନ-ଭୋଜନ**

[ ଛାତ୍ରଛାତ୍ରୀ ହେଉଛନ୍ତି ଆମ ଦେଶର ଭବିଷ୍ୟତ । ସେମାନଙ୍କୁ ସୁସ୍ଥ, ସବଳ କରି ଗଢ଼ିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହା କରିବାକୁ ହେଲେ ସେମାନଙ୍କର ଖାଦ୍ୟପ୍ରତି ଦୃଷ୍ଟି ଦେବାକୁ ହେବ ଓ ସେମାନେ ଯେପରି ସମସ୍ତ ଅନୁଯାୟୀ ଉପଯୁକ୍ତ ଖାଦ୍ୟ ପାଇ ପାରନ୍ତି, ତାର. ବ୍ୟବସ୍ଥା କରିବାକୁ ହେବ । ସ୍କୁଲରେ ବିଦ୍ୟାଭ୍ୟାସ କରୁଥିବା ସମୟରେ ସେମାନଙ୍କ ପାଇଁ ମଧ୍ୟାହ୍ନ-ଭୋଜନର ବ୍ୟବସ୍ଥା କରାଯିବା ଆବଶ୍ୟକ । ଏ ବିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କଭଳି ବ୍ୟବସ୍ଥା ହୋଇଛି, ଆଜ ସେ ସଂପର୍କରେ ଆଲୋଚନା ହେବ ।]

ଆଲୋଚନା କରିବେ—ମିସ୍ ଏଲ୍. ଆର୍. ମିଶ୍ର
( ସ୍ପେଶାଲ ଅଫିସର, ଓଡ଼ିଶା )

**ତ୍ରୟୋଦଶ କାର୍ଯ୍ୟକ୍ରମ** ଜୁନ ୨୮, ୧୯୬୦


**ବିଷୟ—ସାର ଓ ସାର ପ୍ରୟୋଗ**

[ ଆମର ଫସଲ ଉତ୍ପାଦନପାଇଁ ସାର ନିତାନ୍ତ ପ୍ରୟୋଜନ । ପୁଣି ସେହି ସାରକୁ ଉଚିତ ଉପାୟରେ ପ୍ରୟୋଗ କରାଯିବା ମଧ୍ୟ ଦରକାର । ଏ ବିଷୟରେ ଆମର ଭଲ ଜ୍ଞାନ ରହିବା ଉଚିତ । ଆଜ ସେ ସମ୍ବନ୍ଧରେ ଆଲୋଚନା ହେବ । ]

ଆଲୋଚକ—ଶ୍ରୀ ବି. ଏନ୍. ସାହୁ
( କୃଷି ବିଭାଗର ଡେପୁଟୀ ଡାଇରେକ୍ଟର, ବ୍ରହ୍ମପୁର ଶାଖା, ଓଡ଼ିଶା )



ଜାତୀୟ ଉନ୍ନୟନ କାଉନ୍‌ସିଲରେ ଯୋଗଦେବାପାଇଁ ନୂଆଦିଲ୍ଲୀକୁ ଯାଇଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ କେନ୍ଦ୍ର ଘରୋଇ ମନ୍ତ୍ରୀ ଶ୍ରୀ ଗୋବିନ୍ଦବଲ୍ଲଭ ପନ୍ଥଙ୍କ ସହିତ ଆଲୋଚନା କରୁଅଛନ୍ତି



ଗତ ଅପ୍ରେଲ ୫ ତାରିଖରେ ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଥିବା ଓଡ଼ିଶାର ଏକାଉଣ୍ଟାଣ୍ଟ ଜେନେରାଲ ଅଫିସ

# ଆକାଶବାଣୀ, କଟକ

## ୧୯୭୦ ମସିହା ମେ ମାସର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସୂଚୀ

ସକାଳ (ପ୍ରଥମ ଅଧିବେଶନ) :

| | | |
|---|---|---|
| ମାଙ୍ଗଳିକ | ... | ଘ ୬-୪୫ ମିନିଟ |
| କାର୍ଯ୍ୟକ୍ରମ ପରିଚୟ | ... | ଘ ୬-୫୫ ,, |
| ଓଡ଼ିଆ ସମ୍ବାଦ | ... | ଘ ୭-୧୫ ,, |
| ହିନ୍ଦୀ ଶିକ୍ଷା (ଶୁକ୍ରବାର ଓ ରବିବାର ବ୍ୟତୀତ) | ... | ଘ ୭-୩୦ ,, |
| ଇଂରାଜୀ ସମ୍ବାଦ | ... | ଘ ୮-୦୦ ,, |
| ହିନ୍ଦୀ ସମ୍ବାଦ | ... | ଘ ୮-୧୫ ,, |

ମଧ୍ୟାହ୍ନ (ଦ୍ୱିତୀୟ ଅଧିବେଶନ) :

| | | |
|---|---|---|
| ଓଡ଼ିଆ ସମ୍ବାଦ | ... | ଘ ୧-୧୦ ,, |

ସନ୍ଧ୍ୟା (ତୃତୀୟ ଅଧିବେଶନ) :

| | | |
|---|---|---|
| ସ୍ଥାନୀୟ ଘୋଷଣାବଳୀ | | ଘ ୬-୦୦ ,, |
| ହିନ୍ଦୀ ସମ୍ବାଦ | ... | ଘ ୬-୫ ,, |
| ଆଞ୍ଚଳିକ ସମ୍ବାଦ | ... | ଘ ୬-୨୦ ,, |
| ଓଡ଼ିଆ ସମ୍ବାଦ | ... | ଘ ୭-୧୫ ,, |
| ଗାଁଗହଳିପାଇଁ | ... | ଘ ୭-୪୫ ରୁ ଘ ୮-୦୦ ,, |
| ଇଂରାଜୀ ସମ୍ବାଦ | ... | ଘ ୯-୦୦ ,, |

ନାରୀ ମହଲ (ରବିବାର, ମଙ୍ଗଳବାର, ଗୁରୁବାର) ମଧ୍ୟାହ୍ନ ଘ ୧-୩୦ ମିନିଟଠାରୁ ଘ ୨-୦୦ ମିନିଟ । ଗାନ୍ଧୀ ପ୍ରାର୍ଥନା ଓ ଚର୍ଚ୍ଚା (ଶୁକ୍ରବାର)ସକାଳ ଘ୭-୩୦ ମିନିଟ । ଶ୍ରୋତାମାନଙ୍କ ଅନୁରୋଧରେ ଗୀତ (ରବିବାର ଓ ଗୁରୁବାର) ରାତ୍ର ଘ ୮-୦୦ ମିନିଟଠାରୁ ଘ ୮-୩୦ ମିନିଟ । ଶିଶୁ-ସଂସାର (ଛୋଟ ପିଲାଙ୍କପାଇଁ) (ରବିବାର) ସକାଳ ଘ ୮-୩୦ ମିନିଟଠାରୁ ଘ ୯-୩୦ ମିନିଟ । କିଶୋର ଚକ୍ର (ବଡ଼ ପିଲାମାନଙ୍କ ପାଇଁ) (ଶନିବାର) ମଧ୍ୟାହ୍ନ ଘ ୧-୩୦ ମିନିଟ । ସଙ୍ଗୀତ-ଶିକ୍ଷା (ଶାସ୍ତ୍ରୀୟ) (ସୋମବାର, ବୁଧବାର, ଶୁକ୍ରବାର) ସନ୍ଧ୍ୟା ଘ ୬-୩୦ ମିନିଟଠାରୁ ଘ ୬-୪୫ ମିନିଟ । ସଙ୍ଗୀତ-ଶିକ୍ଷା ( ସୁଗମ ) (ମଙ୍ଗଳବାର, ଗୁରୁବାର) ସନ୍ଧ୍ୟା ଘ ୬-୩୦ ମିନିଟଠାରୁ ଘ ୬-୪୫ ମିନିଟ । କଥାଚିତ୍ର ଗୀତ (ସୋମବାର, ଶୁକ୍ରବାର) ମଧ୍ୟାହ୍ନ ଘ ୧-୩୦ ମିନିଟ ଓ (ଶନିବାର) ରାତ୍ର ଘ ୮-୧୫ ମିନିଟ । ଶ୍ରୋତାଙ୍କ ଚିଠିପତ୍ରର ଉତ୍ତର (ବୁଧବାର) ରାତ୍ର ଘ୮-୦୦ ମିନିଟ । ସମାଲୋଚନା-ଦର୍ପଣ (ସୋମବାର) ରାତ୍ର ଘ୯-୧୫ ମିନିଟ । ବିବିଧ ଭାରତୀ (ରବିବାର) ମଧ୍ୟାହ୍ନ ଘ୨-୦୦ ମିନିଟ ଓ ଘ ୩-୦୦ ମିନିଟ । ପାଣିପାଗ (ରବିବାର) ମଧ୍ୟାହ୍ନ ଘ ୩-୦୦ ମିନିଟ ଓ (ଅନ୍ୟାନ୍ୟ ଦିନ) ମଧ୍ୟାହ୍ନ ଘ ୨-୦୦ ମିନିଟ । ନାଟକ (ସୋମବାର) ରାତ୍ର ଘ ୮-୦୦ ମିନିଟ ଓ (ଶନିବାର) 'ଗାଗହଳି ପାଇଁ' କାର୍ଯ୍ୟକ୍ରମ ମଧ୍ୟରେ ।

### ଗାଁଗହଳିପାଇ କାର୍ଯ୍ୟକ୍ରମ

ତା ୧-୫-୭୦, ରବିବାର

ବାହାର ଦୁନିଆ । ପୀତାମ୍ବର କର ଓ ଦଳ (ପାଲା) । ମିଶ୍ରା ମହାନ୍ତି (ଓଡ଼ିଶୀ) । କ୍ଷେତ ଖମାର । ସପ୍ତାହର ଶ୍ଲୋକଦର । ପାଣିପାଗ । କାଲି କଅଣ କରିବା ।

ତା ୨-୫-୭୦, ସୋମବାର

କେ. ସି. ମହାପାତ୍ର (କୃଷି ପତ୍ରିକା) । ଚନ୍ଦ୍ରମଣି ନାଥ । (କେନ୍ଦ୍ରା ଗୀତ) । କାଶୀନାଥ ପୂଜାପଣ୍ଡା (ଭ୍ରମଣ ଓ ଜଣାଣ) । ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୩-୫-୭୦, ମଙ୍ଗଳବାର

ଗୋଲକବିହାରୀ ସାହୁ ଓ ଦଳ (ଖଞ୍ଜଣୀ ଭଜନ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ

କରିବା । ପଲ୍ଲୀଶ୍ରୋତାମଣ୍ଡଳୀ—ଡେ. ଏଲ୍. ମହାନ୍ତି (ସବୁଜ ସାର) ।

ତା ୪-୫-୬୦, ବୁଧବାର

ବଳଭଦ୍ର ମିଶ୍ର (ଭାଗବତ ପାଠ) । ଶ୍ୟାମ ସାହୁ (ଧ୍ରୁବକ ଗୀତ) । ସୁଧାମଣି ମହାପାତ୍ର (ଓଡ଼ିଶୀ ଓ ଭଜନ) । ଚିଠିପତ୍ରର ଉତ୍ତର । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୫-୫-୬୦, ଗୁରୁବାର

ଗୋପୀନାଥ ମହାନ୍ତି (ଓଡ଼ିଶାରେ ତନ୍ତାସୂତ ବ୍ୟବସ୍ଥାର ପ୍ରଗତି) । ରବୀନ୍ଦ୍ରନାଥ ବଳିଆରସିଂହ ଓ ଦଳ (ଓଡ଼ିଶୀ କୀର୍ତ୍ତନ) । ସ୍ନେହଲତା ଦାସ (ଚମ୍ପୂ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୬-୫-୬୦, ଶୁକ୍ରବାର

ବୃନ୍ଦାବନ ମିଶ୍ର (ଧାନ ଛଡ଼ା ଅନ୍ୟାନ୍ୟ ଫସଲ ବେଶୀ ଦରକାର) । ବଂଶୀଧର ସାହୁ (ଏକତାରା ଭଜନ) । ଚିଠିପତ୍ରର ଉତ୍ତର । ଗ୍ଲୋରିଆ ସଙ୍ଗୀତ (ଆଧୁନିକ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୭-୫-୬୦, ଶନିବାର

ଅକ୍ଷୟକୁମାର ମହାନ୍ତି—'ବନ୍ୟା' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ) । ଅଗଣି ତ୍ରିପାଠୀ (ରାମାୟଣ ପାଠ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୮-୫-୬୦, ରବିବାର

ବାହାର ଦୁନିଆ । ବୈଦ୍ୟନାଥ ଶର୍ମା ଓ ଦଳ (ଦାସ କାଠିଆ) । ଖେଳ ଖବର । ବୀଣା ଦେବୀ (ପଲ୍ଲୀସ୍ୱର ଗୀତ) । ସପ୍ତାହର ଝୋଟଦର । ପାଣିପାଗ । ଆସନ୍ତା ସପ୍ତାହର କାର୍ଯ୍ୟକ୍ରମ ।

ତା ୯-୫-୬୦, ସୋମବାର

ଡାକ୍ତର ଏମ୍. ଏଲ୍. ବୋଷ (ମଶା ଓ ମେଲେରିଆ) । ରାଜକିଶୋର ବାରିକ ଓ ଦଳ (ନଦିଆ କୀର୍ତ୍ତନ) । ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି । ରଘୁନାଥ ନନ୍ଦ ([illegible]) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୦-୫-୬୦, ମଙ୍ଗଳବାର

ନରେନ୍ଦ୍ର ଗୁରୁ (କେନ୍ଦ୍ରାଗୀତ) । ପଲ୍ଲୀଶ୍ରୋତାମଣ୍ଡଳୀ—ଆର୍. ଏନ୍. ମହାନ୍ତି (ଉନ୍ନତ ବିହନ) ।

ତା ୧୧-୫-୬୦, ବୁଧବାର

କୃଷ୍ଣଚନ୍ଦ୍ର ମିଶ୍ର (ଭାଗବତ ପାଠ) । ବଳକୁ ବେହେରା ଓ ଦଳ (ଘୁମୁରା ଗୀତ) । ଚିଠିପତ୍ରର ଉତ୍ତର । ପ୍ରଣବକିଶୋର ପଟ୍ଟନାୟକ (ଆଧୁନିକ ଓ ପଲ୍ଲୀସ୍ୱର ଗୀତ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୨-୫-୬୦, ଗୁରୁବାର

ବାବାଜୀ ଧରଣୀଧର ଦାସ ଓ ଦଳ (ଖଞ୍ଜଣୀ ଭଜନ) । ଆମେ ସୁଖୀ (ଆଲୋଚନା କାର୍ଯ୍ୟକ୍ରମ) । ଜୀବନବୀମା କର୍ପୋରେସନ (ଆଲୋଚନା କାର୍ଯ୍ୟକ୍ରମ) । ବୀଣାପାଣି ମିଶ୍ର (ଭଜନ ଓ କୀର୍ତ୍ତନ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୩-୫-୬୦, ଶୁକ୍ରବାର

ବାବାଜୀ ସାହୁ ଓ ଦଳ (ତେଲଙ୍ଗୀ ବାଜା) । ଘରଭିତରେ କୁକୁଡ଼ା ପାଳନ (କୁକୁଡ଼ା ଜାତି ବାଛିବା ଆଲୋଚନା କାର୍ଯ୍ୟକ୍ରମ) । ଚିଠିପତ୍ରର ଉତ୍ତର । ବୀଣାପାଣି ମହାପାତ୍ର (ଓଡ଼ିଶୀ ଓ ପଲ୍ଲୀସ୍ୱର ଗୀତ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୪-୫-୬୦, ଶନିବାର

ପରଶୁରାମ ପଟ୍ଟନାୟକ—'ମୁଠାଏ ମାଟି' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ) । ବୈରାଗୀଚରଣ ମିଶ୍ର (ରାମାୟଣ ପାଠ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୫-୫-୬୦, ରବିବାର

ବାହାର ଦୁନିଆ । ମୁରଲୀଧର ବରେଣାଇ ଓ ଦଳ (ଦାସକାଠିଆ) । ଖେତଖମାର । ସୁଧାମଣି ମହାପାତ୍ର (ଗଳ୍ପ) । ସପ୍ତାହର ହାଟଦର । ପାଣିପାଗ । ଆସନ୍ତା ସପ୍ତାହର କାର୍ଯ୍ୟକ୍ରମ ।

ତା ୧୬-୫-୬୦, ସୋମବାର

ଈଶ୍ୱର ପଣ୍ଡା ଓ ଦଳ (ଖଞ୍ଜଣି ଭଜନ) । ଜ୍ୟେଷ୍ଠରେ କୃଷିକର୍ମ (ଆଲୋଚନା କାର୍ଯ୍ୟକ୍ରମ) । ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି । ଲୋକନାଥ ରଥ (ଭାଷଣ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୭-୫-୬୦, ମଙ୍ଗଳବାର

ଶରବର ଶାହ (ଧୁଡ଼ୁକି ଗୀତ) । ପଲ୍ଲୀଶ୍ରୋତା ମଣ୍ଡଳୀ — ଡାକ୍ତର ଏନ୍. ବି. ପଟ୍ଟନାୟକ (କଲେରା ରୋଗର ନିରାକରଣ) ।

ତା ୧୮-୫-୬୦, ବୁଧବାର

ପଣ୍ଡିତ ବାସୁଦେବ ମିଶ୍ର (ଭାଗବତ ପାଠ) । ରବିନାରାୟଣ ନାଥ (କେନ୍ଦ୍ରାଗୀତ) । ଚଟିଘରର ଖବର । ସୁଶୀଲ କୁମାର ପରମାଣିକ (ଗଳ୍ପ ଓ ଭାଷଣ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୧୯-୫-୬୦, ଗୁରୁବାର

ଗୋବର୍ଦ୍ଧନ ଧଳ ଓ ଦଳ (ପାଲା) । କୃଷକ-ବନ୍ଧୁଙ୍କ ପତ୍ର । ସ୍ୱଳ୍ପସଞ୍ଚୟ ଯୋଜନା (ଆଲୋଚନା କାର୍ଯ୍ୟକ୍ରମ) । ଶ୍ୟାମମଣି ପଟ୍ଟନାୟକ (ଭାଷଣ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୦-୫-୬୦, ଶୁକ୍ରବାର

ବୈଷ୍ଣବଚରଣ ଗୁରୁ (କେନ୍ଦ୍ରା ଭଜନ) । ଭଞ୍ଜନଗରର ଚମଡ଼ା ଶିଳ୍ପ ସମିତି (ତଥ୍ୟସମ୍ବଳିତ ଓଡ଼ିଆ ରୂପକ) । ଚଟିଘରର ଖବର । ନାରାୟଣ ବେହେରା (ଓଡ଼ିଶୀ ଚମ୍ପୂ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୧-୫-୬୦, ଶନିବାର

କାଳନ୍ଦୀ ଚରଣ ପାଣିଗ୍ରାହୀ — (ଓଡ଼ିଆ ନାଟକ କାର୍ଯ୍ୟକ୍ରମ) । ଅଭୟ ଚରଣ ପଟ୍ଟନାୟକ (ରାମାୟଣ ପାଠ) । ସଙ୍ଗୀତ । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୨-୫-୬୦, ରବିବାର

ବ୍ରଜମୋହନ ଦାସ ଓ ଦଳ (ପାଲା) । ବାହାର ଦୁନିଆ । ଖେତ ଖମାର । ସୁମତି ଦେବୀ (ପଲ୍ଲୀ-ସ୍ୱର ଗୀତ) । ସପ୍ତାହର ହାଟ ଦର । ପାଣିପାଗ । ଆସନ୍ତା ସପ୍ତାହର କାର୍ଯ୍ୟକ୍ରମ ।

ତା ୨୩-୫-୬୦, ସୋମବାର

ଡାକ୍ତର ଏସ୍. ସି. ପଣ୍ଡା — ଯକ୍ଷ୍ମା ରୋଗର ଭୟଙ୍କରତା ଓ ତାର ନିବାରଣ (ଆଲୋଚନା କାର୍ଯ୍ୟକ୍ରମ । ଶ୍ରୀମତୀ ପ୍ରଫୁଲ୍ଲକୁମାରୀ ଦାସ (ପଲ୍ଲୀସ୍ୱର ଗୀତ ଓ ଭାଷଣ) । ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି । କିଶୋରଚନ୍ଦ୍ର ପଟ୍ଟନାୟକ (ଗଳ୍ପ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

ତା ୨୪-୫-୬୦, ମଙ୍ଗଳବାର

ବ୍ରଜକିଶୋର ନାୟକ ଓ ଦଳ (ଖଞ୍ଜଣୀ ଭଜନ) । ପଲ୍ଲୀଶ୍ରୋତାମଣ୍ଡଳୀ—କେ. ଏନ୍. ହୋତା (ଜାପାନୀ ପ୍ରଣାଳୀରେ ଚାଷ କରିବା) ।

ତା ୨୫-୫-୬୦, ବୁଧବାର

କୃଷ୍ଣମୋହନ ପଣ୍ଡା (ଭାଗବତ ପାଠ) । ବରଜୁ ଭୋଇ ଓ ଦଳ (ଶବଦ ଗୀତ) । ଚଟିଘରର ଖବର । ନବକିଶୋର ମିଶ୍ର (କଣ୍ଠ ସଙ୍ଗୀତ) । ବଜାର ପରିସ୍ଥିତି । ପାଣିପାଗ । କାଲି କଅଣ କରିବା ।

# ଉତ୍କଳ ପ୍ରସଙ୍ଗ

ତା୨୬-୫-୬୦, ଗୁରୁବାର

ଆମେ ଚାଷୀ (ଆଲୋଚନା କାର୍ଯ୍ୟକ୍ରମ)। ମୁରଲୀଧର ନାୟକ (ଖଞ୍ଜଣୀ ଭଜନ)। ଜୀବନବୀମା କର୍ପୋରେଶନ (ଆଲୋଚନା କାର୍ଯ୍ୟକ୍ରମ)। ତୃପ୍ତି ଘୋଷ (ଭଜନ)। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା୨୭-୫-୬୦, ଶୁକ୍ରବାର

ରଘୁନାଥ ମହାନ୍ତି ଓ ଦଳ (ଦାସକାଠିଆ) ଚଉତିଶର ଭଜନ। ବଜାର ପରିସ୍ଥିତି। ପାଣିପାଗ। ନିମାଇ ଚରଣ ହରିଚନ୍ଦନ (ଜଣାଣ)। କାଲି କଅଣ କରିବା।

ତା୨୮-୫-୬୦, ଶନିବାର

ନୃସିଂହ ମହାପାତ୍ର—'ନୀଳ ଆକାଶ' (ଓଡ଼ିଆ ନାଟକ କାର୍ଯ୍ୟକ୍ରମ)। ଚନ୍ଦ୍ରମଣି ମିଶ୍ର (ରାମାୟଣ ପାଠ)। ବଜାର ପରିସ୍ଥିତି। ପାଣିପାଗ। କାଲି କଅଣ କରିବା।

ତା୨୯-୫-୬୦, ରବିବାର

ବିଚିତ୍ରା କାର୍ଯ୍ୟକ୍ରମ— ରାଧାଗୋବିନ୍ଦ ପଟ୍ଟନାୟକ (ପଲ୍ଲୀସ୍ୱର ଗୀତ)। ଆସନ୍ତା ସପ୍ତାହର କାର୍ଯ୍ୟକ୍ରମ। ସପ୍ତାହର ନୋଟ ବହି। ପାଣିପାଗ।

ତା୩୦-୫-୬୦, ସୋମବାର

ବଳରାମ ଦାସ ଓ ଦଳ (ଖୋଳ ଏବଂ ଖଞ୍ଜଣୀ) ସେ ଗାଁ କଥା। ପ୍ରଫୁଲ୍ଲକୁମାର ସିଂହ ଦେଓ (ପଲ୍ଲୀସ୍ୱର ଗୀତ)। ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି କଥା। ପାଣିପାଗ। କାଲି କଅଣ କରିବା।

ତା୩୧-୫-୬୦, ମଙ୍ଗଳବାର

ଭୁବନାନନ୍ଦ ନାଥ ଓ ଦଳ (କେନ୍ଦ୍ରା ଓ ଏକତାରା ଭଜନ)। ପାଣିପାଗ। କାଲି କଅଣ କରିବା। ବଜାର ପରିସ୍ଥିତି। ପଲ୍ଲୀଶ୍ରୋତାମଣ୍ଡଳୀ— ବି. ଜେଠି (ଗୋ-ଜାତିର ତୃଣ ଖାଦ୍ୟ, ଆଲୋଚନା କାର୍ଯ୍ୟକ୍ରମ)।

# ଇନାମ ତମସୁକ

## ( ସଞ୍ଚୟନର ନୂତନ ଉଦ୍ୟମ )

୧୯୬୦ ମସିହା ଅପ୍ରେଲ ପହିଲା ତାରିଖରେ ସମଗ୍ର ଦେଶରେ ଇନାମ ତମସୁକ (ପ୍ରାଇଜ୍ ବଣ୍ଡ୍) ଣ୍ଟଲ୍ଲକରାଯିବା ଦ୍ୱାରା ଜନସାଧାରଣ ସଂଚୟର ଆଜି ଏକ ନୂତନ ସୁଯୋଗ ପାଇଲେ । ଏ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଥିବା ଦେଶମାନଙ୍କ ମଧ୍ୟରେ ଭାରତ ତୃତୀୟ ; ଅନ୍ୟ ଦୁଇଟି ଦେଶ ହେଉଛି ବ୍ରିଟେନ ଓ ଫ୍ରାନ୍ସ । ଏ ଦୁଇ ଦେଶରେ ଇନାମ ତମସୁକ ଯୋଜନା ବେଶ ଲୋକପ୍ରିୟ ହୋଇଛି । କିନ୍ତୁ ଆମ ଦେଶପ୍ରତି ଇନାମ ତମସୁକ ନୂଆ ନୁହେଁ । ଦ୍ୱିତୀୟ ମହାଯୁଦ୍ଧ ସମୟରେ ପ୍ରାୟ ଦୁଇ ବର୍ଷ ପାଇଁ ଏଇ ଯୋଜନାଟି ଣ୍ଟଲ୍ଲ କରାଯାଇଥିଲା । ଯୁଦ୍ଧ-ଉଦ୍ୟମରେ ସାହାଯ୍ୟ କରିବା ଏବଂ ମୁଦ୍ରାସ୍ଫୀତି ରୋକିବା ଉଦ୍ଦେଶ୍ୟରେ ଏହା ପ୍ରବର୍ତ୍ତିତ ହୋଇଥିଲା । ତେବେ ସେତେବେଳେ ପୁରସ୍କାରର ଅଂଶ ଓ ସଂଖ୍ୟା ଯାହା ଥିଲା, ତାହା ବିଶେଷ ଲୋଭନୀୟ ନ ଥିଲା । ବା' ଛଡ଼ା ପୁରସ୍କାର ପାଇବାର ସମ୍ଭାବନା ମଧ୍ୟ କମ ଥିଲା ।

କିନ୍ତୁ ବର୍ତ୍ତମାନ ପ୍ରବର୍ତ୍ତନ କରାଯାଇଥିବା 'ଇନାମ ତମସୁକ' ଯୋଜନାଟି ଉଲ୍ଲିଖିତ ସମସ୍ତ ଆବଶ୍ୟକତା ପୂରଣ କରୁଛି । ବର୍ତ୍ତମାନ ଦୁଇଟି ମୂଲ୍ୟରେ ଇନାମ ତମସୁକଗୁଡ଼ିକ ଣ୍ଟଲ୍ଲକରାଯାଉଛି—ଗୋଟିଏ ହେଉଛି ଶହେଟଙ୍କିଆ ତମସୁକ, ଅନ୍ୟଟି ପାଞ୍ଚଟଙ୍କିଆ ତମସୁକ । ଫଳରେ ସବୁ ଶ୍ରେଣୀର ଲୋକେ ଏହା ନେଇ ପାରିବେ । ୧୦୦ ଟଙ୍କିଆ ତମସୁକର ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ମୋଟ ଇନାମର ମୂଲ୍ୟ ହେଉଛି ୯୨ ହଜାର ଟଙ୍କା । ଏହା ୪୦ଟି ଇନାମରେ ବିଭକ୍ତ । ପ୍ରଥମ ଇନାମର ପୁରସ୍କାର ମୂଲ୍ୟ ହେଉଛି ୨୫ ହଜାର ଟଙ୍କା । ପାଞ୍ଚଟଙ୍କିଆ ତମସୁକର ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ମୋଟ ଇନାମର ମୂଲ୍ୟ ହେଉଛି ୪୬ ହଜାର ଟଙ୍କା । ଏହା ୨୮୮ଟି ପୁରସ୍କାର ପାଇଁ ନିର୍ଦ୍ଦିଷ୍ଟ ହୋଇଛି । ଏହାର ପ୍ରଥମ ପୁରସ୍କାର ହେଉଛି ୨ ହଜାର ୫ ଶହ ଟଙ୍କା । ଏହି ଇନାମଗୁଡ଼ିକ ପ୍ରତି ତିନି ମାସରେ ଥରେ ଲେଖାଏଁ ଦିଆଯିବ ଏବଂ ଏହିପରି ପାଞ୍ଚ ବର୍ଷଯାଏ ଚାଲିବ । ଦୃଷ୍ଟାନ୍ତ ସ୍ୱରୂପ ଏଠାରେ କୁହାଯାଇପାରେ ଯେ ଆଗାମୀ ତିନି ମାସ ମଧ୍ୟରେ ଯେଉଁ ଇନାମ ତମସୁକ କଣାଯିବ, ସେଥିରେ ଇନାମ ପାଇବାପାଇଁ ସର୍ବାଧିକ ୧୯ଟି ସମ୍ଭାବନା ରହିବ । ଆହୁରି ମଧ୍ୟ ଯେଉଁ ତମସୁକରେ ଇନାମ ମିଳିଗଲାଣି, ଭବିଷ୍ୟତରେ ମଧ୍ୟ ତାହା ବ୍ୟବହୃତ ହୋଇପାରିବ ଏବଂ ତାହା ଜରିଆରେ ହୁଏତ ଆହୁରି ଅଧିକ ଇନାମ ମିଳିବ । ଇନାମ ପାଇବାକୁ ହେଲେ ପ୍ରତ୍ୟେକ ତମସୁକ ଇନାମ ପାଇବାର ନିର୍ଦ୍ଦିଷ୍ଟ ଦିନଠାରୁ ଦୁଇ ମାସ ଆଗରୁ କଣାଯାଇଥିବା ଉଚିତ । ଏହି ଇନାମପ୍ରତି ଆୟକର ଲାଗୁହେବ ନାହିଁ । ପାଞ୍ଚବର୍ଷ ପରେ, ଅର୍ଥାତ ୧୯୬୫ ମସିହା ଅପ୍ରେଲ ପହିଲା ତାରିଖ ପରେ ତମସୁକ ଟଙ୍କା ନେତାଙ୍କୁ ଫେରସ୍ତ ଦିଆଯିବ । ଏଥିରେ କୌଣସି ସୁଧ ମିଳିବ ନାହିଁ । କାରଣ ଶତକଡ଼ା ବାର୍ଷିକ ସାଢ଼େ ତିନି ଟଙ୍କା ହିସାବରେ ଯେଉଁ ସୁଧ ମିଳନ୍ତା, ତାହା ଇନାମ ଆକାରରେ ଦିଆଯାଇ ସାରିଥିବ ।

ଇନାମ ତମସୁକଗୁଡ଼ିକ ବାହକ ତମସୁକରୂପେ ପରିଗଣିତ ହେବ । ଏହି ତମସୁକ କିଣିବାପାଇଁ କୌଣସି ଫର୍ମ ପୂରଣ କରିବାକୁ ପଡ଼ିବ ନାହିଁ କିମ୍ବା ଆନୁଷ୍ଠାନିକଭାବେ ଅନ୍ୟ କୌଣସି କାର୍ଯ୍ୟ କରିବାକୁ

ହେବ ନାହିଁ । ଏହି ତମସୁକ ବିକ୍ରି କରିବାକୁ କ୍ଷମତାପ୍ରାପ୍ତ ଅଫିସରେ ଟଙ୍କା ଦେଲେ ତମସୁକ ମିଳିଯିବ । ତମସୁକ ଉପରେ କ୍ରେତାଙ୍କ ନାମ ଲେଖା ରହିବ ନାହିଁ । ଫଳରେ ତମସୁକଟି ଯାହା ପାଖରେ ଥିବ, ସେହି ତାହାର ମାଲିକ ଏବଂ ତମସୁକଧାରୀ ଲୋକଙ୍କୁହିଁ ଇନାମ ଟଙ୍କା ମିଳିବ । ସେହିପରି କୌଣସି ତମସୁକ ହଜିଗଲେ ଅଥବା ନଷ୍ଟ ହୋଇଗଲେ, ସେଥିପାଇଁ କୌଣସି ଦାବୀ ଗ୍ରହଣ କରାଯିବ ନାହିଁ । କେତେ ପରିମାଣରେ ତମସୁକ କିଣାଯିବ, ତାହାର କୌଣସି ସୀମା ନିର୍ଦ୍ଧାରିତ ହୋଇନାହିଁ । ତେବେ ପାଞ୍ଚବର୍ଷର ମିଆଦ ନ ପୂରିବା ପର୍ଯ୍ୟନ୍ତ ତମସୁକ-ଟଙ୍କା ଫେରସ୍ତ ମିଳିବ ନାହିଁ ।

ଜନସାଧାରଣଙ୍କ ଅନୁରୋଧକ୍ରମେ ଇନାମ ତମସୁକ ଯୋଜନାଟି ପ୍ରବର୍ତ୍ତନ କରାଯାଇଛି । ତେଣୁ ଏହା ଏକ ଜନତା-ଯୋଜନା । ଏହାର ଗୋଟିଏ ସୁବିଧା ହେଉଛି ଏହି ଯେ, ଏ ଯୋଜନାରେ ସଂଗୃହୀତ ଟଙ୍କା ଜାତୀୟ ବିକାଶଯୋଜନାରେ ଖର୍ଚ୍ଚ ହେବ । ଏହାର ସୁଧ ଇନାମ ଆକାରରେ ଦିଆଯିବ । ଭାଗ୍ୟବାନ ତମସୁକଧାରୀମାନେ ଏହି ଇନାମ ପାଇବେ । କୌଣସି ତମସୁକ ଯଦି ଆଦୌ ଇନାମ ପାଇ ନ ପାରେ, ତେବେ ବି ତମସୁକଟି ମୂଲ୍ୟହୀନ ହୋଇଯିବ ନାହିଁ । ୧୯୬୫ ମସିହା ଏପ୍ରିଲ ପହିଲା ତାରିଖ ବା ତା'ପରଠାରୁ ତମସୁକଧାରୀଙ୍କୁ ତାଙ୍କ ତମସୁକର ସମାନ ମୂଲ୍ୟ ଫେରସ୍ତ ଦିଆଯିବ ।

ପ୍ରତି ଛଅ ମାସରେ ଥରେ ଲେଖାଏଁ ଇନାମ ଟଣାହେବ । ଏହି କାର୍ଯ୍ୟ ଭାରତ ସରକାର ଏବଂ ବିଶିଷ୍ଟ ବେସରକାରୀ ବ୍ୟକ୍ତିଙ୍କୁ ନେଇ ଗଠିତ କମିଟିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେବ । ୧୯୬୦ ମସିହା ସେପ୍ଟେମ୍ବର ପହିଲା ତାରିଖରେ ପ୍ରଥମ ଥର ପାଇଁ ଇନାମ ଟଣାଯିବ । ସେ ଦିନ ଯେଉଁ ତମସୁକଗୁଡ଼ିକର ଇନାମ ମିଳିବ, ତାହା "ଗେଜେଟ୍ ଅଫ୍ ଇଣ୍ଡିଆ" ଓ ସମ୍ବାଦପତ୍ରମାନଙ୍କରେ ପ୍ରକାଶ କରାଯିବ ।

ଅର୍ଥମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇଙ୍କ ଦ୍ୱାରା ୧୯୬୦ ମସିହା ଏପ୍ରିଲ ପହିଲା ତାରିଖରେ ଦିଲ୍ଲୀ ବଡ଼ ଡାକଘରେ ଉକ୍ତ ଯୋଜନାଟି ଉଦ୍‌ଘାଟିତ ହୋଇଛି ।

## ତମସୁକର ରୂପରେଖ

ପାଞ୍ଚଟଙ୍କିଆ ଓ ଶହେଟଙ୍କିଆ ଦୁଇଟିଯାକ ତମସୁକ ତାରକାଚିହ୍ନିତ ଭାରତ ସରକାରଙ୍କ ଜଳଚିହ୍ନ କାଗଜରେ ମୁଦ୍ରିତ । ଏହାର ଆକାର ୮"×୬.୫/୧୬" ।

**ସାମନା ପାଖ :** ଏ ଉଭୟ ମୂଲ୍ୟର ତମସୁକର ନକ୍‌ସା ବା ଡିଜାଇନ୍ ଗୋଟିଏ ପ୍ରକାରର । ଏହା ସୂକ୍ଷ୍ମ ଗୋଲାପ ସଦୃଶ ସୀମାରେଖା ମଧ୍ୟରେ ଆବଦ୍ଧ ଏବଂ ଦୁଇଟି ଭିନ୍ନ ରଙ୍ଗରେ ମୁଦ୍ରିତ ହୋଇଛି । ପାଞ୍ଚଟଙ୍କିଆ ତମସୁକ ବାଇଗଣୀ ରଙ୍ଗରେ ଏବଂ ଶହେଟଙ୍କିଆ ତମସୁକ ଗାଢ଼ ବାଦାମୀ ରଙ୍ଗରେ ମୁଦ୍ରିତ ହୋଇଛି । ଉଭୟ ତମସୁକର ମୂଲ୍ୟ ଚାରିକୋଣରେ ଅଙ୍କରେ (ଟ୫୲ ଓ ଟ୧୦୦୲) ଦିଆଯାଇଛି । ଉପରିଭାଗ ସୀମାରେଖାର ମଧ୍ୟସ୍ଥଳରେ ଅଶୋକ ସ୍ତମ୍ଭର ସିଂହଚିହ୍ନ ସହ "ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ" ଶବ୍ଦମାଳା ଲେଖାଯାଇଛି । ସୀମାରେଖାଦ୍ୱାରା ଆବଦ୍ଧ ସ୍ଥାନରେ ତମସୁକର ବର୍ଣ୍ଣନା ମୁଦ୍ରିତ ହୋଇଛି । ଖୁବ୍ ଛୋଟ ଛୋଟ ଅକ୍ଷରରେ "ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ" ଏବଂ ଖୁବ୍ ବଡ଼ ଧଳା ଅକ୍ଷରରେ "ପାଇଜ୍

ଉପର ଇଣ୍ଟରେଷ୍ଟ-ଫ୍ରି ପ୍ରାଇଜ୍ ବଣ୍ଡ୍" ଲେଖାଥିବା ଏବଂ ସୁସ୍ପଷ୍ଟ ଜଳଚିହ୍ନିତ ହୋଇଥିବା ଏକ ପ୍ରଜାପତି ଉପରେ ଏହି ବର୍ଣ୍ଣନା ଦିଆଯାଇଛି । ପାଞ୍ଚଟଙ୍କିଆ ତମସୁକର ଏହି ବନ୍ଦ୍ ଚିହ୍ନର ଆସ୍ତ ଇଷତ୍ ନାଲ ଏବଂ ଶହେଟଙ୍କିଆ ତମସୁକର ଇଷତ୍ ନୀଳବାଦାମୀ । ଏହି ନୂଆ ଧରଣର ତମସୁକର ଆଉ ଏକ ଉଲ୍ଲେଖଯୋଗ୍ୟ ପାର୍ଥକ୍ୟ ହେଉଛି ଯେ ପାଞ୍ଚଟଙ୍କିଆ ତମସୁକରେ ଦୋହର ବର୍ଣ୍ଣର ଆଦ ସଙ୍କେତ ଏବଂ ଶହେ ଟଙ୍କିଆ ତମସୁକରେ ଗୋଟିଏ ବର୍ଣ୍ଣର ଆଦ ସଙ୍କେତ ଦିଆଯାଇଛି । ତମସୁକର ନମ୍ବର ଦୁଇଟି ସ୍ଥାନରେ; ଅର୍ଥାତ ଉପରିଭାଗର ଦକ୍ଷିଣ ପାର୍ଶ୍ୱରେ ଏବଂ ନିମ୍ନଭାଗର ବାମପାର୍ଶ୍ୱରେ ଦିଆଯାଇଛି । ସବୁ ତମସୁକର ନିମ୍ନଭାଗର ଦକ୍ଷିଣପାର୍ଶ୍ୱରେ ଭାରତ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶ୍ରୀ ଏଚ୍. ଭି. ଆର୍. ଆୟେଙ୍ଗାରଙ୍କ ସ୍ୱାକ୍ଷର ରହିଛି ।

ପଛ ପାଖ : ନୂଆ ତମସୁକର ପଛପାଖରେ ସାମନା ପାଖ ଭଳି ଗୋଟିଏ ପ୍ରକାରର ସୀମା ନକ୍ସା ରହିଛି । ତାହାମଧ୍ୟରେ ପୁରସ୍କାରର ସଂଖ୍ୟା ଓ ସେ ସମ୍ପର୍କରେ ସବିଶେଷ ବିବରଣୀ, ଇନାମ ଟଣାଯିବାର ତାରିଖ ଆଦି ଦିଆଯାଇଛି ଏବଂ ପାଞ୍ଚଟଙ୍କିଆ ତମସୁକ ବାଇଗଣୀ ରଙ୍ଗରେ ଏବଂ ଶହେ ଟଙ୍କିଆ ତମସୁକ ଗାଢ଼ ବାଦାମୀ ରଙ୍ଗରେ ମୁଦ୍ରିତ ହୋଇଛି । ତମସୁକର ମୂଲ୍ୟ ସୀମାରେଖାର ପୃଷ୍ଠଭାଗରେ ବଡ଼ ଆକାରରେ ଅଙ୍କରେ ( ଟ ୫/ ଓ ଟ ୧୦୦/ ) ଲେଖାଯାଇଛି ।

# କମ୍ୟୁନିଟି ରେଡ଼ିଓ ରଖିଥିବା ଅନୁଷ୍ଠାନମାନଙ୍କ ଜାଣିବା କଥା

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ପକ୍ଷରୁ ବଣ୍ଟାଯାଇଥିବା କମ୍ୟୁନିଟି ରେଡ଼ିଓଗୁଡ଼ିକ ଯେଉଁ ଅନୁଷ୍ଠାନଙ୍କ ନିକଟରେ ଅଛି ବା ଭବିଷ୍ୟତରେ ଯେଉଁମାନଙ୍କ ନିକଟରେ ରହିବ, ସେମାନଙ୍କ ସୁବିଧା ପାଇଁ ସ୍ୱରାଷ୍ଟ୍ର (ଲୋକସମ୍ପର୍କ) ବିଭାଗ ପକ୍ଷରୁ ପ୍ରତି ଜିଲ୍ଲା ପାଇଁ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି । ସେମାନେ ରେଡ଼ିଓ ଠିକ୍ କରିଦେବେ ଏବଂ ଦରକାରବେଳେ ରେଡ଼ିଓଗୁଡ଼ିକ ବିନା ଫିସ୍‌ରେ ମରାମତି କରିଦେବେ । ଆବଶ୍ୟକୀୟ ରେଡ଼ିଓ ପାର୍ଟସ ମାରଫତ୍‌ଦାରଙ୍କୁ ଯୋଗାଇବାକୁ ପଡ଼ିବ । ରେଡ଼ିଓ ଇନ୍‌ସପେକ୍ଟରଙ୍କ ନାମ ଓ ହେଡ଼ କ୍ୱାର୍ଟରସ 'ଉତ୍କଳ ପ୍ରସଙ୍ଗ'ରେ ଆଗରୁ ଜଣାଇ ଦିଆଯାଇଛି । ରେଡ଼ିଓ କିଛି ଖରାପ ହେଲେ ଜିଲ୍ଲା ଲୋକସମ୍ପର୍କ ବିଭାଗ ଅଫିସରଙ୍କୁ ଜଣାଇଲେ ସେମାନେ ଆସି ମରାମତି କରିଦେବେ । ରେଡ଼ିଓ ସମ୍ପର୍କୀୟ ଆବଶ୍ୟକୀୟ ସମ୍ବାଦ ରେଡ଼ିଓ ଇନ୍‌ସପେକ୍ଟରମାନଙ୍କଠାରୁ ମିଳିପାରିବ ।

ଯେଉଁମାନେ ରେଡ଼ିଓ ପାଇଁ ଆଗତୁରା ଟଙ୍କା ପଠାଇବାକୁ ଚାହାନ୍ତି, ସେମାନେ ଆସେମ୍ବ୍ଲି ସଭ୍ୟ, ସ୍ଥାନୀୟ ପଞ୍ଚାୟତର ସରପଞ୍ଚ କିମ୍ବା କୌଣସି ଗେଜେଟେଡ଼ ଅଫିସରଙ୍କର ଏବଂ ଅନ୍ୟାନ୍ୟ ସ୍ଥାନୀୟ ସୁପାରିସ ସହ ଟ୨୫୦/- ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କଠାରେ ଜମା ଦେଇ ପାରନ୍ତି । ପ୍ରତି ରେଡ଼ିଓ ପାଇଁ ବର୍ଷକୁ ୨ଟି ବ୍ୟାଟେରି ଦରକାର ହେବ ଓ ତାର ଦାମ ଆନୁମାନିକ ଟ୧୦୦/- ହେବ ଓ ଲାଇସେନ୍‌ସ ପାଇଁ ଟ ୧୦/- ପଡ଼ିବ—ଏହିପରି ବାର୍ଷିକ ଟ ୧୧୦/- ଦେବାଭଳି ଯେଉଁ ଅନୁଷ୍ଠାନମାନଙ୍କର ଶକ୍ତି ଥିବ, କେବଳ ସେହିମାନେ ରେଡ଼ିଓ ପାଇଁ ଟଙ୍କା ଜମା କରି ଦରଖାସ୍ତ କରିବା ଦରକାର ।